

ଆଇପିଏଲ୍ ଫାଇନାଲ୍
ବେଙ୍ଗାଲୁରୁ-ପଞ୍ଜାବ ଲଢ଼େଇ

▶ପୃଷ୍ଠା ୧୨ ଦେଖନ୍ତୁ...



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in


# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-334 •BHUBANESWAR •MONDAY •2 JUNE 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୨ •ସଂଖ୍ୟା-୩୩୪ •ଭୁବନେଶ୍ୱର •ସୋମବାର •୨ ଜୁନ୍ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦





# ପ୍ରଥମ ପ୍ରେମିକ ଠାରୁ ୩୦ କୋଟି ନେଇ ଦ୍ୱିତୀୟ ପ୍ରେମିକ ସହ ଫେରାର

## ଧୂର୍ତ୍ତ ପ୍ରେମିକା

ଓଟାୱା, ୧।୬ (ଏଜେନ୍ସି):

ଜୀବନ ଦେଇ ଭଲ ପାଉଥିଲେ। ନିଜଠାରୁ ଅଧିକ ଭରସା କରିଥିଲେ। ଲିଭ୍-ଇନ୍‌ରେ ରହୁଥିଲେ। ଦେଢ଼ ବର୍ଷ ହେଲା ସମ୍ପର୍କରେ ଥିଲେ। ସାରା ଜୀବନ ରହିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଅର୍ଥର ଲୋଭ କାଳ ପାଲଟି ଗଲା। ପ୍ରେମିକ ଦେଇଥିବା ୩୦ କୋଟି ଟଙ୍କାର ଲଟେରି ପାଇଁ ଦେଢ଼ ବର୍ଷର ସମ୍ବନ୍ଧ ଦେଢ଼ ଦିନରେ ଭାଙ୍ଗିଗଲା। ପ୍ରେମିକର ବିଶ୍ୱାସକୁ ଦଳି ଚକଟି ଦେଇ ପ୍ରେମିକା ୩୦ କୋଟି ଟଙ୍କା ଧରି ଦ୍ୱିତୀୟ ପ୍ରେମିକା ସହ ପଳାଇ ଥିଲା। କାନାଡ଼ାର ୱିନପେଗ୍‌ରେ ଏହି ଘଟଣା ଘଟିଛି। ଏବେ ପ୍ରେମିକ ଲରେନ୍ସ କାମ୍ପବେଲ୍ ପୂର୍ବତନ ପ୍ରେମିକାକୁ କୋର୍ଟକୁ ଟାଣିଛି।

ସୂଚନା ଅନୁଯାୟୀ ଲରେନ୍ସ ୨୦୨୪ରେ ଏକ ଲଟେରି ଟିକେଟ କିଣିଥିଲେ। କିନ୍ତୁ ଉପଯୁକ୍ତ ପରିଚୟ ପତ୍ର ନ ଥିବାରୁ ଲେଟେରୀ ଅଧିକାରୀଙ୍କ ପରାମର୍ଶ ନେଇ ସେ ପ୍ରେମିକା କ୍ରିଷ୍ଟାଲ ଅନା ମ୍ୟାକେଙ୍କୁ ୱେଷ୍ଟର୍ଣ୍ଣ କାନାଡା ଲଟେରି କର୍ପୋରେସନ (ଡବ୍ଲ୍ୟୁସିଏଲସି)ରୁ ପୁରସ୍କାର ଗ୍ରହଣ ପାଇଁ କହିଥିଲେ। ମ୍ୟାକେଙ୍କୁ ସେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ। ପ୍ରେମ ପ୍ରଣୟରେ ଉଭୟେ ପରସ୍ପରକୁ ବହୁତ ସମ୍ମାନ ଦେଉଥିଲେ। ତେଣୁ ଭରସାର ନ କରିବାର ପ୍ରଶ୍ନ ଉଠୁ ନ ଥିଲା। ଲରେନ୍ସଙ୍କ ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ନ ଥିଲା। ତେଣୁ ସେ ପ୍ରେମିକାଙ୍କୁ ନିଜ ଖାତାରେ ୫ ନିୟୁତ ଡଲାର (କାନାଡୀୟ) ଟଙ୍କା ଡିପୋଜିଟ କରିବାକୁ କହିଥିଲେ। ପ୍ରଥମେ ତ ସବୁକିଛି ଠିକ୍ ଥିଲା। ଉଭୟେ ଚେକ୍ ସହ ଖୁସିରେ ଭିଡିଓ ରେକର୍ଡ଼ି କରି ତାହାକୁ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏଥିରେ ମ୍ୟାକେ ବହୁତ ଖୁସି ଥିବା ଦେଖାଯାଉଛି। କିନ୍ତୁ ଏହା ପରେ ସ୍ଥିତି ବଦଳି ଯାଇଥିଲେ। ମ୍ୟାକେ ଏହି ଲଟେରିକୁ ନିଜର ଜନ୍ମଦିନ ଉପହାର କହିବା ଆରମ୍ଭ କରିଦେଇଥିଲେ। ଏହା ପରେ ଧିରେ ଧିରେ କାମ୍ପବେଲଙ୍କଠାରୁ ଦୂରେଇବାରେ ଲାଗିଥିଲେ। ଉଭୟେ ଏକାଠି ରହୁଥିବା ହୋଟଲେକୁ ମଧ୍ୟ ଆସି ନ ଥିଲେ। ଟଙ୍କା ନ ଫେରାଇ ସମସ୍ତ ସମ୍ପର୍କ କଟାଇ ଦେଇଥିଲେ। ଫୋନ୍ ବି ଉଠାଇ ନ ଥିଲେ। ବାର୍ତ୍ତାର ଉତ୍ତର ବି ଦେଇ ନ ଥିଲେ। ସୋସିଆଲ ମିଡିଆରେ ବ୍ଲକ କରି ଦେଇଥିଲେ। କେବଳ ସେତିକି ନୁହେଁ ପୁଲିସଠାରୁ ସୁରକ୍ଷା ମଧ୍ୟ ମାଗିଥିଲେ। ଏହା ମଧ୍ୟରେ କାମ୍ପବେଲ ପ୍ରେମିକାକୁ ନ ପାଇ ପାଗଳ ପ୍ରାୟ ହୋଇ ଯାଇଥିଲେ। ବୁଲି ବୁଲି ତାଙ୍କୁ ଖୋଜିଥିଲେ। ଶେଷରେ ଆଉ ଜଣଙ୍କ ସହ ଉତ୍ତେଜକ ଅବସ୍ଥାରେ ମ୍ୟାକେଙ୍କୁ ଦେଖିବାକୁ ପାଇ ଲରେନ୍ସ ନିଜକୁ ଘୃଣା କରିବାରେ ଲାଗିଥିଲେ। ଶେଷରେ ନିରାଶ ହୋଇ ସେ ମାନିଟୋବାର 'କୋର୍ଟ ଅଫ୍ କିଙ୍ଗସ୍ ବେଞ୍ଚ'ରେ ମାମଲା ରୁଜୁ କରିଥିଲେ।




## ଶେଖ ହସିନାଙ୍କ ବିରୋଧରେ ମକଦ୍ଦମା ଆରମ୍ଭ



ଢ଼ାକା, ୧।୬ (ଏଜେନ୍ସି): ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ମାନବତା ବିରୋଧରେ ଅପରାଧ କାରଣରୁ ମକଦ୍ଦମା ଆରମ୍ଭ କରାଯାଇଛି। ଏ ନେଇ ବିଧିବଦ୍ଧ ଭାବେ ଟ୍ରାଏଲ ଆରମ୍ଭ ହୋଇଛି। ବାଂଲାଦେଶର ଇଣ୍ଟରନ୍ୟାସନାଲ କ୍ରାଇମ୍ ଟ୍ରିବ୍ୟୁନାଲ (ଆଇସିଟି) ରବିବାର ଆନୁଷ୍ଠାନିକ ଭାବେ ତାଙ୍କ ବିରୋଧରେ ବିଭିନ୍ନ ଅପରାଧ ମାମଲାର ମକଦ୍ଦମା ଆରମ୍ଭ କରିଛି। ଚିଫ୍ ପ୍ରସିକ୍ୟୁଟର ତାଜୁଲ ଇସଲାମ୍ ଟ୍ରିବ୍ୟୁନାଲରେ ଏହି ଅଭିଯୋଗ ନେଇ ମମାଲା ରୁଜୁ କରିଛନ୍ତି। ମେ ୧୨ରେ ଟ୍ରିବ୍ୟୁନାଲର ଯାଞ୍ଚ ଏଜେନ୍ସି ହସିନାଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ୨୦୨୪ ଆନ୍ଦୋଳନ ଅବସରରେ ୫ଟି ଅପରାଧିକ ଅଭିଯୋଗ ଦାଏର କରାଯାଇଥିଲା। ରିପୋର୍ଟ ମୁତାବକ ଆନ୍ଦୋଳନ ବେଳେ ୧୫୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ମୁକ୍ତାର ଅନ୍‌ସାରୀ ପୁଅଙ୍କ ବିଧାୟକ ପଦ ରଦ୍ଦ



ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଗ୍ୟାଙ୍ଗଷ୍ଟାରରୁ ନେତା ବନିଥିବା ସ୍ୱର୍ଗତ ମୁକ୍ତାର ଅନସାରୀଙ୍କ ପୁଅ ଅବାସା ଅନସାରୀର ବିଧାୟକ ପଦ ରଦ୍ଦ କରାଯାଇଛି। ଉତ୍ତରପ୍ରଦେଶ ବିଧାନସଭାରେ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି। ୨୦୨୨ରେ ସେ ଦେଇଥିବା ଏକ ଘୃଣାସ୍ପଦ ଭାଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ଫଳରେ ତାଙ୍କୁ ବିଧାୟକ ପଦ ହରାଇବାକୁ ପଡିଛି। ୨୦୨୨ ବିଧାନସଭା ନିର୍ବାଚନ ଅବସରରେ ମୋଉ ଜିଲ୍ଲାରେ ଏକ ରାଲିରେ ଭାଷଣ ଦେଉଥିବା ବେଳେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଉତ୍ତରପ୍ରଦେଶର ଏକ କୋର୍ଟ ତାଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିବା ସହ ଦୁଇ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି ଓ ୩,୦୦୦ ଟଙ୍କାର ଜରିମାନା ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ରାଲିରେ ବିଜୟୀ ହେବା ପରେ ଅଖିଳେଶ ଯାଦବଙ୍କୁ କୌଣସି ଟ୍ରାନ୍ସଫର ଓ ପୋଷ୍ଟିଂ ନ କରିବାକୁ ଓ ପ୍ରଥମେ ଅଧିକାରୀଙ୍କ ହିସାବ କିତାବ ହେବ ବୋଲି ସେ କହିଥିଲେ।

## ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର

ନୂଆଦିଲ୍ଲୀ,୧।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ଇରାନ ପରମାଣୁ ବୋମା ପ୍ରସ୍ତୁତିର ନିକଟତର ହୋଇଛି। ଜାତିସଂଘର ପରମାଣୁ ନୀରିକ୍ଷଣ ସଂସ୍ଥା, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସୀ (ଆଇଏଇଏ) ଏକ ରିପୋର୍ଟରେ ଏ ନେଇ ଦାବି କରିଛି। ଇରାନ ଇତିମଧ୍ୟରେ ମିଲେଟ୍ରି ଗ୍ରେଡ୍ ଅର୍ଥାତ ୬୦ ପ୍ରତିଶତ ପର୍ଯ୍ୟନ୍ତ ଶୁଦ୍ଧ ୟୁରାନିୟମର ମହଜୁଦ ବଢ଼ାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ୟୁରାନିୟମ ପରମାଣୁ ଅସ୍ତ୍ର ସୃଷ୍ଟି କରିବାର ଅତି ନିକଟତର ବୋଲି ଗ୍ରହଣ କରାଯାଏ। ଇରାନ ସହଯୋଗ ବଢ଼ାଇବା ସହ ନିଜ ନୀତିରେ ପରିବର୍ତ୍ତନ ଆଣିବାକୁ ଏହି ଏଜେନ୍ସି ଅପିଲ କରିଛି। ଆମେରିକା ଓ ଇରାନ ମଧ୍ୟରେ ପରମାଣୁ ବୁଝାମଣା ନେଇ ପୁଣି ପ୍ରୟାସ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ରିପୋର୍ଟ ଆସିଛି। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଆଲୋଚାନ ଆରମ୍ଭ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ କୌଣସି ଠୋସ୍ ପରିଣାମ ମଳି ପାରିନାହିଁ। ତେଣେ ଏହି ରିପୋର୍ଟକୁ ଇସ୍ରାଏଲ୍ ବେଶ୍ ଉଦବେଗଜନକ ବୋଲି କହିଛି। ଇରାନକୁ ଏଥିରୁ ନିବୃତ ରହିବା ପାଇଁ ଓ ତୁରନ୍ତ ରୋକିବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ଚାପ ପକାଇବାକୁ ପ୍ରୟାସ କରିବା ଉଚିତ ବୋଲି ଇସ୍ରାଏଲ ଅପିଲ୍ କରିଛି।

## ଜଗନ୍ନାଥଙ୍କ ରଥରେ ସୁଖୋଇ ଜେଟ୍ ଟାୟାର ଲଗାଇଲା ଇସ୍କନ

କୋଲକାତା,୧।୬(ଏଜେନ୍ସି): କୋଲକାତର ପ୍ରସିଦ୍ଧ ଇସ୍କନ ରଥଯାତ୍ରାରେ ଏଥର ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଦୀର୍ଘ ୪୮ ବର୍ଷପରେ ପ୍ରଭୁ ଜଗନ୍ନାଥଙ୍କ ରଥର ଚକ ବଦଳିବାକୁ ଯାଉଛି। ଏଥର ରଥର ଚକ ବଦଳରେ ସୁଖୋଇ ଜେଟ୍‌ର ଟାୟାର ବ୍ୟବହାର କରାଯିବ। ଏହି ଫାଇଟର ଜେଟ୍‌ର ଟେକ୍ ଅଫ୍‌ସ୍ପିଡ୍ ଘଣ୍ଟାପ୍ରତି ୨୮୦ କିମି ରହିଥିବା ବେଳେ ରଥ ଘଣ୍ଟାପ୍ରତି ୧.୪ କିମି ବେଗରେ ଯିବ। ଗତବର୍ଷ ରଥ ଚଳାଇବାରେ ସମସ୍ୟା ରହିଥିଲା। ଆୟୋଜକ ୧୫ ବର୍ଷ ହେବ ନୂଆ ଟାୟାର ଖୋଜୁଥିଲେ। ବୋଇଂ ବିମାନର ପୁରୁଣା ଟାୟାର ବ୍ୟବହାର କରିବାର ଥିଲା। କିନ୍ତୁ ଏହା ବଜାରରେ ମିଳିବା କଷ୍ଟକର ଥିଲା। ଏହାପରେ ଆୟୋଜକ ରଥରେ ସୁଖୋଇ ଜେଟ୍‌ର ଟାୟାର ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଟାୟାର ବ୍ୟାସ ବୋଇଂର ସହ ପାଖାପାଖି ସମାନ।



# ରୁଷ୍‌ରେ ୟୁକ୍ରେନ ଡ୍ରୋନ୍‌ର ତାଣ୍ଡବ

## ୪ଟି ଏୟାରବେସ୍‌ରେ ୪୦ ଲଢୁଆ ବିମାନ ଧ୍ୱଂସ

ମସ୍କୋ, ୧।୬ (ଏଜେନ୍ସି):

ଅନେକ ପର୍ଯ୍ୟାୟ ଆଲୋଚନା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ସତ୍ତ୍ୱେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ନା ଧରୁନାହିଁ। ଏହା କ୍ରମାଗତ ଭାବେ ଭୟଙ୍କର ହେବାରେ ଲାଗିଛି। ରବିବାର ରୁଷରେ ବଡ଼ଧରଣର ଆକ୍ରମଣ କରିଛି ୟୁକ୍ରେନ। ନିଜ ସୀମାଠାରୁ ହଜାର ହଜାର କିମି ଦୂରରେ ଥିବା ଇଷ୍ଟର୍ଣ୍ଣ ସାଇବେରିଆ ସ୍ଥିତ ଓଲେନ୍ୟା ଏବଂ ବେଲାୟା ସମେତ ୪ଟି ଏୟାରବେସ୍ ଉପରେ ଡ୍ରୋନ୍ ଆକ୍ରମଣ

### ରୁଷ୍ ନ ଅଟକିଲେ ପୁଣି ଆକ୍ରମଣ କରିବୁ: ୟୁକ୍ରେନ

କରିଛି। ଏଥିଯୋଗୁଁ ୪୦ଟି ବିମାନ ଧ୍ୱଂସ ହୋଇଯାଇଛି। ୟୁକ୍ରେନ ପକ୍ଷରୁ ଏହି ଦାବି କରାଯାଇଛି। କିଭ୍ ଇଣ୍ଡିପେଣ୍ଡେଣ୍ଟ ୱେବସାଇଟ ଅନୁଯାୟୀ ଏହି ଆକ୍ରମଣରେ ଏ-୫୦, ଟିୟୁ-୯୫ ଏବଂ ଟିୟୁ-୨୨ ଭଳି ବୋମାବର୍ଷଣକାରୀ ଯୁଦ୍ଧ ବିମାନ ଧ୍ୱଂସ ହୋଇଯାଇଛି। ରୁଷିଆର ଇରକୁଟସ୍କ ପ୍ରଦେଶର ଗଭର୍ଣ୍ଣର ମଧ୍ୟ ଆକ୍ରମଣ ଖବରକୁ ସ୍ୱୀକାର କରିଛନ୍ତି। ରିମୋଟ ଚାଳିତ ବିମାନ ଦ୍ୱାରା ଶ୍ରୀଡନି ଗ୍ରାମରେ ଥିବା ଏୟାରବେସ ଉପରେ ଆକ୍ରମଣ ହୋଇଥିବା ସେ କହିଛନ୍ତି।

ରିପୋର୍ଟ ଅନୁଯାୟୀ ରିପୋର୍ଟ ଅନୁଯାୟୀ, ୟୁକ୍ରେନୀୟ ସୁରକ୍ଷା ଏଜେନ୍ସି (ଏସବିୟୁ) ଏହି ଆକ୍ରମଣ କରିଥିଲା। ଏଥିରେ ଫାଷ୍ଟ ପର୍ସନ ଭ୍ୟୁ (ଏଫପିଭି) ଡ୍ରୋନ ବ୍ୟବହାର କରାଯାଇଥିଲା। ଜଣେ ଏସବିୟୁ ଅଧିକାରୀ କହିଛନ୍ତି ଯେ ଆମ୍ରକ୍ଷା ପାଇଁ ଏହି ଆକ୍ରମଣ କରାଯାଇଛି। କାରଣ ରୁଷର ଏହି ବିମାନଗୁଡ଼ିକ ୟୁକ୍ରେନ ସହରଗୁଡ଼ିକୁ ନିଶାଣ କରି ଆକ୍ରମଣ କରିଥାନ୍ତି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ୨ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭ ହଜାର କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଛି। ରୁଷର ବେଲାୟା ଏୟାରବେସ୍ ୟୁକ୍ରେନ ସୀମାରୁ ପ୍ରାୟ ୪ ହଜାର କିମି ଏବଂ ଓଲେନ୍ୟା ଏୟାରବେସ୍ ପ୍ରାୟ ୧୮୦୦ କିମି ଦୂରରେ ଅବସ୍ଥିତ। ଏହି ଆକ୍ରମଣ ମସ୍କୋ ପାଇଁ ବଡ଼ ଧକ୍କା ସାବ୍ୟସ୍ତ ହୋଇଛି। ଏହା ଯୁଦ୍ଧକୁ ନୂଆ ଗତି ଦେଇପାରେ। ରୁଷ୍ ୟୁକ୍ରେନ ବିରୋଧରେ ବଡ଼ଧରଣର ଆକ୍ରମଣ କରିପାରେ। ଏବେ ରୁଷ ସେନା ସତର୍କ ହୋଇଯାଇଛି। ଡ୍ରୋନ ଆକ୍ରମଣ ମଧ୍ୟ ବନ୍ଦ ହୋଇଯାଇଛି। ୟୁକ୍ରେନ ଏହାର ନାମ ପାଭୁତିନା କୁମ୍ବା ୱେବ ରଖାଯାଇଥିଲା। ଏହି ଆକ୍ରମଣର ୟୁକ୍ରେନ୍‌ର ସାମରିକ କ୍ଷମତାକୁ ମଧ୍ୟ ପ୍ରଦର୍ଶିତ କରୁଛି।

ଏସ୍‌ବିୟୁ ପକ୍ଷରୁ କୁହାଯାଇଛି ଯେ ଡ୍ରୋନଗୁଡ଼ିକ ରୁଷକୁ ଗଭୀର ଆଘାତ ଦେଇଛି। ଏହା ରୁଷ୍ ଭିତରେ ପ୍ରବେଶ କରି ଟିୟୁ-୯୫, ଟିୟୁ-୨୨ ଭଳି ବଡ଼ ବୋମା ବିସ୍ଫୋରଣକାରୀ ବିମାନ ଏବଂ ଏ-୫୦ ଭଳି ମହଙ୍ଗା ଗୁପ୍ତଚର ବିମାନକୁ କ୍ଷତି ପହଞ୍ଚାଇଛି। ଏ-୫୦ ବିମାନ ବହୁତ ଶକ୍ତିଶାଳୀ। ରୁଷ ପାଖରେ କେବଳ ଏପରି ବିମାନ ରହିଛି। ଗୋଟିଏ ବିମାନର ମୂଲ୍ୟ ପ୍ରାୟ ୩୫୦ ନିୟୁତ ଡଲାର (୩୦୦୦ କୋଟି ଟଙ୍କା) ବୋଲି କୁହାଯାଉଛି। ଏହି ଆକ୍ରମଣରେ ବିଶେଷ କରି ବେଲାୟା ଏୟାରବେସକୁ ବିଶେଷ ନିଶାଣ କରାଯାଇଥିଲା। ତେବେ ସେହି ସମୟରେ ଓଲେନ୍ୟା ଏୟାରବେସରେ ଆକ୍ରମଣ ଘଟିଥିବା ଖବର ମିଳିଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏୟାରବେସ୍‌ରେ ନିଆଁ ଜଳୁ ଥିବା ଦେଖାଯାଉଛି। ଟିୟୁ-୯୫ ଏବଂ ଟିୟୁ-୧୬୦ ଭଳି ବିମାନ ବହୁତ ପୁରୁଣା। କିନ୍ତୁ ଏଗୁଡିକ କ୍ଷେପଣାସ୍ତ୍ର ସହ ଦୀର୍ଘ ପଥ ଅତିକ୍ରମ କରିପାରିବେ। ଏଗୁଡ଼ିକୁ ରୁଷ ବାୟୁସେନାର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର କୁହାଯାଏ। ଏହି ବିମାନକୁ ଧ୍ୱଂସ କରିବା ୟୁକ୍ରେନ ପାଇଁ ବଡ଼ ସଫଳତା କୁହାଯାଉଛି। ୟୁକ୍ରେନ ପକ୍ଷରୁ ରୁଷକୁ ମଧ୍ୟ ଚେତାବନୀ ଦିଆଯାଇଛି। କୁହାଯାଇଛି ଯେ ବୋମାମାଡ଼ ବନ୍ଦ କରିବା ପାଇଁ ରୁଷ୍ ଉପରେ ଏହି ଆକ୍ରମଣ କରାଯାଇଥିଲା। କାରଣ ପ୍ରାୟ ପ୍ରତିଦିନ ରାତିରେ ରୁଷ୍ ବିମାନଗୁଡ଼ିକ ୟୁକ୍ରେନୀୟ ସହର ଉପରେ ଆକ୍ରମଣ କରୁଛନ୍ତି। ଏହି ଆକ୍ରମଣ ରୁଷକୁ କ୍ଷମତାର ଦମ୍ଭକୁ ଭାଙ୍ଗି ଚକିତ କରିଦେଇଛି। ଯଦି ଏହି ଦେଶ ଆକ୍ରମଣ ବନ୍ଦ ନ କରେ ତେବେ ୟୁକ୍ରେନ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଏହି ଆକ୍ରମଣକୁ ନେଇ ରୁଷ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ବିବୃତି ଦିଆଯାଇନାହିଁ। ଯଦି ୟୁକ୍ରେନର ଦାବି ସତ୍ୟ ହୁଏ ତେବେ ଏହା ରୁଷୀୟ ବାୟୁସେନା ଉପରେ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ ହେବ। ଆଗକୁ ମଧ୍ୟ ଡ୍ରୋନ ଆକ୍ରମଣ ଜାରି ରହିବ ବୋଲି ୟୁକ୍ରେନ ପକ୍ଷରୁ କୁହାଯାଇଛି।



# ଗାଜାରେ ଇସ୍ରାଏଲର ଅମାନବୀୟ କାଣ୍ଡ

## ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡ଼; ୩୨ ମୃତ

ଗାଜା,୧।୬(ଏଜେନ୍ସି): ଦକ୍ଷିଣ ଗାଜାରେ ରବିବାର ଆଉ ଏକ ଅଭାବନୀୟ ଘଟଣା ଘଟିଛି। ଖାଦ୍ୟ ବଣ୍ଟନ ବେଳେ ଗୁଳିମାଡରେ ପାଲେଷ୍ଟାଇନ୍‌ର ୩୨ ଜଣ ଲୋକ ପ୍ରାଣ ହରାଇଛନ୍ତି। ରାଫା ସହରରେ ଏକ ସହାୟତା ବିତରଣ କେନ୍ଦ୍ର ନିକଟରେ ଇସ୍ରାଏଲ ସେନା ଗୁଳିବର୍ଷଣ କରିବା ଫଳରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି ବୋଲି ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ୨୦୦ ଲୋକ ଆହତ ହୋଇଛନ୍ତି। ପୁଣି ମଧ୍ୟ ଗାଜାରେ ମଧ୍ୟ ଏକ ସହାୟତା କେନ୍ଦ୍ରରେ ସମାନ ଘଟଣା ଘଟିଛି। ଏଠାରେ ହୋଇଥିବା ଗୁଳି ମାଡରେ ଜଣେ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଛନ୍ତି ଓ ୩୨ଜଣ ଆହତ ହୋଇଛନ୍ତି। ଆମେରିକାର ଏକ ଏଜେନ୍ସି ଜିଏଚ୍ଏଫ୍ ଗଜାରେ ଖାଦ୍ୟ ବଣ୍ଟନର କାର୍ଯ୍ୟ ସମ୍ପାଦନ କରୁଛି। ତେବେ ଇସ୍ରାଏଲ ସେନା ଏ ବିଷୟରେ କିଛି ଜାଣିନାହିଁ ବୋଲି କହିଛନ୍ତି। ଏହି ମାମଲାରେ ତଦନ୍ତ କରାଯାଉଛି ବୋଲି ସେନା ତରଫରୁ କୁହାଯାଇଛି। ଅନ୍ୟପଟେ ଅଲ-ଜଜିରା ରିପୋର୍ଟ ମୁତାବକ ଗାଜାରେ ମେ ୨୭ରୁ ଜୁନ୍ ୧ ପର୍ଯ୍ୟନ୍ତ ହୋଇଥିବା ଖାଦ୍ୟ ବଣ୍ଟନ ପ୍ରକ୍ରିୟାରେ ହୋଇଥିବା ଗୁଳିମାଡ଼ରେ ୪୯ ଜଣ ଲୋକଙ୍କ ପ୍ରାଣହାନୀ ଘଟିଥିବା ବେଳେ ୩୦୦ ଲୋକ ଆହତ ହୋଇଛନ୍ତି। ଖାଦ୍ୟ ନେବା ସମୟରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ। ଫଳରେ ପ୍ରବଳ ଭିଡ଼ ଜମିଥିଲା। ଏହି ଘଟଣାରେ ୩୦ ଲୋକ ପ୍ରାଣ ହରାଇଥିବା ବେଳେ ୧୭୯ ଲୋକ ଆହତ ହୋଇଛନ୍ତି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଗତ ଗୋଟିଏ ସପ୍ତାହ ମଧ୍ୟରେ ଗାଜାରେ ଇସ୍ରାଏଲ ସେନା ଆକ୍ରମଣରେ ମୋଟ୍ ୫୦୦ ଲୋକଙ୍କ ମୃତ୍ୟୁ ହୋଇଛି। ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଇସ୍ରାଏଲ- ହମାସ ଯୁଦ୍ଧରେ ଏପର୍ଯ୍ୟନ୍ତ ୫୫,୦୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ହଜାର ହଜାର ଛୋଟ ପିଲା, ମହିଳା ଓ ବୟସ୍କ ଲୋକ ସାମିଲ ରହିଛନ୍ତି।



## ସିକିମରେ ଫସିଛନ୍ତି ୧୫୦୦ ପର୍ଯ୍ୟଟକ

ନୂଆଦିଲ୍ଲୀ, ୧।୬ (ଏଜେନ୍ସି): ଉତ୍ତର-ପୂର୍ବ ଭାରତର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି। ଏହା ସ୍ଥିତିକୁ ଅତ୍ୟନ୍ତ ଜଟିଳ କରିଦେଇଛି। ବିଭିନ୍ନ ରାଜ୍ୟରେ ବନ୍ୟା ଆସିବା ସହିତ ଭୂସ୍ଖଳନ ହୋଇଛି। ଆସାମଠାରୁ ନେଇ ତ୍ରିପୁରା, ଅରୁଣାଚଳ ପ୍ରଦେଶ ଆଦିରେ ଏ ପର୍ଯ୍ୟନ୍ତ ବର୍ଷା ଜନିତ ଦୁର୍ଘଟଣାରେ ୩୨ରୁ ଅଧିକ ଜୀବନ ଗଲାଣି। ଆସାମରେ ୧୬ ଜଣ, ଅରୁଣାଚଳରେ ୯, ମିଜୋରାମରେ ୪ ଏବଂ ମେଘାଳୟରେ ୩ ଜଣଙ୍କ ଜୀବନ ଯାଇଛି। ଆସାମର ୧୫ରୁ ଅଧିକ ଜିଲ୍ଲାରେ ୭୮ ହଜାର ଲୋକ ପ୍ରଭାବିତ ହୋଇଥିବାବେଳେ ତ୍ରିପୁରାରୁ ୧୩୦୦ ପରିବାରକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ମଣିପୁରରେ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୩, ୮୦୨ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଉତ୍ତର ସିକିମରେ ୧୫୦୦ ପର୍ଯ୍ୟଟକ ଫସି ରହିଛନ୍ତି। ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସାମ, ଅରୁଣାଚଳ, ସିକିମ ମୁଖ୍ୟମନ୍ତ୍ରୀ ଏବଂ ମଣିପୁର ରାଜ୍ୟପାଳଙ୍କ ସହ କଥା ହୋଇଛନ୍ତି।

# ଶର୍ମିଷ୍ଠାଙ୍କ ଗିରଫକୁ ନେଇ ତେଜିଲା ରାଜନୀତି

ନୂଆଦିଲ୍ଲୀ,୧।୬(ଏଜେନ୍ସି): ପୁଣେ ଆଇନ୍ ଛାତ୍ରୀ ତଥା ଇନ୍‌ଷ୍ଟାଗ୍ରାମ ଇନଫ୍ଲ୍ୟୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କ ଗିରଫ୍‌କୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଶର୍ମିଷ୍ଠାଙ୍କୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କୋଲକାତା କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ତାଙ୍କ ପୋଷ୍ଟ ସାମ୍ପ୍ରଦାୟିକ ଥିବାରୁ ତାଙ୍କ ବିରୋଧରେ ମାମଲା ଦାଏର କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଅପରେସନ ସିନ୍ଦୂର ନେଇ କେତେଜଣ ବଲିଉଡ ଅଭିନେତ୍ରୀ ନିରବ ଥିବା ନେଇ ସେ ନିଜ ପୋଷ୍ଟରେ ଆପତ୍ତି ଉଠାଇଥିଲେ। କିନ୍ତୁ ଏ ନେଇ ଏବେ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।



ଆନ୍ଧ୍ରପ୍ରଦେଶ ଉପ- ମୁଖ୍ୟମନ୍ତ୍ରୀ ତଥା ଜନସେନା ପାର୍ଟି ମୁଖ୍ୟ ପବନ କଲ୍ୟାଣ ଶର୍ମିଷ୍ଠାଙ୍କ ଗରିଫକୁ କଡ଼ା ବିରୋଧ କରି ନିନ୍ଦା କରିଛନ୍ତି। ସେ ଏଥିପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଦାୟୀ କରିଛନ୍ତି। ଧର୍ମନିରପେକ୍ଷତାରେ ଦୋମୁହାଁ ନୀତି ଚଳିବ ନାହିଁ ବୋଲି ସେ କହିଛନ୍ତି। ପୁଣି ଶର୍ମିଷ୍ଠା ନିଜର ଭୁଲ ସ୍ୱୀକାର କରିବା ସହ ବିବାଦୀୟ ପୋଷ୍ଟକୁ ହଟାଇବା ପରେ ମଧ୍ୟ ତାଙ୍କୁ କାହିଁକି ଗିରଫ କରାଗଲ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେଣେ ବିଜେପି ସାଂସଦ ତଥା ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ୍ ମଧ୍ୟ ଏ ନେଇ ମମତା ସରକାରଙ୍କୁ ନିନ୍ଦା କରିଛନ୍ତି। ମମତା ପଶ୍ଚିମବଙ୍ଗକୁ ଉତ୍ତର କୋରିଆରେ ପରିଣତ କରିବାକୁ ପ୍ରୟାସ ନ କରନ୍ତୁ ବୋଲି ସେ ଅପିଲ କରିଛନ୍ତି। ଅନ୍ୟପକ୍ଷରେ ମମତାଙ୍କ ଦଳର ନେତାମାନେ ପ୍ରଶ୍ନ କରିଛନ୍ତି ଯେ ବିଜେପି ଓ ଏହାର ସହଯୋଗୀ ଦଳଙ୍କ ଦୋମୁହାଁ ନୀତି ନେଇ ପ୍ରଶ୍ନ ଉଠାଇଛନ୍ତି। ବିଜେପି ଶାସିତ ରାଜ୍ୟରେ ବିରୋଧୀଙ୍କୁ ଚୁପ କରିବା ଲାଗି କିପରି ପୁଲିସର ବ୍ୟବହାର କରୁଛନ୍ତି ତାହାର ଉଲ୍ଲେଖ କରି କହିଛନ୍ତି ଯେ କୋର୍ଟ ସେହି ସରକାରଙ୍କୁ ଭର୍ତ୍ସନା କରିବାର ନଜିର ରହିଛି। କିନ୍ତୁ ଶର୍ମିଷ୍ଠାଙ୍କ ଗିରଫଦାରୀ ସଂପୂର୍ଣ୍ଣ ରୂପେ ଆଇନ ଅନୁଯାୟୀ ହୋଇଛି ବୋଲି ସେମାନେ କହିଛନ୍ତି।

## ଅପରେସନ ସିନ୍ଦୂର

# ଅସ୍ତ୍ରବିରତି ନେଇ କଂଗ୍ରେସ୍‌ର ପ୍ରଶ୍ନବାଣ

ନୂଆଦିଲ୍ଲୀ,୧।୬(ଏଜେନ୍ସି):

ଅପରେସନ ସିନ୍ଦୂର ଓ ଏହାପରେ ଅସ୍ତ୍ରବିରତି ନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପାର୍ଟି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ପଚାରିବା ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ହଠାତ ଅସ୍ତ୍ରବିରତି ଘୋଷଣା ଓ ଏଥିରେ ଆମେରିକାର ସନ୍ଦେହଜନକ ଭୂମିକା ଏବଂ ନିକଟରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନଙ୍କ ବୟାନ ନେଇ ବରିଷ୍ଠ କଂଗ୍ରେସ ନେତା ପବନ ଖେଡ଼ା ବିଭିନ୍ନ ପ୍ରଶ୍ନ ପଚାରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଦିନକୁ ଦିନ ବିଭିନ୍ନ ପ୍ରଶ୍ନ ମନରେ ଉଙ୍କିମାରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ସବୁଠାରୁ ବଡ଼ ପ୍ରହେଳିକା ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ପ୍ରକ୍ରିୟାରେ ରହିଥିବା ସର୍ତ୍ତଗୁଡିକ ବିଷୟରେ ଆମେ ତଥା ଦେଶବାଶୀ ଅବଗତ ହେବା ନିହାତି ଆବଶ୍ୟକ। ସିଡିଏସ୍ ଚୌହାନଙ୍କ ବୟାନ ଏକାଧିକ ପ୍ରଶ୍ନ ଉତ୍ଥାପନ କରିଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ଆଗକୁ ଆସିବା ଉଚିତ ଓ ଦେଶବାସୀଙ୍କ ଭ୍ରମ ଓ ଦ୍ୱନ୍ଦ ଦୂର କରିବା ଉଚିତ ବୋଲି ସେ କହିଛନ୍ତି। ଅସ୍ତ୍ରବିରତି ଓ ଜାତୀୟ ନିରାପତ୍ତା ନେଇ ସଂସଦରେ ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କଂଗ୍ରେସର ଥିବା ପୁରଣା ଦାବିକୁ ଖେଡା ଦୋହରାଇଛନ୍ତି। ଅନ୍ୟତମ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ଖେଡାଙ୍କୁ ସମର୍ଥନ କରି ନିଜର ମନ୍ତବ୍ୟ ଦେଇଛନ୍ତି। ଅପରେସନ ସିନ୍ଦୂର ଓ ଅସ୍ତ୍ରବିରତି ନେଇ ସବୁ କିଛି ସ୍ପଷ୍ଟ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।








ଫ୍ରେଞ୍ଚ ଓପନ୍ କ୍ୱାର୍ଟରରେ ଭିଟୋଲିନା

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-334 ◆BHUBANESWAR ◆MONDAY ◆2 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୩୪ ◆ଭୁବନେଶ୍ୱର ◆ସୋମବାର ◆୨ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଥମୁନାହିଁ କରୋନା

# ଦିନକରେ ୩୦୦ ସଂକ୍ରମିତ, ୪ ମୃତ

■ **ନୂଆଦିଲ୍ଲୀ, ୧।୬(ଏଜେନ୍ସି):** ଥମୁନି କରୋନା ସଂକ୍ରମଣ। ଏହା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୩୦୦ରୁ ଅଧିକ ଲୋକ ସଂକ୍ରମିତ ହୋଇଛନ୍ତି ଏବଂ ୪ ଜଣ ପ୍ରାଣ ହରାଇଛନ୍ତି। ଏହାସହିତ ଦେଶରେ ସଂକ୍ରମଣ ମାମଲା ୩୭୦୦ ଅତିକ୍ରମ କରିଥିବା ବେଳେ ମୃତ୍ୟୁସଂଖ୍ୟା ବର୍ତ୍ତମାନ ସୁଦ୍ଧା ୨୭କୁ ବୃଦ୍ଧି ପାଇଛି। କେରଳରେ ସର୍ବାଧିକ ୧୪୦୦ରୁ ଅଧିକ ସଂକ୍ରମିତ ରୋଗୀ ଥିବା ବେଳେ ମହାରାଷ୍ଟ୍ରରେ ୪୮୫, ଦିଲ୍ଲୀରେ ୪୩୬, ଗୁଜରାଟରେ ୩୨୦ ଏବଂ ପଶ୍ଚିମବଙ୍ଗରେ ୨୮୭ ଜଣ ସଂକ୍ରମିତ ହୋଇଛନ୍ତି। ସେହିଭଳି ଗତ ୨୪ ଘଣ୍ଟାରେ ଯେଉଁ ୪ ଜଣଙ୍କର ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରେ ପଶ୍ଚିମ ବଙ୍ଗରେ ଦୁଇ ଜଣ ପ୍ରାଣ ହରାଇଥିବା ବେଳେ କେରଳ ଓ କର୍ଣ୍ଣାଟକରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମେ ୨୨ ତାରିଖ ସୁଦ୍ଧା ସାରା ଦେଶରେ ମାତ୍ର ୨୫୭ କରୋନା ମାମଲା ରେକର୍ଡ କରାଯାଇଥିବା ବେଳେ ଏହାପରେ ୧୦ ଦିନ ଭିତରେ ୧୦ ଗୁଣାରୁ ଅଧିକ ରୋଗୀ ଚିହ୍ନଟ ହେଲେଣି। ଏଥିରେ ଉପରୋକ୍ତ ରାଜ୍ୟ ସହିତ କର୍ଣ୍ଣାଟକ, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରେ ମଧ୍ୟ ସଂକ୍ରମଣ ଦ୍ରୁତ ଗତିରେ ଉପରମୁହାଁ ହେବାକୁ ଲାଗିଛି। ବିଶେଷ କରି ପଶ୍ଚିବଙ୍ଗରେ ଏହା ଅଧିକ ସଂଖ୍ୟାରେ ବଢ଼ିବାର ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମବଙ୍ଗରେ ସର୍ବାଧିକ ୮୨ ▶ପୃଷ୍ଠା-୭



## ରାଜ୍ୟରେ ଆଉ ୩ ଚିହ୍ନଟ

■ **ଭୁବନେଶ୍ୱର, ୧।୬(ସମିସ):** ରାଜ୍ୟରେ ଆଉ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଜିର ଆକ୍ରାନ୍ତଙ୍କୁ ମିଶାଇ ମୋଟ ୧୨ ଜଣ ରୋଗୀ ଏପର୍ଯ୍ୟନ୍ତ ସଂକ୍ରମିତ ହୋଇଛନ୍ତି। ଗତ ମେ ୨୨ରେ ପ୍ରଥମ କରୋନା ରୋଗୀ ଓଡ଼ିଶାରୁ ଚିହ୍ନଟ ହୋଇଥିବାବେଳେ ଗତ ୯ ଦିନ ଭିତରେ ଲଗାତର ଭାବେ ଏହି ସଂଖ୍ୟା ବୃଦ୍ଧି ପାଉଛି। ଏଥିରେ କଟକ ଜିଲ୍ଲାରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାରୁ ୮ଜଣ ଆକ୍ରାନ୍ତ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନାନୁସାରେ, ନୂଆକରି ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କର ଟ୍ରାଭେଲ୍ ହିଷ୍ଟ୍ରି ଯାଞ୍ଚ କରାଯାଉଛି। କେଉଁଠୁ ଆସିଛନ୍ତି, କାହା କାହା ସହ ମିଶଛନ୍ତି। ସେ ବାବଦରେ ବିସ୍ତୃତ ଭାବେ ଯାଞ୍ଚ କରାଯାଉଛି। ଏଥିସହ ତାଙ୍କ ପରିବାର ଓ ନିକଟତମ ସମ୍ପର୍କୀୟମାନଙ୍କର ଥଣ୍ଡା କାଶ ଥିଲେ ତାଙ୍କର ପରୀକ୍ଷା କରାଯାଉଛି। ଏ ନେଇ ଜନସ୍ୱାସ୍ଥ୍ୟ ▶ପୃଷ୍ଠା-୭


# ୨ ଟଙ୍କା ବଢ଼ିଲା ଓମ୍‌ଫେଡ୍ କ୍ଷୀର

## ଚାଷୀଙ୍କୁ ଲିଟର ପିଛା ଅଧିକ ୩ ଟଙ୍କା

■ **ଭୁବନେଶ୍ୱର, ୧।୬ (ସମିସ):** ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି ସରକାର। ଏହା ସହିତ ଚାଷୀଙ୍କଠାରୁ ଦୁଗ୍ଧ କ୍ରୟ ସମୟରେ ସେମାନଙ୍କୁ ଅଧିକ ୩ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ପୂର୍ବରୁ ୧ ଲିଟର ଓମ୍‌ଫେଡ୍ ଦୁଗ୍ଧ ମୂଲ୍ୟ ୫୨ ଟଙ୍କା ଥିବାବେଳେ ଏବେ ଏହା ୫୪ ଟଙ୍କାରେ ବିକ୍ରି ହେବ। ଏହା ସହ ଓମ୍‌ଫେଡ୍ ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ଦହି, ରାବିଡ଼ି, ଲସି, ଚହ୍ଲା, ଛେନାପୋଡ଼, ପେଡ଼ା ଆଦିର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ । ଆସନ୍ତା ୧୬ ତାରିଖରୁ ବର୍ଦ୍ଧିତ ଦର ଲାଗୁ ହେବ। ଅନ୍ୟପକ୍ଷରେ ଓମ୍‌ଫେଡ୍ କ୍ଷୀର ଦର ୨ ଟଙ୍କା ବୃଦ୍ଧି ହୋଇଥିଲେ ହେଁ ଦୁଗ୍ଧ ଚାଷୀମାନେ ଲିଟର ପିଛା ୩ ଟଙ୍କା ଲାଭବାନ ହେବେ।

# ଧୋକାଦେଲା ମୌସୁମୀ

## ପ୍ରଚଣ୍ଡ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ



ସ୍ନାନପୂର୍ଣ୍ଣିମା ପୂର୍ବରୁ ନିସ୍ତାର ନାହିଁ

■ **ଭୁବନେଶ୍ୱର, ୧।୬ (ସମିସ):** ଧୋକା ଦେଲା ମୌସୁମୀ। ଓଡ଼ିଶା ଛୁଇଁବା ପୂର୍ବରୁ ଲଘୁଚାପ ଫାନ୍ଦରେ ପଡ଼ି ବାଟରେ ଅଟକି ଗଲା। ଦିନେ ଦୁଇଦିନ ବୁନ୍ଦା ଝାଡ଼ି ପ୍ରାକ୍ ମୌସୁମୀ ବର୍ଷା ବି ଓଡ଼ିଶାରୁ ମୁହଁ ଫେରାଇ ନେଲା। ଏହା ପରେ ରାଜ୍ୟରେ ପୁଣି ବଦଳିଛି ପାଗ; ତାତି ବଢ଼ିଛି, ଆରମ୍ଭ ହୋଇଛି ପ୍ରଚଣ୍ଡ ଗୁଳୁଗୁଳି। ଆଭ୍ୟନ୍ତରୀଣ ଓଡ଼ିଶାରେ ୫ରୁ ୬ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇଛି। ଆସନ୍ତା ଦୁଇ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ସମ୍ଭାବନା ନାହିଁ ଓ ସ୍ନାନପୂର୍ଣ୍ଣିମା ପୂର୍ବରୁ ଗୁଳୁଗୁଳିରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସମେତ ଦେଶର ଅଧିକାଂଶ ସ୍ଥାନରେ ମୌସୁମୀ ନିଷ୍କ୍ରିୟ ରହିବ। ଏହି ସମୟରେ କେବଳ ଦେଶର ପଶ୍ଚିମ ଉପକୂଳ ଓ ଉତ୍ତର-ପୂର୍ବ ଭାରତରେ ବର୍ଷା ହେବ। ବର୍ତ୍ତମାନ ରାଜ୍ୟକୁ ପଶ୍ଚିମା ପବନ ବହୁଥିବାରୁ ମୌସୁମୀ ଟ୍ରଫ୍ ସୃଷ୍ଟି ହୋଇପାରୁ ନାହିଁ। ୧୦ ତାରିଖରୁ ବାୟୁର ଦିଗ ପରିବର୍ତ୍ତନ ହେବ ଏବଂ ୧୧ କିମ୍ବା ୧୨ରେ ଉତ୍ତର-ପଶ୍ଚିମ ▶ପୃଷ୍ଠା-୭

## ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ

# ବିଷ ପିଇଦେଲେ ପୀଡ଼ିତା


■ **ବଲଙ୍ଗା, ୧।୬ (ସମିସ):** ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯିବା ଓ ଏଥିଯୋଗୁଁ ପୀଡ଼ିତାଜଣଙ୍କ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇଦେବା ଭଳି ଘଟଣା ଆଜି ପୁରୀ ଜିଲ୍ଲା ବଲଙ୍ଗା ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଗୁରୁତର ନାବାଳିକାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ପୁରୀ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଅଭିଯୁକ୍ତକୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ସୂଚନା ମୁତାବକ, ନାବାଳିକାଜଣଙ୍କ କତା କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ଘରକୁ ଫେରିବା ବେଳେ ଶୋଷ ଲାଗିବାରୁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ପାଣି ପିଇବା ପାଇଁ ଯାଇଥିଲେ। ସେହି ସମୟରେ ଉକ୍ତ ବ୍ୟକ୍ତିଙ୍କ ଘରେ ଇଲେକ୍ଟ୍ରି କାମ କରୁଥିବା ଜଣେ ଯୁବକ ନାବାଳିକାକୁ ଏକୁଟିଆ ପାଇ ଅସଦାଚରଣ କରିଥିଲା। ଏପରିକି, ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲ। ତେବେ ନାବାଳିକା ଜଣକ ପାଟି କରିବାରୁ ଅଭିଯୁକ୍ତଜଣଙ୍କ ଧରାପଡ଼ିଯିବା ଭୟରେ ତାଙ୍କୁ ଛାଡ଼ି ଦେଇଥିଲା। ଏ ସଂପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ବି ▶ପୃଷ୍ଠା-୭

# ପେଟ୍ରୋଲ ପମ୍ପରୁ ବିପୁଳ ବିସ୍ଫୋରକ ଜବତ

■ **ରାଉରକେଲା, ୧।୬ (ସମିସ):** ମେ' ୨୭ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖାଦାନକୁ ଯାଉଥିବା ବିସ୍ଫୋରକ ବୋଝେଇ ଗାଡ଼ି ଲୁଟ୍ ଘଟଣା ପୁଲିସ୍‌ର ନିଦ ହଜାଇ ଦେଇଥିବା ବେଳେ ରବିବାର ପୁଣି ବିପୁଳ ବିସ୍ଫୋରକ ବୋଝେଇ ଦୁଇଟି ମିନିଟ୍ରକ୍ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରୁ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବଡ଼ଗାଁ ଇତମାସ୍ଥିତ ବାରୁଦ ଗୋଦାମକୁ ପୁଲିସ ସିଲ କରିଥିବା ବେଳେ ଉକ୍ତ ଗୋଦାମରୁ କିପରି ପୁନର୍ବାର ବାରୁଦ ଆସିଲା ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ ଯେ ଗତ ୨୭ ତାରିଖ ଦିନ ୩୦ରୁ ୪୦ ଜଣ ସଶସ୍ତ୍ର ମାଓବାଦୀ ସରଣ୍ଡା ଜଙ୍ଗଲରେ ଥିବା ବାଙ୍କୋ ଷ୍ଟୋନ କ୍ୱାରୀ ନିକଟରୁ ୫ଟନ୍ ବୋଝେଇ ଥିବା ଏକ ମିନି ଟ୍ରକକୁ ଲୁଟ କରିବା ଘଟଣା ଓଡ଼ିଶା ଓ ଝାଡ଼ଖଣ୍ଡ ଉଭୟ ରାଜ୍ୟ ପୁଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି। ଏହି ଘଟଣା ପରେ ବଡ଼ଗାଁସ୍ଥିତ ଇତମାରେ ଥିବା ଶ୍ରବଣ ଅଗ୍ରୱାଲଙ୍କ ଲାଇସେନ୍ସପ୍ରାପ୍ତ ବିସ୍ଫୋରକ ଗୋଦାମକୁ ସିଲ୍ କରାଯାଇଥିଲା। ହେଲେ ରବିବାର ଉକ୍ତ ଗୋଦମର ବିପୁଳ



ଗୋଦାମ ସିଲ୍, ମାଲିକ ଅଟକ

ବିସ୍ଫୋରକ ଦୁଇଟି ମିନି ଟ୍ରକ୍‌ରେ ଭର୍ତ୍ତି ହୋଇ ଦେଓଗାଁସ୍ଥିତ ରାଉରକେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିବା ବେଳେ ରଘୁନାଥପାଲି ଥାନା ପୁଲିସ ଜବତ କରିଛି।

ଦୁଇଟି ଗାଡ଼ିରୁ ପ୍ରାୟ ୧୧୬ ପ୍ୟାକେଟ ଜିଲେଟିନ, ୪୧୬ ଡେଟୋନେଟର, ୧୫ ପେଟିରେ ୭୫୦ ମିଟର ତାର ଥିବା ସୂଚନା ମିଳିଛି। ଦୁଇ ଗାଡ଼ି କିଛି ଦିନ ହେଲା ପେଟ୍ରୋଲ ପମ୍ପରେ ପାର୍କିଂ ହୋଇଥିଲା। ଗୋଦାମ ସିଲ୍ ହେବା ଦିନଠାରୁ ବିସ୍ଫୋରକ ଗୋଦାମ ▶ପୃଷ୍ଠା-୭









### ବନ୍ଦ ହୋଇଥିବା ବିଦ୍ୟାଳୟ ପୁଣି ଖୋଲିଲା

# ଉପ୍ରା ମାନ୍ୟତା ପାଇଲା ୫ ପ୍ରାଥମିକ ବିଦ୍ୟାଳୟ

ଜଳେଶ୍ୱର ବ୍ଲକ, ୧୬(ସମିସ) : ସମଗ୍ର ରାଜ୍ୟରେ ଯେଉଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ(ଉପ୍ରା) ଛାତ୍ରଛାତ୍ରୀ ସଂଖ୍ୟା ୨୦ରୁ କମ୍ କିମ୍ବା ସମସ୍ତ ଶିକ୍ଷକ ଅବସର ନେଲେ ଉକ୍ତ ବିଦ୍ୟାଳୟଗୁଡ଼ିକ ବନ୍ଦ ହେବ ବୋଲି ପୂର୍ବରୁ ସରକାର ସିଦ୍ଧାନ୍ତ ନେଇଥିଲେ। ଏହି ଅନୁଯାୟୀ ରାଜ୍ୟରେ ବହୁ ବିଦ୍ୟାଳୟ ବନ୍ଦ ହୋଇଥିବା ବେଳେ ଜଳେଶ୍ୱରର ୧୧ଟି ବିଦ୍ୟାଳୟବନ୍ଦହେବବୋଲିଜଣାଯାଇଥିଲା। କିନ୍ତୁ କେତେକ ଗ୍ରାମବାସୀ, ଶିକ୍ଷାବିତ୍ ଏ ସମ୍ପର୍କରେ ବାରମ୍ବାର ସରକାରଙ୍କୁ ସେମାନଙ୍କ ଅସୁବିଧା ସମ୍ପର୍କରେ ଜଣାଇ ଆସୁଥିବାରୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଚିଠି ନଂ ୬୯୪୯ ତା୯-୪-୨୫ରେ ଜଳେଶ୍ୱର ବ୍ଲକର ୬ଟି ବନ୍ଦ ହୋଇଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ଖୋଲିବାକୁ ଜଳେଶ୍ୱର ଗୋଷ୍ଠୀ ଶିକ୍ଷକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଦ୍ୟାଳୟଗୁଡ଼ିକ ମଧ୍ୟରେ ତେନ୍ତୁଳାସ୍ଥିତ ଏଏନ୍‌ବି ୟୁପି ଏମ୍‌ଇ ବିଦ୍ୟାଳୟ, ଏକତାଳିସ୍ଥିତ ବାଲୁଙ୍କେଶ୍ୱର ୟୁପି ଏମ୍‌ଇ ସ୍କୁଲ, ସୁଗୋସ୍ଥିତ ସୁଗୋ ୟୁପି ଏମ୍‌ଇ ବିଦ୍ୟାଳୟ, ଖୁଆର୍ଡି ପୁରୁଣାପାଣିସ୍ଥିତ ୟୁଏୟୁପି ଏମ୍‌ଇ ବିଦ୍ୟାଳୟ, ହାତୀଗଡ଼ସ୍ଥିତ ହାତୀଗଡ଼ ୟୁପି ଏମ୍‌ଇ ବିଦ୍ୟାଳୟର ଶିକ୍ଷକମାନେ ଅବସର ଗ୍ରହଣ କରିସାରିଥିବାରୁ ବନ୍ଦ ହୋଇଥିବା ଉପରୋକ୍ତ ବିଦ୍ୟାଳୟଗୁଡିକ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀ ଭାବେ ଭର୍ତ୍ତି କରିବାକୁ ନିର୍ଦ୍ଦେଶ ରହିଛି। ଫଳରେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଉପରୋକ୍ତ ବିଦ୍ୟାଳୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଗତ ୨୯ ତାରିଖ ଏକତାଳି ପ୍ରାଥମିକ ବିଦ୍ୟାଳୟ ପରିସରରେ ୬ଷ୍ଠ, ୭ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଭର୍ତ୍ତି କରାଯାଇଛି। ଶିକ୍ଷାବିତ୍ ରାମକୃଷ୍ଣ ସାହୁଙ୍କ ପ୍ରଚେଷ୍ଟା ଓ ସରକାରୀ କର୍ମଚାରୀଙ୍କ ସହଯତା ଯେଗୁଁ ଏହା ହୋଇପାରିଥିବା ସମ୍ପର୍କରେ ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦେ ଅଧକ୍ଷତା କରିଥିବା ବେଳେ ସିଆରସିସି ସୁବ୍ରତ ସେନାପତି ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ କରିଥିଲେ। ଗଜେନ୍ଦ୍ର ଦାସ, ଅଜିତ୍ ପ୍ରଧାନ, ଦେବସ୍ମିତା ନନ୍ଦ ବ୍ରହ୍ମଚାରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରକାଶ ଯୋଗ୍ୟ, ସୁଗୋ ୟୁପି ଏମ୍‌ଇ ସ୍କୁଲଟି ପୂର୍ବରୁ ବନ୍ଦ ହୋଇଥିବାରୁ ତାହା ସେହି ଗାଁର ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଓ ସପ୍ତମ ଶ୍ରେଣୀ କାର୍ଯ୍ୟ ଚାଲୁ ରହିଛି।

# ଖଇରାରେ ଆଖଣ୍ଡଳେଶ୍ୱରଙ୍କ ବିବାହ ସମ୍ପନ୍ନ

ଖଇରା,୧୬ (ସମିସ)



ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରାର ଆରାଧ୍ୟ ବାବା ଆଖଣ୍ଡଳେଶ୍ୱରଙ୍କ ବିବାହ ଶନିବାର ସଂଧ୍ୟାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଆବାହକତ୍ୱରେ ରୀତିନୀତିରେ ସମ୍ପନ୍ନ ହୋଇ ଯାଇଛି। ପ୍ରଥମେ ସଂଧ୍ୟାରେ ବାବା ଆଖଣ୍ଡଳେଶ୍ୱର ଓ ମାତା ପାର୍ବତୀଙ୍କ ବରକନ୍ୟା ବେଶରେ ଆଳଦାସ୍ଥିତ ନନ୍ଦ କିଶୋର ପାଣିଙ୍କ ଘରୁ ଅଣାଯାଇଥିଲା। ପରେ ରାତି ପ୍ରାୟ ୯ଟା ସମୟରେ ହୋମ ଯଜ୍ଞ ମଧ୍ୟରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଲିକ ଓ ପଦ୍ମଲୋଚନ ଧର କର୍ତ୍ତା ଭାବେ ଦାୟିତ୍ୱ ସମ୍ପନ୍ନ କରିଥିଲେ। ସେହିଭଳି ମିହିର କୁମାର ନାୟକ ଓ ସୁକାନ୍ତି ଦାସ ବରପିତା ଏବଂ ଭୀମସେନ ନାୟକ ଓ ସୁକାନ୍ତି ସାହୁ ତଥା ବିକ୍ରମ ମହାନ୍ତି ଓ ଜ୍ୟୋସ୍ନା ମହାନ୍ତି କନ୍ୟାପିତା, ଯୋଗେଶ ଶତପଥୀ କନ୍ୟାଭ୍ରାତା ଭାବେ ନିଜ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ତୁଲାଇଥିଲେ। ପଣ୍ଡିତ ନିରଞ୍ଜନ ପଣ୍ଡା, ବେଣୁଧର ପଣ୍ଡା ଓ ନୃସିଂହ ପାଣିଙ୍କ ସମେତ ୧୧ଜଣ ଆଚାର୍ଯ୍ୟ ବିବାହ କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ନେମାଳର ସନ୍ଥ ନାରାୟଣ ବାବା ବିବାହ ପଛରେ ଥିବା ପୌରାଣିକ, ତାତ୍ତ୍ୱିକ ଓ ମାର୍ମିକ କଥା ଶ୍ରଦ୍ଧାଳୁଙ୍କୁ ଶୁଣାଇଥିଲେ। ପ୍ରଶାନ୍ତ କୁମାର ବେହେରା, ଜଗତନାଥ ମହାନ୍ତି, ତ୍ରିଲୋକ୍ୟ ଲେଙ୍କା, ପିତାମ୍ବର ନାୟକ, ବିରେନ୍ଦ୍ର ରାଉତଙ୍କ ସମେତ ବ୍ୟବସାୟୀ ବନ୍ଧୁ ଓ ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ।

## ବସ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର



ଖଇରା,୧୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ କୁପାରୀ ଅମ୍ବିକା ଛକରେ ଏକ ବସ୍ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ପ୍ରଥମେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଉକ୍ତ ଯୁବକଙ୍କ ନାମ ପ୍ରମୋଦ କୁମାର ଗାହାଣ(୨୭)। ଘର ଗଡପୋଖରୀ ପଞ୍ଚାୟତ ଅଧୀନ ବାରାଯୋଡି ଗ୍ରାମରେ। ରବିବାର ଅପରାହ୍ନରେ ଗଜପତି ନାମକ ବସ୍ ସୋରରୁ କୁପାରୀ ଦେଇ ଆଗରପଡା ଅଭିମୁଖେ ଯାଉଥିବା ବେଳେ ବରପଦାରୁ ଅମ୍ବିକା ଛକ ଦେଇ କୁପାରୀ ଆସୁଥିବା ପ୍ରମୋଦଙ୍କ ବୁଲେଟ ସହ ଧକ୍କା ହୋଇଥିଲା।

## ଭୁଧାର ଚଣ୍ଡୀ ପୀଠରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ନୀଳଗିରି, ୧୬ (ସମିସ): ଶହ ଶହ ବର୍ଷ ଧରି ନୀଳଗିରି ଉପଖଣ୍ଡର ପ୍ରତ୍ୟକ୍ଷ ଦେବୀ ଭାବେ ସଜନାଗଡରେ ପୂଜା ପାଇଆସୁଥିବା ଦେବୀ ମା' ଭୁଧାର ଚଣ୍ଡୀଙ୍କ ପୀଠରେ ସ୍ୱଚ୍ଛ ଶୀତଳ ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ ହୋଇଛି। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ପ୍ରକଳ୍ପର ଉଦଘାଟନ କରିଛନ୍ତି। ଏହି ସମୟରେ ସଜନାଗଡ ସରପଞ୍ଚ ପ୍ରଦିପ ଖାଲପାଲିଆ, ସମିତି ସଭ୍ୟା ଶାନ୍ତି ସିଂ, ସ୍ଥାନୀୟ ବିଜେପି ନେତା ବିଜୟ ବେହେରା, ସଞ୍ଜୟ ନାୟକ(ବୁନୁ), ବାଙ୍ଗୁର ନାୟକ, ଅଜୟ ରାଉତ, ସଞ୍ଜୟ ପଣ୍ଡା, ସୁଜିତ୍ ରଣାସିଆ,ଭରତ ଖଣ୍ଡେଇ, ସନାତନ ସିଂ,ରବିନ୍ଦ୍ର ସିଂ, ଗଣେଶ୍ୱର ସିଂ, ଦୈତାରି ସିଂ, ସଂଜୟ ସିଂ, ଶିବ ଚରଣ ବେହେରା, ଦିନେଶ ସାହୁ, କରୁଣା ବେହେରା, ରବୀନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ୧୨ନମ୍ବର୍ ଜିଲ୍ଲା ପରିଷଦ ରଞ୍ଜିତା ସିଂ ଙ୍କ ୧୫ ତମ ସି ଏଫ୍ ସି ସେୟାର ର ୨,୩୭,୭୩୮ ଟଙ୍କା ଅନୁଦାନ ରେ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଛି।

## ସିଦ୍ଧେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

ନୀଳଗିରି, ୧୬ (ସମିସ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଅନ୍ତର୍ଗତ ଦକ୍ଷିଣ ନରସିଂହପୁର ପଞ୍ଚାୟତ ବଡ଼ଅତା ଗ୍ରାମରେ ବାବା ସିଦ୍ଧେଶ୍ୱରଙ୍କ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ପୂଜକ ପଦ୍ମଲୋଚନ ଶତପଥୀ ସମସ୍ତ ଗ୍ରାମବାସୀଙ୍କ ମଙ୍ଗଳ କାମନା ପାଇଁ ଶିବଙ୍କ ରୁଦ୍ରାଭିଷେକ, ୧୦୮ ଦେବାଦେବୀଙ୍କୁ ଆହୁତି ଅର୍ପଣ, ଚଣ୍ଡୀପାଠ କରିଥିଲେ, ଭଗବାନ ମଲ୍ଲିକ ବକ୍ତା ଭାବେ ଯୋଗଦେଇ ଗୀତା, ଭାଗବତ ଏବଂ ରାମ ଚରିତ ମାନସ ପାଠ କରିଥିଲେ। ରତିକାନ୍ତ ପ୍ରଧାନ ମଣ୍ଡପରେ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ସାଂସ୍କୃତିକ ଅଂଶ ଭାବେ ଆୟୋଜିତ ହୋଇଥିବା ଏହି ବାର୍ଷିକ ଉତ୍ସବରେ ଦୂର ଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଏବଂ ଅତିଥିମାନେ ଭଗବାନଙ୍କ ପ୍ରତି ନିଜର ଭକ୍ତି ଓ ସମର୍ପଣ ଜଣାଇବା ସହ ପ୍ରସାଦ ସେବନର ମଧ୍ୟ ଆନନ୍ଦ ଲାଭ କରିଥିଲେ। ଲକ୍ଷ୍ମୀଧର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଓ ଦାମୋଦର ପ୍ରଧାନଙ୍କ ମିଳିତ ଅବଦାନରେ ଏହି ମନ୍ଦିର ପ୍ରତିଷ୍ଠିତ ହୋଇଛି।

## ଚୋରକୁ ଧରି ନିସ୍ତୁକ ମାଡ଼

ବାଲିଆପାଳ, ୧୬ (ସମିସ): ଏହି ଥାନା ଅନ୍ତର୍ଗତ ସିମୁଳିଆ ବଜାରରୁ ଜଣେ ଛୋଟ



ପିଲାର ବେକରୁ ସୁନା ପଦକ ଛିଣ୍ଡାଇ ନେଉଥିବା ବେଳେ ଚୋରକୁ କାବୁ କରି ନିର୍ଦ୍ଧୁମ ଛେଚି ପୁଲିସ ରେ ଜିମା ଦେଲେ ଲୋକେ। ସକାଳେ ମାଛ ମାର୍କେଟ ରେ ଗହଳି ଥିବା ବେଳେ ଉକ୍ତ ଚୋର ଜଣେ ଛୋଟ ପିଲା ବେକରୁ ସୁନା ପଦକକୁ ଛିଣ୍ଡାଇ ନେବାକୁ ଉଦ୍ୟମ କରୁଥିବା ବେଳେ ପିଲାଟି ଚିତ୍କାର କରିବାରୁ ଚୋର ଜଣକ ଦୌଡି ପଳାଇ ଯାଉଥିବା ବେଳେ ମାର୍କେଟ ଥିବା ଲୋକମାନେ ତାକୁ କାବୁ କରି ନେଇ ଏକ ଗଛ ରେ ବାନ୍ଧି ଦେଇ ଉତ୍ତମ ମଧ୍ୟମ ଦେଇ ଥିଲେ। ଖବର ପାଇ ବାଲିଆପାଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚୋରକୁ ଉଦ୍ଧାର କରି ଥାନାକୁ ନେବା ସହ ଅଧିକ ତଦନ୍ତ ଜାରି ରଖିଛି। ଉକ୍ତ ଚୋରର ଘର ସିଂଲା ଥାନା ଆମ୍ବକୁଡୁଚି ଗ୍ରାମର ବୋଲି ଜଣା ପଡିଛି। ବାଲିଆପାଳ ସିମୁଳିଆ ମାଛ ମାର୍କେଟରୁ ବାରମ୍ବାର ଚୋରି ହେଉଥିବାରୁ ପୁଲିସ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।

## ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ନୀଳଗିରି, ୧୬ (ସମିସ): ମିତ୍ରପୁରସ୍ଥିତ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟରେ ପ୍ରାଧାପିକା ସଂଯୁକ୍ତା ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଶକ୍ତି ପ୍ରସନ୍ନ ଚାନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ସଭାରେ ଭାରପ୍ରାପ୍ତ ଅଧକ୍ଷ ଅମିତ ସାହୁ ସଭାକୁ ପୌରୋହିତ୍ୟ କରିଥିବା ବେଳେ ଗଣେଶ୍ୱର ମହାନ୍ତି ମାନପତ୍ର ପାଠ କରିଥିଲେ। ଶ୍ରୀ ସାହୁ ଶ୍ରୀମତୀ ସାହୁଙ୍କ ଦୀର୍ଘ ୩୩ ବର୍ଷର କର୍ମମୟ ଜୀବନର କର୍ମ ତତ୍ପରତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଶ୍ରୀମତୀ ସାହୁଙ୍କ ଭଳି ଜଣେ ଉଦାର ବ୍ୟକ୍ତିତ୍ୱଙ୍କର ଅବସର ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ବୋଲି ସେ ମତବ୍ୟକ୍ତ କରିଥିଲେ। ଅଧାପକ ବଳରାମ ପ୍ରଧାନ ମହାବିଦ୍ୟାଳୟ ଉନ୍ନତିରେ ଶ୍ରୀମତୀ ସାହୁଙ୍କ ଭୂମିକା ସମ୍ପର୍କରେ ଅବଗତ କରାଇବାବେଳେ ଅଧାପକ ଆଶିଷ ପାତ୍ର +୨ ପରୀକ୍ଷା ନିୟନ୍ତ୍ରଣ କାର୍ଯ୍ୟରେ ଶ୍ରୀମତୀ ସାହୁଙ୍କ ସହିତ ବିତିଥିବା ଅନେକ ସ୍ମୃତିକୁ ମନେପକେଇ ଥିଲେ। ଶ୍ରୀମତୀ ସାହୁ ଚାକିରି ଜୀବନର କିଛି ଘଟଣା ଓ ଦୁର୍ଘଟଣା ଉପସ୍ଥାପନ କରିଥିଲେ। ଶେଷରେ ଡ ନବନିତା ଦାସ ଶ୍ରୀମତୀ ସାହୁଙ୍କ ମହାନତା ସମ୍ପର୍କରେ ବକ୍ତବ୍ୟ ରଖି ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ତନୁଶ୍ରୀ ମହାପାତ୍ର, ଅଧାପିକା ସ୍ମରଣିକା ଧଳ, ଅଧାପକ ଭକ୍ତହରି ନାୟକ, ସେଲିନ ବାରିକ, ରିନିତା ସାହୁ, ସତ୍ୟରଞ୍ଜନ ପଣ୍ଡା, ଶ୍ରୀମତୀ ସାହୁଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ତାପସ ସେନ, ସୁପ୍ରଭା ନନ୍ଦ, ଆଲୋକ ନାୟକ, ସୋନାଲି ଜେନା, ଲିତା ପାତ୍ର, ସ୍ମୃତିରଞ୍ଜନ ପ୍ରଧାନ, ଖଗେନ୍ଦ୍ର ଦେହୁରୀ ତଥା ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏହି ସଭାରେ ଯୋଗ ଦେଇଥିଲେ।

## ଟ୍ରାନ୍ସଫର୍ମର ପୋଡ଼ି; ପାନୀୟ ଜଳରୁ ବଞ୍ଚିତ ଗ୍ରାମବାସୀ

ଜଳେଶ୍ୱରବ୍ଲକ, ୧୬(ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଶ୍ୟାମନଗର ଗ୍ରାମ ପଞ୍ଚାୟତର ବେଗୁନିଆ ଓ ଘଷିପଦା ଗ୍ରାମରେ ଗତ ୨ଦିନ ହେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯିବା ହେତୁ ଅହେତୁକ ଗରମରେ ଅତିଷ୍ଟ ହେବା ସହିତ ପାନୀୟ ଜଳ ପାଇବାରେ ଶ୍ୟାମନଗର, ଘଷିପଦା, ପଥରସୋଳ, ଧାନଘେରା, ଶୁକଯୋଡ଼ି, କାଳାଯୋଡ଼ି, ଗ୍ରାମର ୧୫୦ରୁ ଅଧିକ ପରିବାର ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ବେଗୁନିଆ ଗ୍ରାମର ୧୨୦ ପରିବାରର ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ପମ୍ପ ଡ୍ରାଇଭରମାନଙ୍କୁ ଠିକାଦାର ମାନେ ପାରିଶ୍ରମିକ ନ ଦେବା ହେତୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯାହାକୁ ନେଇ ଶ୍ୟାମନଗର ଗ୍ରାମ ପଞ୍ଚାୟତର ସରପଞ୍ଚ ଗିରିଜା ଶଙ୍କର ସାସମଲ ହାତିଗଡ଼ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ଜଣାଇବା ସହିତ ପିଇବା ପାଣିର ସୁବନ୍ଦୋବସ୍ତ କରିବା ପାଇଁ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତି କରାଇଛନ୍ତି।

## ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ କର୍ମଶାଳା




ଚନ୍ଦନେଶ୍ୱର, ୧୬ (ସମିସ) : ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଆଗାମୀ ନୂତନ ୨୦୨୫-୨୬ ବର୍ଷର ରୋଟାରୀ ଯୋଜନା ପାଇଁ ପ୍ରଥମ କର୍ମଶାଳା(କ୍ଲବ ଏସଏମଲ୍ଲି) ତାଳସାରୀ ହୋଟେଲ ଶ୍ରୀ ଇନରେ ଅନୁଷ୍ଠିତ ହୋଇଛି। ସଭାପତି ଇଂ. ଭାସ୍କର ରଂଜନ ସ୍ୱାଇଁ ସଂପାଦକ ସୁବୀର ଚାଟାର୍ଜିଙ୍କ ତତ୍ତ୍ୱାବଧାନରେ ଅତିଥି ଭାବେ ସହକାରୀ ପ୍ରାନ୍ତପାଳ(ଏଡିଜି) ଯୋଗେଶ ସାହା ଆଗାମୀ ୨୦୨୫-୨୬ ବର୍ଷ ରୋଟାରୀ ସଭାପତି ସୁବୀର କୁମାର ସେନାପତି, ସଂପାଦକ ଅଂଶୁମାନ ରାଉତ, ପ୍ରାକ୍ତନ ସଭାପତି ପ୍ରଫୁଲ୍ଲ କୁମାର ଦାସ ପ୍ରଭାତ କୁମାର ସାହୁ, ସୁବ୍ରତ କୁମାର ରଣା, ଡ. ଦୀପ୍ତିମୟୀ ମହାପାତ୍ର ପ୍ରମୁଖ କର୍ମଶାଳାରେ ସମସ୍ତ ରୋଟାରିଆନମାନଙ୍କୁ ରୋଟାରୀ କ୍ଲବ ଯୋଜନା ସମ୍ବନ୍ଧୀୟ ବିଶେଷ ସୂଚନା ପ୍ରଦାନ ସହ ବୋର୍ଡ ଅଫ ଡାଇରେକ୍ଟରମାନଙ୍କ ନାମ ଘୋଷଣା କରିଥିଲେ। ବରିଷ୍ଠ ପ୍ରାକ୍ତନ ସଭାପତି ସତ୍ୟସୁନ୍ଦର ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ କ୍ଲବର ବହୁ ପ୍ରାକ୍ତନ ସଭାପତି ଓ ରୋଟାରିଆନ ଅଂଶଗ୍ରହଣ କରିଥିଲେ।

## ସଙ୍କଟରେ କୁମ୍ଭକାରଙ୍କ କୌଳିକ ବୃତ୍ତି

**● ତହସିଲଦାରଙ୍କୁ ଭେଟିଲେ ୩୦ ପରିବାର**

ଜଳେଶ୍ୱର ବ୍ଲକ, ୧୬ (ସମିସ) : ଲୋପ ପାଇବାକୁ ବସିଛି କୁମ୍ଭକାରଙ୍କ



କୌଳିକ ବୃତ୍ତି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାଗୁଣିଆପଡା ଗ୍ରାମରେ ୩୦ କୁମ୍ଭାର ପରିବାର ମାଟିରେ ତିଆରି ହାଣ୍ଡି, ଦୀପ, ଧୂପ, ସରା, କଳସ, ପୂଜା, କଣ୍ଡାଇ, କୁମ୍ଭୀ ସାମଗ୍ରୀ ପ୍ରସ୍ତୁତ କରି ଗାଁ ଗାଁ ହାଟ ବଜାରରେ ବିକ୍ରି କରି ଜୀବିକା ନିର୍ବାହ କରିଥାନ୍ତି। ଘରର ମହିଳା ଓ ପିଲା ମାନେ ମଧ୍ୟ କୌଳିକ ବୃତ୍ତିକୁ ଜୀବିତ ରଖିଛନ୍ତି। କିନ୍ତୁ କୁମ୍ଭାର ଜାତିର କୌଳିକ ବୃତ୍ତି ଲାଗୁଥିବା ମାଟି ଏକ ମୁଖ୍ୟ ସମସ୍ୟା ପାଲଟି ଯାଇଛି। ଉକ୍ତ ଗ୍ରାମର ଦିଘି ଆଡି ଠାରେ ମିଳୁଥିବା ମାଟି ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ସେଠାରୁ ଆଣି ମାଟିର ଆସବାବପତ୍ର ତିଆରି କରୁଥିଲେ। କିନ୍ତୁ ଏବେ ସେହି ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ୫୦ ହଜାର ଟଙ୍କା ଦେଲେ ତୁମେ ମାନେ ଏଠାରୁ ମାଟି ନେଇ ପାରିବ ନ ହେଲେ ଆମେ ମାଟି ଦେବୁ ନାହିଁ ବୋଲି କହୁଛନ୍ତି। ଯାହା ଫଳରେ ଏବେ ଗ୍ରାମର କୁଳ ବେଉସା ଲୁପ୍ତ ହୋଇ ଯିବାର ଆଶଙ୍କା କରି ଜନନୀ କାନ୍ତ ଦାସ, ଯୋଗେଶ ଦାସ, ପ୍ରତାପ ଚନ୍ଦ୍ର ଦାସ, ନିରଞ୍ଜନ ଦାସ, ଲକ୍ଷ୍ମୀଧର ବେହେରା, ଶମ୍ଭୁନାଥ ବେହେରା, ଝୁନା ବେହେରା, ସନ୍ୟାସୀ ବେହେରା, ପ୍ରମୁଖ ଗ୍ରାମବାସୀ ମାଟି ଯୋଗାଇ ଦେବାକୁ ଜଳେଶ୍ୱର ତହସିଲଦାରଙ୍କଠାରେ ଜଣାଇ ଛନ୍ତି।

## ଟ୍ରେନ୍‌ରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ

ବାହାନଗା,୧୬ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଖନ୍ତାପଡ଼ା ରେଳ ଷ୍ଟେସନର ସେକ୍ସନ ନିକଟରେ ଟ୍ରେନରୁ ଖସିପଡି ଜଣେ ଆସାମ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ରେଳ ଧାରଣା ନିକଟରେ ଯୁବକ ଜଣକ ପଡିଥିବାର ବାଲେଶ୍ୱର ରେଳବାଇ ପୁଲିସ ସୂଚନା ପାଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚିକିତ୍ସା ନିମନ୍ତେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ଯୁବକ ଜଣକ ଆସାମ ରାଜ୍ୟର ଜୟଦ୍ଦୁଲ ସେକଙ୍କ ପୁଅ ରସିଦ୍ଦୁଲ ସେକ (୩୦) ବୋଲି ଜଣାପଡିଛି। ମୃତ ଯୁବକଙ୍କ ନିକଟରୁ ମିଳିଥିବା ରେଳ ଟିକଟ ଆଧାରରେ ଯୁବକ ଜଣକ ଗୌହାଟି କନ୍ୟାକୁମାରୀ ବିବେକ ଏକ୍ସପ୍ରେସରେ ଯାଉଥିବା ବେଳେ ଖସିପଡିଥିବାର ରେଳବାଇ ପୁଲିସ ଜାଣିବାକୁ ପାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବାଲେଶ୍ୱର ରେଳବାଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ନୀଳଗିରି,୧୬ (ସମିସ): ନୀଳଗିରି ସହରର ଘାଟଘରସାହିର ସ୍ୱର୍ଗତ ବୈଦ୍ୟନାଥ ବେହେରାଙ୍କ ଧର୍ମପତ୍ନୀ ଚମ୍ପାମଣି ବେହେରା (୮୦)ଙ୍କ ଘରେ ଚିକିତ୍ସାଧୀନ ଅବସ୍ଥାରେ ପରୋଲକ ଘଟିଛି। ପାର୍ଥିବ ଶରୀର ନିକଟରେ ବଡପୁଅ ଅଶୋକ ବେହେରା, ବଡ ବୋହୂ ଆରତୀ, ସାନ ପୁଅ ଅକ୍ଷୟ, ସାନ ବହୁ ଗୌରୀମଣି , ନାତୁଣୀ ଜ୍ୱାଇଁ ସନାତନ ଦାସ, ନାତୁଣୀ ଦୀପିକା ବେହେରା, ଅର୍ଚ୍ଚନା ବେହେରା, ଝିଅ, ଜ୍ୱାଇଁ, ନାତି ନାତୁଣୀ ସହ ପରିବାର ଲୋକେ ଶେଷ ଦର୍ଶନ କରିଛନ୍ତି। ବନ୍ଧୁ ପ୍ରିୟଜନ ସହ ପଡୋଶୀ ମାନେ ଚମ୍ପାମଣିଙ୍କ ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଫାର୍ମ ହାଉସରେ ଚମ୍ପାମଣି ଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡପୁଅ ଅଶୋକ ମୁଖାଗ୍ନି ଦେଇଛନ୍ତି।

# ଗରିବ ଓ ଅନାଥ ପିଲାଙ୍କ ସାହାରା ଅଶୋକ

**ମାଗଣାରେ ଦେଉଛନ୍ତି ଶିକ୍ଷା**

ବାଲେଶ୍ୱର,୧୬ (ସମିସ)





ନିଜେ ଭୋଗିଥିବା କଷ୍ଟ ଏବଂ ସମସ୍ୟାକୁ ଅନୁଭବ କରିଥିବାରୁ କେହି ଯେପରି ଅର୍ଥ ଅଭାବରୁ ନିଜ ପ୍ରତିଭା ବିକାଶ ଦିଗରୁ ବଞ୍ଚିତ ନ ରୁହନ୍ତୁ, ସେଥିପାଇଁ ବହୁ କଷ୍ଟ ଓ ପ୍ରୟାସରେ ଏପରି ଏକ ମହାବିଦ୍ୟାଳୟ ଗଢ଼ିଛନ୍ତି ବାଲେଶ୍ୱରର ଅଶୋକ କୁମାର ଦାସ(୨୯)। ଅନେକ ଗରିବ ଓ ଅନାଥ ପିଲାମାନଙ୍କୁ ସେ ମାଗଣାରେ ଶିକ୍ଷା ପ୍ରଦାନ କରୁଛନ୍ତି। ଗଢିଥିବା ଏକ ଝାଟିମାଟି ମହାବିଦ୍ୟାଳୟରେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଏବଂ ତବଲା ଆଦି ଶିକ୍ଷା ପ୍ରଦାନ କରାଯାଉଛି। ସେଥିରେ ସେ ନିଜେ ଚିତ୍ରକଳା ଶିକ୍ଷକ ଭାବେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି। ସୂଚନାଯୋଗ୍ୟ, ସଦର ବ୍ଲକ ମଝିକିଆ ଗ୍ରାମରେ ରହୁଥିବା କାର୍ତ୍ତିକ ଚନ୍ଦ୍ର ଦାସ ଓ ଗୀତାଞ୍ଜଳି ଦାସଙ୍କ ବଡ଼ ପୁଅ ଅଶୋକ କୁମାର ଦାସ। କାର୍ତ୍ତିକ ଚନ୍ଦ୍ର ଦାସ କାଠ କାମ କରନ୍ତି। ତେବେ ଅଶୋକଙ୍କ ଉପରେ ପରିବାର ଚଳାଇବାର ଦାୟିତ୍ୱ ମଧ୍ୟ ରହିଛି। ଅଶୋକ ଯୁକ୍ତ ତିନି ପଢିବା ପରେ ଭଦ୍ରକ ଆର୍ଟ କଲେଜରେ କଳାରେ ଡିଗ୍ରୀ ପଢୁଛନ୍ତି। ବର୍ତ୍ତମାନ ଅଶୋକ ନିଜେ ପାଠ ପଢ଼ିବା ସହ ଅନ୍ୟମାନଙ୍କୁ ଚିତ୍ରକଳା ଶିକ୍ଷା ଦେଉଛନ୍ତି। ପ୍ରଥମେ ଅଶୋକ ମାଗଣାରେ ଟ୍ୟୁସନ୍ ଦେଉଥିଲେ। ଏହାପରେ ୨୦୧୫ ରେ ଏକ କ୍ଲବ ଘରେ କଳା ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ। ଅଶୋକ ନିଜେ ଯେତେବେଳେ ଚିତ୍ରକଳା ଶିକ୍ଷା ଗ୍ରହଣ କରୁଥିଲେ ସେତେବେଳେ ଅନେକ କଷ୍ଟରେ ପାଠ ପଢିଥିଲେ। ପାଠପଢା ପାଇଁ ଅଧିକ ଫି ଦେବା ତାଙ୍କ ସମ୍ଭବ ନ ଥିଲା। ଯାହାକୁ ସେ ଅନୁଭବ କରିଥିଲେ। ସେତେବେଳେ ହିଁ ଅଶୋକ ଏକ ଅନୁଷ୍ଠାନ ଗଢିବାକୁ ଚିନ୍ତା କରିଥିଲେ। ୨୦୧୧ ରେ ଆରମ୍ଭ କଲେ ନିଜେ ଶିକ୍ଷାଦାନ କରିବା। ସେତେବେଳେ ଲୋକଙ୍କ ଘରେ ଭଡାରେ ଚାଲୁଥିଲା ଶିକ୍ଷଦାନ। ପରେ ନିଜର ଅନୁଷ୍ଠାନ ଖୋଲିବାକୁ ଯୋଜନା କରିଲେ। ୨୦୨୨ ମସିହାରେ ଉକ୍ତ ଗାଁର ବୈଦାନ୍ୟ ବ୍ୟକ୍ତି ତଥା ଅଶୋକଙ୍କ ଗୁରୁ ଗୌରାଙ୍ଗ ଚନ୍ଦ୍ର ବେହେରା ଭୂମିଦାନ କରିଥିଲେ। ତାଙ୍କ ସହଯୋଗରେ ଅଶୋକ ମଝିକିଆ ଗାଁରେ ଏକ ଝାଟିମାଟି ଘରେ ଅନୁଷ୍ଠାନ ଗଢି ଆଗକୁ ବଢ଼ିବାକୁ ଲାଗିଲେ। ଯାହାର ନାମ ମା ବୁଢୀ ବାସୁଳୀ କଳା ଓ ସଂସ୍କୃତି ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟରେ ପ୍ରାୟ ୧୪୦ ପିଲା ଶିକ୍ଷା ଗ୍ରହଣ କରୁଛନ୍ତି। ଏଥିରେ ୪ ବର୍ଷରୁ ଆରମ୍ଭ କରି ୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲା ରହିଛନ୍ତି। ଏଠାରେ ପିଲାମାନଙ୍କୁ ନାଚ, ଗୀତ, ତବଲା, ଚିତ୍ର ଏବଂ ତବଲା ଶିକ୍ଷା ପ୍ରଦାନ କରାଯାଉଛି। ଏମାନଙ୍କ ମଧ୍ୟରୁ ପ୍ରାୟ ୪୫ ଜଣ ଅତ୍ୟନ୍ତ ଗରିବ ଓ ଅନାଥ ପିଲା ମାଗଣାରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ମହାବିଦ୍ୟାଳୟରେ ଶିକ୍ଷକ ରହିବେ। ଅଶୋକ ଅନେକ କଷ୍ଟରେ ନିଜ ହାତରୁ ନହେଲେ କେହି ଦାନ କରିଥିବା ଟଙ୍କାରୁ ସେମାନଙ୍କୁ ଦରମା ଦେଇଥାନ୍ତି। ମୁଁ ନିଜେ ଯେମିତି ଦୁଃଖ କଷ୍ଟ ଭିତରେ ଆଗକୁ ବଢିଛି। ଅଭାବ ଅସୁବିଧା ଭିତରେ ମୁଁ ଏତେ ବାଟକୁ ଆସିଛି। ସେମିତି ଅନ୍ୟ ପିଲାମାନେ ନ ହୁଅନ୍ତୁ। ସେଥିପାଇଁ ଏହି ଅନୁଷ୍ଠାନ କରିଛି। ବର୍ତ୍ତମାନ ଏହି ଅନୁଷ୍ଠାନକୁ ସରକାର ହସ୍ତାନ୍ତର କରିଛନ୍ତି। ସରକାର ଆମକୁ ସହଯୋଗ କରନ୍ତୁ। ଏଠି ପିଲାମାନଙ୍କୁ ପଢ଼ାଉଥିବା ଶିକ୍ଷକମାନେ ମଧ୍ୟ ଠିକ୍ ଭାବେ ଦରମା ପାଉନାହାନ୍ତି। ୧୪ ଜଣ କର୍ମଚାରୀ ଅଛନ୍ତି। ସମସ୍ତେ ଏବେ ସ୍ୱ-ଇଚ୍ଛାରେ ପିଲାଙ୍କୁ ଶିକ୍ଷାଦାନ କରୁଥିବା ଅଶୋକ କହିଛନ୍ତି।

## ବିଚିତ୍ରପୁର ଇକୋ ଟୁରିଜିମ୍

# ପ୍ରସ୍ତାବିତ ହୋଟେଲ ଶିଳ୍ପକୁ ଗ୍ରାମବାସୀଙ୍କ ବିରୋଧ

ଚନ୍ଦନେଶ୍ୱର,୧।୬ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଅନ୍ୟତମ ପ୍ରମୁଖ ପ୍ରାକୃତିକ ଶୋଭା ବିମଣ୍ଡିତ ପର୍ଯ୍ୟଟନସ୍ଥଳୀ ବିଚିତ୍ରପୁର ଇକୋ ଟୁରିଜିମ । ଏହାର ବିକାଶ ପାଇଁ ସରକାର ଅଣ୍ଟା ଭିଡିଛନ୍ତି । ଗତ ଗୁରୁବାର ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଗସ୍ତ କରି ଇକୋ ଟୁରିଜିମର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ସୁବର୍ଣ୍ଣପୁର ଦ୍ୱୀପକୁ ଯାଇ ବଙ୍ଗୋପସାଗର ଓ ସୁବର୍ଣ୍ଣରେଖାର ମିଳନସ୍ଥଳରେ ବନ ବିଭାଗ ଦ୍ୱାରା ସୃଷ୍ଟି ହୋଇଥିବା ଲୁଣି ଜଙ୍ଗଲ ବୁଲି ଦେଖିଥିଲେ। ତେଣୁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଇଡ଼କୋ ପକ୍ଷରୁ ହୋଟେଲ ନିର୍ମାଣ ନେଇ ଆଲୋଚନା ହୋଇଥିଲା ।

ଗତ ୨ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତାଳସାରୀ ଗସ୍ତ ସମୟରେ ବିଚିତ୍ରପୁର ଇକୋ ଟୁରିଜିମର ବିକାଶ ନେଇ ଆଲୋଚନା କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ତୁରନ୍ତ ହୋଟେଲ ନିର୍ମାଣ ପାଇଁ ଇଡ଼କୋ ଡିଭିଜିନାଲ ମୁଖ୍ୟ ସ୍ମୃତିରଞ୍ଜନ ମଲ୍ଲିକଙ୍କ ସହିତ ଆଲୋଚନା କରି ତୁରନ୍ତ ଆବଶ୍ୟକୀୟ ଜାଗା ଯୋଗାଇ ଦେବେ ବୋଲି କହିଥିଲେ। ଏହି ଖବର ପ୍ରଚାରିତ ପରେ ପ୍ରସ୍ତାବିତ ହୋଟେଲ ଶିଳ୍ପ ନିର୍ମାଣକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ ବିଚିତ୍ରପୁର ଇକୋ ଟୁରିଜିମ ପ୍ରାୟ ଆଠ ଶହ

### ଜୀବନଜୀବିକା ପ୍ରଭାବିତ ହେଲେ ହେବ ଆନ୍ଦୋଳନ

ହେକ୍ଟର ଜାଗାକୁ ନେଇ ପର୍ଯ୍ୟଟନ ସ୍ଥଳୀ । ଏହି ସବୁ ଜାଗାରେ ପ୍ରାୟ କାନ୍ଠିଥଉଁରୀ ପଞ୍ଚାୟତର ରଣସିଂହପୁର, ବଡ଼ପାହି, ବିଚିତ୍ରପୁର ଓ ଶ୍ରଦ୍ଧାପୁର ପଞ୍ଚାୟତର ଖଡ଼ିବିଲ ଆଦି ଗ୍ରାମର ଅଧିକାଂଶ ଗରିବ, ଖଟିଖିଆ, ଭୂମିହୀନ, ହରିଜନ, ଆଦିବାସୀ ପରିବାର ସ୍ଥାୟୀ ଭାବରେ ଶହେ ବର୍ଷରୁ ଅଧିକ ହେବ ବସବାସ କରିଆସୁଛନ୍ତି । ସେମାନେ ସେହି ସବୁ ଜାଗାରେ ଧାନ, ବାଦାମ ଚାଷ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି । ଇଡ଼କୋ ପକ୍ଷରୁ ପ୍ରସ୍ତାବିତ ହୋଟେଲ ଶିଳ୍ପ ନିର୍ମାଣକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହେବା ସହିତ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଆଜି ରବିବାର ସକାଳେ ଶହ ଶହ ମହିଳା, ପୁରୁଷ ବଡ଼ପାହି ଗ୍ରାମର ମଠ ବାଡ଼ି ଛକ ଠାରେ ମେଳି ବାନ୍ଧି ସରକାରଙ୍କର ଉକ୍ତ ପ୍ରସ୍ତାବିତ ହୋଟେଲ ଶିଳ୍ପ ନିର୍ମାଣକୁ ବିରୋଧ କରିଛନ୍ତି । ସେମାନେ ପ୍ରକାଶ କରିଛନ୍ତି ଯେ, ଆମେ ହୋଟେଲ ଶିଳ୍ପକୁ ବିରୋଧ କରୁନାହୁଁ ମାତ୍ର ଆମର ଶହ ଶହ ବର୍ଷର ଭାତ ହାଣ୍ଡି ଆମର ଜୀବନ ଜୀବିକା ଚାଷ ଜମି ଉପରେ ହୋଟେଲ ଶିଳ୍ପ ପ୍ରତିଷ୍ଠା ହେଲେ ଆମେ ଏହାକୁ ତୀବ୍ର ବିରୋଧ କରିବୁ ବୋଲି ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ସମାଜସେବୀ ବଳରାମ ପାତ୍ର, ଶମ୍ଭୁନାଥ ମାଝୀ, ରାଜକୁମାର ପାତ୍ର, ଘନଶ୍ୟାମ ନାୟକ, ସୁଧୀର ଭୂୟାଁ, ରବୀନ୍ଦ୍ର ଜେନା, ଭଗବାନ ବେହେରା, ଶ୍ରୀମତୀ ପଟ୍ଟାୟତ, ବିଜୟ ବେହେରା, କାର୍ତ୍ତିକ ଜେନା, ଧନଞ୍ଜୟ ମଲ୍ଲିକ, ଭାରତୀ ମଲ୍ଲିକ, କିଶୋର ପଟ୍ଟାୟତ, ବସନ୍ତ ମଲ୍ଲିକ, ହରିଶ ଗାରୁ ପ୍ରତିମା ମଣ୍ଡଳ, ଝରଣା ମଲ୍ଲିକ, ସୁଚିତ୍ରା ଦଳାଇ, କୃଷ୍ଣଚନ୍ଦ୍ର ମଲ୍ଲିକ, ଅଞ୍ଜଳି ପଟ୍ଟାୟତ, ଅମ୍ବିକା ବେହେରା ପ୍ରମୁଖ ଓ ଅନ୍ୟ ଶହ ଶହ ମହିଳା, ପୁରୁଷ ଉପସ୍ଥିତ ଥିଲେ।

## କବି ବ୍ରଜନାଥ ରଥଙ୍କ ପୁଣ୍ୟତିଥି ପାଳିତ



ବାଲେଶ୍ୱର,୧।୬ (ସମିସ): ଆଧୁନିକ ଓଡ଼ିଶାର ଜଣେ ପ୍ରଥିତଯଶା କବି ଡ. ବ୍ରଜନାଥ ରଥଙ୍କ ଏକାଦଶତମ ପୁଣ୍ୟତିଥି ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରଥମେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାମାନେ କବି ରଥଙ୍କୁ ତାଙ୍କର କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବିଙ୍କ ଅନେକ ସ୍ୱରଚିତ କବିତା ଓ ଅନୁଦିତ କବିତାକୁ ସେମାନେ ସୁନ୍ଦର ଭାବରେ ଆବୃତ୍ତି କରିଥିଲେ ଓ ସେମାନଙ୍କୁ ଏଥିପାଇଁ ସମ୍ବର୍ଦ୍ଧନା ପତ୍ର ମଧ୍ୟ ପରିଷଦ ତରଫରୁ ପ୍ରଦାନ କରାଯାଇଥିଲା। ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯେଉଁଥିରେ ମୁଖ୍ୟ ଅତିଥି ଭାବରେ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଓ ବକ୍ତା ଭାବେ ବିଶିଷ୍ଟ ଗବେଷକ ଡ. ଶିରିଶ ଚନ୍ଦ୍ର ଜେନା ଓ ସାରସ୍ୱତ ସାଧକ କାଳିକିଙ୍କର ଦାସ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡ. ପ୍ରହ୍ଲାଦ ଚରଣ ମହାନ୍ତି କହିଲେ ଯେ ବ୍ରଜନାଥ ରଥ ଓଡ଼ିଆ ସାହିତ୍ୟରେ ଏକ ଉଜ୍ଜ୍ୱଳତମ ଜ୍ୟୋତିଷ୍କ। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର କହିଲେ ଯେ ବ୍ରଜବାବୁ ଥିଲେ ଆମର ମୂରବୀ। ତାଙ୍କ କବିତାର ଛନ୍ଦ, ରସ ଓ ମାନବିକ ଆବେଦନ ଖୁବ ଉଚ୍ଚକୋଟିର। ସମ୍ପାଦକ ଡ. ରତ୍ନାକର ସିଂହ କବି ରଥଙ୍କର ଓଡ଼ିଆ ସାହିତ୍ୟପ୍ରତି ସ୍ୱତନ୍ତ୍ର ଅବଦାନକୁ ସ୍ମରଣ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କବିଙ୍କର ଜ୍ୟେଷ୍ଠାକନ୍ୟା ମାନସ୍ୱିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବ ୱାର୍କଚାର୍ଜଡ ରେଗୁଲାର ସଂଘର ମଣ୍ଡଳସ୍ତରୀୟ ସଭା



ବାଲେଶ୍ୱର,୧।୬ (ସମିସ): ଡିଏଲ ଆରରୁ ୱାର୍କଚାର୍ଜଡ଼ରୁ ନିୟମିତ ହୋଇ ବିନା ପେନସନରେ ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କୁ ପେନସନ ପ୍ରଦାନ, ଡି ଏଲଆର ରୁ ୱାର୍କଚାର୍ଜଡ଼ ହୋଇ ଅବସର ଗ୍ରହଣ କରିଥୁବା କର୍ମଚାରୀଙ୍କୁ ପି. ଜି ଆକ୍ଟ ୧୯୭୨ ଅନୁସାରେ ଗ୍ରାଚ୍ୟୁଇଟି ପ୍ରଦାନ ଓ ଅବ୍ୟବହୃତ ଛୁଟି ଦରମା ଆଦି ପ୍ରଦାନ ଦାବିରେ ରାଜ୍ୟ ସଂଘର ଆହ୍ୱାନକ୍ରମେ ଓଡିଶା ପୂର୍ବ ଅବସରପ୍ରାପ୍ତ ୱାର୍କଚାର୍ଜଡ଼/ରେଗୁଲାର କର୍ମଚାରୀ ସଂଘ ଓ ଓଡିଶା ୱାର୍କସ ଡିପାର୍ଟମେଣ୍ଟ ୱାର୍କଚାର୍ଜଡ଼/ରେଗୁଲାର କର୍ମଚାରୀ ଆସୋସିଏସନ, ବାଲେଶ୍ୱର ମଣ୍ଡଳ ଶାଖା ତରଫରୁ ବାଲେଶ୍ୱର ଏନ. ଏଚ (ଆଇ. ବି), ବାଲେଶ୍ୱର ଠାରେ ରାଜ୍ୟସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ବାହିନୀପତିଙ୍କ ସଭାପତିତ୍ୱରେ ମଣ୍ଡଳସ୍ଥରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆଉ ୯ଟି ସ୍ଥାନରେ ମଣ୍ଡଳସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ରାଜ୍ୟସଂଘର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି । ସେ କହିଛନ୍ତି ଯେ ଯନ୍ତ୍ରୀମୁଖ୍ୟ ସିଭିଲ ସରକାରଙ୍କୁ ଚିଠି ମାଧ୍ୟମରେ ଦେଇଥିବା ପ୍ରସ୍ତାବ ଓ ଦାବି କାର୍ଯ୍ୟକାରିତା ପାଇଁ ଆବଶ୍ୟକୀୟ ବିଚାର ନିମନ୍ତେ ପଠାଯାଇଥିବା ତିନିଟି ଦାବି ଉପରେ ସରକାର ନିଷ୍ପତ୍ତି ନନେଲେ ଆଗାମୀ ଭବିଷ୍ୟତରେ ଆନ୍ଦୋଳନ ହେବ। ଏହି ସଭାରେ ବାଲେଶ୍ୱର ମଣ୍ଡଳ ଅଧିନସ୍ଥ ରାଇରଙ୍ଗପୁର ବିଭାଜନରୁ ଲବ କିଶୋର ମହାନ୍ତି, ବାରିପଦା ବିଭାଜନରୁ ରଘୁନାଥ ସାହୁ, ବିନୋଦ ସହୁ ଓ ଦେବାନନ୍ଦ ନାୟକ, ଭଦ୍ରକ ବିଭାଜନରୁ ସରୋଜ ପଣ୍ଡା ଓ ଗଣେଶ ପ୍ରସାଦ ସାହୁ ଓ ଉମାକାନ୍ତ ମହାପାତ୍ର ଏବଂ ବାଲେଶ୍ୱର ବିଭାଜନ ରୁ ରାମ ଚନ୍ଦ୍ର ଜେନା ଓ ସଦାନନ୍ଦ ରାଉତ ବକ୍ତବ୍ୟ ରଖିଥିଲେ। ରାଜ୍ୟସଂଘର ସାଧାରଣ ସମ୍ପାଦକ ଅରୁଣ ପରିଡା ବକ୍ତବ୍ୟ ରଖିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ବହୁ କର୍ମଚାରୀ ସେମାନଙ୍କର ସମସ୍ୟା ଉପସ୍ଥାପନ କରିଥିଲେ। ଉମାକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭିତ୍ତିପ୍ରସ୍ତର

ବାଲେଶ୍ୱର,୧।୬ (ସମିସ): ସାଉଁ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ କରକମଳରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ଉତ୍ସବ କମିଟି ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ କମିଟିର ଉପଦେଷ୍ଟା ବଂଶୀଧର ପାତ୍ର, ସଭାପତି ଭାସ୍କର ପରିଡା, ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସନ୍ୟାସୀ ମହାନ୍ତି, ସଞ୍ଜୀବ୍ ବାରିକ୍, ପିତାମ୍ବର ସାମଲ୍, ହେମେନ୍ଦ୍ର ବୁଗୁଡାଇ, ଜୟନ୍ତ ମହାନ୍ତି, ସନାତନ ବେହେରା, ଅନୁପମା ରାଉତ, ଜ୍ୟୋତିର୍ମୟୀ ନାୟକ, ଲକ୍ଷ୍ମୀଧର ନାୟକ, ସରୋଜ୍ ସେନାପତି, ଚିନ୍ମୟ ପ୍ରଧାନ, ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

## 'ଗଣିତ ବିଜ୍ଞାନରେ ନବୀନ ଗବେଷଣା ପ୍ରବୃତ୍ତି' ଜାତୀୟ ସମ୍ମିଳନୀ



ବାଲେଶ୍ୱର,୧।୬(ସମିସ): 'ଗଣିତ ବିଜ୍ଞାନରେ ନବୀନ ଗବେଷଣା ପ୍ରବୃତ୍ତି' ଶୀର୍ଷକରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଗଣିତ ବିଭାଗ ତରଫରୁ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀର ସଂପାଦକ ପ୍ରଫେସର ଗୌରାଙ୍ଗ ଚରଣ ସାମନ୍ତ, ଗଣିତ ବିଭାଗ ମୁଖ୍ୟ ଏବଂ ଡ. ଅଭୟ ନାଏକ ସମ୍ମିଳନୀର ଅର୍ଗାନାଇଜିଙ୍ଗ ସେକ୍ରେଟାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟଅତିଥି ଭାବେ କୋଲକାତା ସ୍ଥିତ ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ଇନଷ୍ଟିଚ୍ୟୁଟର ପ୍ରଫେସର ବିଶ୍ୱରଞ୍ଜନ ବେହେରା ଗଣିତ ଗବେଷଣାର ନୂଆ ମାନକ ଉପରେ ଏକ ପ୍ରେରଣାଦାୟକ ଉଦ୍‌ଘାଟନୀ ବ୍ୟାଖ୍ୟାନ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଭାସ୍କର ବେହେରା ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଫେସର ଦିଲୀପ କୁମାର ମାଇତି, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ, ପ୍ରଫେସର ବପ୍ପାଦିତ୍ୟ ଭୌମିକ, ଆଇଆଇଟି ଖଡ଼ଗପୁର, ପ୍ରଫେସର ସୁନୀଲ କୁମାର ପ୍ରଜାପତି, ଆଇଆଇଟି ଭୁବନେଶ୍ୱର, ପ୍ରଫେସର ସୁଭବ୍ରତ ପଲ, ଆଇଆଇଟି ପାଟନା, ପ୍ରଫେସର ଶିବେଶ କୁମାର ଜ୍ୟାକ ପ୍ୟାସିଫ, ପିଆଇସିଏସ୍, ସମ୍ବଲପୁର, ପ୍ରଫେସର ନବୀନ କୁମାର ସାହୁ, ଡିଏ-ଆଇଆଇସିଟି, ଗାନ୍ଧୀନଗର, ପ୍ରଫେସର ସୁନୀଲ କୁମାର ତ୍ରିପାଠୀ, ଆଇଜିଆଇଟି ସାରଙ୍ଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ୧୦୪ ଜଣ (ଅଧ୍ୟାପକ, ଗବେଷକ, ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀ) ଅଂଶଗ୍ରହଣ କରିଥିଲେ। ୨୩ ଜଣ ଗବେଷକ ତାଙ୍କ ଗବେଷଣା ପତ୍ର ପ୍ରସ୍ତୁତ କରିଥିଲେ ଓ ୩୬ ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀ ପୋଷ୍ଟର ଉପସ୍ଥାପନ କରିଥିଲେ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧।୬ (ସମିସ): ମିଳିତ ନିଶା ନିବାରଣ ଅଭିଯାନର ରେମୁଣା ଶାଖା ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ, ସମାଜସେବୀ ଚକ୍ରଧର ଦାସ, ପଦ୍ମଲୋଚନ ପଣ୍ଡା, ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢୀ, ଯୋଗେଶ ଚନ୍ଦ୍ର ବେହେରା, ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ଷ୍ଟାଲିନ ମିଶ୍ର, ଦୁଷ୍ମନ୍ତ ଦାସ ଯୋଗଦେଇ ନିଶାସେବନର ଭୟାବହତା ସମ୍ପର୍କରେ ଆଲୋଚନା କରି ତମାଖୁ ବର୍ଜନ ପାଇଁ ସମସ୍ତେ ଶପଥ ନେଇଥିଲେ।



ସଦସ୍ୟା ସୁନାମଣି ଜେନା ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ନିଶା ନିବାରଣ ସଂଘର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

## ଏବିଭିପି ତରଫରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ



ବାଲେଶ୍ୱର,୧।୬ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବାଲେଶ୍ୱର ତରଫରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ-୨୦୨୫ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଥିବା ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଶ୍ରେଷ୍ଠ ବିଦ୍ୟାର୍ଥୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅଖିଳ ଭାରତୀୟ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର ପ୍ରାନ୍ତ ସହ ସଂଯୋଜକ ହେମନ୍ତ କୁମାର ଜେନା, ସମ୍ମାନିତ ଅତିଥି ପୂର୍ବତନ କାର୍ଯ୍ୟକର୍ତ୍ତା ଚନ୍ଦ୍ରଶେଖର ନନ୍ଦ ଓ ଇଏଟି ବାଲେଶ୍ୱରର ନିର୍ଦ୍ଦେଶକ ସୁପ୍ରିତୀ ମିଶ୍ର, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ କଳା ମଞ୍ଚ ସଂଯୋଜକ ଦେବପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ, ଜିଲ୍ଲା ସହସଂଯୋଜକ ଜ୍ୟୋତିରେଖା ଭୂୟାଁ, ପ୍ରିୟାଶା ମହାପାତ୍ର, ଗୀତାଞ୍ଜଳି ସେଠୀ, ସୌମ୍ୟାଶ୍ରୀ ପଣ୍ଡା, ପ୍ରଜ୍ଞା ଦାସ, ସନ୍ତୋଷ ସେଠୀ, ଜୀତମ ଦାସ, ଭବେଶ ତରାଇ, ଭବେଶ ବେହେରା, ଗଣେଶ କର, ସତ୍ୟମ ଦାସ, ସସ୍ମିତା ମଣ୍ଡଳ, ଦେବସ୍ମିତା ପାତ୍ର, ବିବେକ ଦାସ, ଦିବ୍ୟ ନାରାୟଣ ନାୟକ, ଦିଗବିଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ବାଲେଶ୍ୱର,୧।୬(ସମିସ): ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ମିଳିତ ନିଶା ନିବାରଣ ଅଭିଯାନ, ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଆୟୋଜିତ ବୈଠକରେ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଉପଦେଷ୍ଟା ସୁବ୍ରତ କର ଓ ସାଧାରଣ ସମ୍ପାଦିକା ମମତା ମହାପାତ୍ର,ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ଓ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ପ୍ରମୁଖ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ନିର୍ଦ୍ଦେଶ ଓ ତମାଖୁ ସେବନର ଭୟାବହତା ସମ୍ପର୍କରେ ସୂଚନା ଦେଇଥିଲେ। ଗଳା, ନାସା ଓ କର୍ଣ୍ଣ ବିଭାଗର ଡାକ୍ତର ଗିରିଜା ଶଙ୍କର ମହନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ତମାଖୁର ବିଭିନ୍ନ ବର୍ଗୀକରଣ ଓ ରୋଗ ନିରୂପଣର ପ୍ରକ୍ରିୟା ଏବଂ ଏହାର ନିରାକରଣ ସମ୍ପର୍କରେ ବହୁ ପରାମର୍ଶ ଦେଇଥିଲେ। ତ୍ରିଦିବ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ପ୍ରଣିତା ମିଶ୍ର, ଗୀତାଞ୍ଜଳି ସିଂହ, ସଙ୍ଗୀତା ମହାନ୍ତି, ବେଣୁଧର ସାହୁ, ସୁକାନ୍ତି ଦାସଗୋସ୍ୱାମୀ, କ୍ରୀଷ୍ଣା ସାହା, ସଚୀନ୍ଦ୍ର ଦାସ, ପ୍ରତିମା ପରିଡ଼ା, ବସନ୍ତ ପ୍ରଧାନ, ପ୍ରଶାନ୍ତି ପଣ୍ଡା, ସ୍ନେହଲତା ପତି ପ୍ରମୁଖଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଅତି ସରଳ ଭାବରେ ଡାକ୍ତର ଶ୍ରୀ ମହନ୍ତ ବୁଝାଇଥିଲେ। ଆସନ୍ତା ଚଳିତ ମାସ୨୪ତାରିଖରେ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ମହାପ୍ରୟାଣ ଦିବସ ଓ ଚଳିତମାସ୨୬ ତାରିଖ ଦିନ 'ବିଶ୍ୱ ନିଶା ବିରୋଧୀ ଦିବସ' ପ୍ରତିବର୍ଷ ଭଳି 'ମନା' ପକ୍ଷରୁ ପାଳନ କରାଯିବ। ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ମାହେଶ୍ୱରୀ ସମାଜ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର, ୧।୬ (ସମିସ): 'ଅପରେସନ୍ ସିନ୍ଦୂର' ଓ ମାହେଶ ନବମୀ ଉପଲକ୍ଷେ ନୂଆସାହିସ୍ଥିତ ମାହେଶ୍ୱରୀ ଭବନରେ ଜିଲ୍ଲା ମାହେଶ୍ୱରୀ ସମାଜ, ଜିଲ୍ଲା ମାହେଶ୍ୱରୀ ମହିଳା ସଙ୍ଗଠନ ଓ ମାହେଶ୍ୱରୀ ଯୁବ ସଂଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପୂର୍ବାଞ୍ଚଳ ଉପ ଆରକ୍ଷୀ ମହା ନିରୀକ୍ଷକ (ଡିଆଇଜି) ଡ଼ ସତ୍ୟଜିତ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ସମ୍ମାନୀତ ଅତିଥି ଭାବେ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ବାଲେଶ୍ୱର ମାହେଶ୍ୱରୀ ସମାଜର ସଭାପତି ତେର ରତନ ଭୂତ୍ରା, ମହିଳା ସମିତି ସଭାପତି ବୀଣା ଭୁତ୍ରା, ଯୁବ ସଭାପତି ଆଶିଷ ଭୂତା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏ ନେଇ ଏକ ସଭାର ଆୟୋଜନ କରାଯାଇଥିଲା। ଏହାକୁ ପରିଚାଳନା କରିଥିଲେ ପଙ୍କଜ ପେରିୱାଲ, ଧନ୍ୟବାଦ୍ ଦେଇଥିଲେ ଗୋବିନ୍ଦ ରାଠି। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୫୯ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା

ବାଲେଶ୍ୱର,୧।୬(ସମିସ)


ଆମ୍ବଗଡିଆ ବିକାଶ ପରିଷଦ, ମୟୂରଭଞ୍ଜ ପକ୍ଷରୁ ରାଜ୍ୟ ସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ରୁପସାସ୍ଥିତ ଭଗବାନପୁର ବୈଠକ ବଙ୍ଗଳାରେ ଆୟୋଜିତ ହୋଇଯାଇଛି। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟଙ୍କ ବେଦମନ୍ତ୍ର ପାଠରେ ପରେ ଯୁବ ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ଦ୍ୱାରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରାଯାଇଥିଲା। ବିକାଶ ପରିଷଦର ସଦସ୍ୟ ଚନ୍ଦନ ବାସ୍କେଙ୍କ ଦ୍ୱାରା ଅଥିତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆରମ୍ଭରେ ସ୍ୱାଗତ ନୃତ୍ୟ ସାଇଶ୍ରୀ ମହାପାତ୍ର, ସ୍ୱସ୍ତିକା ପଟ୍ଟନାୟକ, ଇପ୍ସା ମହାନ୍ତି ଓ ଉତ୍କଳ ସଙ୍ଗୀତ ପଙ୍କଜାକ୍ଷି ସାହୁ ପରିବେଷଣ କରିଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭାରେ



ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦାନ ପୂର୍ବକ ଅନେକ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଯୁବ ସମାଜସେବୀ ସୁମନ୍ତ କୁମାର ଜେନା, ବରେଣ୍ୟ ଅତିଥି ପୂର୍ବତନ ଅର୍ଥ ପରାମର୍ଶଦାତା ଛୋଟରାୟ ମୁର୍ମୁ, ଅନ୍ୟତମ ସ୍ୱତନ୍ତ୍ର ବକ୍ତା ନୀଳମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସମାଜସେବୀ ଭଗବାନ ମହାପାତ୍ର, ସଂଚାଳକ ବୈଦିକ ଗୁରୁକୂଳ ଆଶ୍ରମ ଆଚାର୍ଯ୍ୟ ବିଜୟ ଜୀ, ପ୍ରଧାନ ଶିକ୍ଷୟିତ୍ରୀ କନ୍ୟାଶ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ, ରାସଗୋବିନ୍ଦପୁର, କାପୁରାମଣି ମାରାଣ୍ଡି, ବରିଷ୍ଠ ପୂର୍ବତନ ବ୍ୟାଙ୍କ୍ ଅଧିକାରୀ ଯୋଗେଶ୍ୱର ମହାପାତ୍ର, ପୂର୍ବତନ ସେନା ଅଧିକାରୀ ଭିମ ଚରଣ ମାଝୀ, ମନ୍ତ୍ରୀଙ୍କ ପ୍ରତିନିଧି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା ଓ ଯୁବ ସମାଜସେବୀ ପ୍ରଦୀପ ମହାନ୍ତି ଯୋଗ ଦେଇଥିଲେ। ସଭାରେ ଓଡ଼ିଶାର ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ରଖିଥିବା ଛାତ୍ରଛାତ୍ରୀଙ୍କ ସହ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର +୨ ଓ ମାଟ୍ରିକ ପରୀକ୍ଷାରେ ସମସ୍ତ ବ୍ଲକ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ଅନେକ ଯୁବ ସମାଜସେବୀ ଗଣେଶ ଜେନା, ରସ୍ମିରେଖା ସୁଭାଷିନୀ, ଜାତୀୟ ସେବା ଯୋଜନା ଛାତ୍ର ଆଦର୍ଶ କୁମାର ରାଉତ, ସଙ୍ଗୀତରେ ଶିକ୍ଷକ ଗଗନ ବିହାରୀ ସ୍ୱାଇଁ ସାମ୍ବାଦିକତା ପାଇଁ ଗତିକୃଷ୍ଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିକାଶ ପରିଷଦ ସଦସ୍ୟ ସୁଦର୍ଶନ ମହାପାତ୍ର, ମନୋରଞ୍ଜନ ଉପାଧ୍ୟାୟ, ଉତ୍ତମ ପଣ୍ଡା, ଶରଣେଶ୍ୱର ବେହେରା, ତୋଫାନ ସିଂ, ଗୁରା ସିଂ, କାଳିଚରଣ ସୋରେନ, ଯୋଗେଶ୍ୱର ବେହେରା, ସୁରେନ୍ଦ୍ର ଦାସ, କମଳାକାନ୍ତ ସାହୁ, ବିଶ୍ୱନାଥ ପ୍ରଧାନ ସାହାଯ୍ୟ କରିବା ସହ ଆମ୍ବଗଡ଼ିଆ ବିକାଶ ପରିଷଦର ସମ୍ପାଦକ କୁଳ ମହାନ୍ତ ଧନ୍ୟବାଦ୍ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଅତୀତର ଅଭିଜ୍ଞତାକୁ ପାଥେୟ କରି ତଥା ଭବିଷ୍ୟତର ଆଶାନେଇ,
ଆଜିର ଜୀବନ ବଂଚିବା ଶିଖ !
-ଆଲବର୍ଟ ଆଇନଷ୍ଟାଇନ

## ଭୂତ-ଗୁଣିଆ ଉପାଖ୍ୟାନ

ମେ'୩୧ ତାରିଖରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ନିଶାଦ୍ରବ୍ୟ, ଅପମିଶ୍ରିତ/ବିଷାକ୍ତ ମାଦକଦ୍ରବ୍ୟ ସେବନକୁ ନିରୁତ୍ସାହିତ କରିବା ଲାଗି ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି । ଏହି ଅଭିଯାନର ଲୋଗୋ ବା ପ୍ରତୀକ ରହିଛି - 'ଆମ ସଂକଳ୍ପ: ନିଶା ନୁହେଁ ଜୀବନ' । ରାଜ୍ୟ ଅବକାରୀ ବିଭାଗ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇ କହିଛି ଯେ 'ଆଜି ହିଁ ସଂକଳ୍ପ ନେବା- ନିଶା ନୁହେଁ ଜୀବନକୁ ବାଛିବା ।' ସଂକଳ୍ପକୁ ସାକାର କରିବା ପାଇଁ ଗଣମାଧ୍ୟମରେ ସରକାରୀ ବିଜ୍ଞାପନମାନ ପ୍ରକାଶ ପାଇଛି । ରାଜ୍ୟ ସରକାର ଯଦି ଆନ୍ତରିକତାର ସହ ନିଶାମୁକ୍ତ ସମାଜର ପରିକଳ୍ପନା କରିଥା'ନ୍ତି, ତେବେ ଏହା ଅତି ଉତ୍ତମ କଥା । ଏହା ମଧ୍ୟ ସମୟୋପଯୋଗୀ ଅପରିହାର୍ଯ୍ୟ ଆବଶ୍ୟକତା । କିନ୍ତୁ ଏହି ସଂକଳ୍ପ ଅଭିଯାନ ଆଢୁଆଳରେ ଅନେକ କିଛି ପ୍ରଶ୍ନ ଉହ୍ୟ ରହିଯାଉଛି, ଯାହାକୁ କିଞ୍ଚିତ୍ ତର୍ଜମା କଲେ ପ୍ରଶ୍ନ ଉଠୁଛି - ଏହା କେବଳ ଧର୍ମକୁ ଆଖିଠାର ନୁହେଁ ତ?

ଅପ୍ରିୟ ଓ ନଗ୍ନ ସତ୍ୟ ହେଉଛି ସରକାରୀ ସଚେତନତା ଏକ ପ୍ରହସନରେ ପରିଣତ ହୋଇଯାଇଛି । ଓଡ଼ିଆରେ ଏକ ଢଗ ଅଛି - ଭୂତ ହୋଇ ଲାଗିବ, ଗୁଣିଆ ହୋଇ ଝାଡ଼ିବ । ଅର୍ଥାତ୍ ଯିଏ ସମସ୍ୟା ସୃଷ୍ଟି କରୁଛି ସେ ହିଁ ଉପଚାରକର ଭୂମିକାରେ ଅବତୀର୍ଣ୍ଣ ହୋଇଛି । ଏଥିରେ ଲାଭ-କ୍ଷତି କାହାର ତାହା ବୋଧହୁଏ ବିଜ୍ଞ ପାଠକଙ୍କୁ ବୁଝାଇ କହିବା ଅନାବଶ୍ୟକ । ତମାଖୁ ବର୍ଜନ ଓ ନିଶା ନିବାରଣ ପାଇଁ ସରକାରଙ୍କର ସଦ୍ୟତମ ବିଜ୍ଞାପନକୁ ଉଦାହରଣ ରୂପେ ନେଲେ ଏହି ଉକ୍ତିର ବିଶ୍ଳେଷଣ ଆହୁରି ସ୍ପଷ୍ଟ ହେବ । ନିଶା ରାକ୍ଷସର ଦୌରାତ୍ମ୍ୟରେ କେତେ ଯେ ପରିବାର ଉଜୁଡ଼ି ଯାଉଛି, ସଡ଼କ ଦୁର୍ଘଟଣାରେ କେତେ ଯେ ନିରୀହ ଜୀବନ ଅକାରଣରେ ଅକାଳରେ ଯାଉଛି, କେତେ ଯେ ଅପରାଧ ଘଟୁଛି ସେ ବିଷୟରେ ସରକାର ବାହାଦୂର ନିଶ୍ଚୟ ଅଜ୍ଞ ନୁହନ୍ତି, ତାହାର ପ୍ରମାଣ ହେଉଛି ମେ' ୩୧ରୁ ଆରମ୍ଭ ହେଉଥିବା ସରକାରଙ୍କ ନିଶାମୁକ୍ତ ସଂକଳ୍ପ ଓ ସଚେତନତା ଅଭିଯାନ । ଏହା କିନ୍ତୁ ସରକାରଙ୍କ ବାହ୍ୟ ବା ଲୋକଦେଖାଣିଆ ରୂପ । ଏହାର ପ୍ରଚ୍ଛଦପଟରେ ଲୁଚି ରହିଥିବା ଅନ୍ୟ ରୂପଟି ହେଉଛି ଅସାମାଜିକ ପରିବେଶ ଓ ପରିସ୍ଥିତିକୁ ଜନ୍ମ ଦେବାରେ ନିଶାର ପ୍ରଭାବ ଜାଣି ମଧ୍ୟ ମଦ ଦୋକାନ ଖୋଲିବା ପାଇଁ ଆଖିବୁଜା ଅନୁମତି ଦେଇ ଚାଲିବାର ଦାୟିତ୍ୱହୀନ ମାନସିକତା । ତମାଖୁ ବିକ୍ରିକୁ ଅନୁମତି ବନାମ ସଚେତନତା ମଧ୍ୟ ସେହି ସମାନ ବିରୋଧାଭାସରୁ ମୁକ୍ତ ନୁହେଁ । ଏକପକ୍ଷରେ ତମାଖୁ ସେବନର କ୍ଷତିକାରକ ଦିଗ ଉପରେ ଅସୁମାରି ସଚେତନତା ବିଜ୍ଞାପନ ସରକାର ଜାରି ରଖିଛନ୍ତି । ଅଥଚ ସରକାରଙ୍କ ଆଖି ସାମ୍ନାରେ ହିଁ ଗଳିକନ୍ଦିରେ ମାଲମାଲ ତମାଖୁ ବିକ୍ରି ହେଉଛି । ନିଶାମୁକ୍ତ ସମାଜ ଗଠନ ଦିଗରେ ସରକାରଙ୍କ ଯଦି ତିଳେମାତ୍ର ଆନ୍ତରିକତା ଥାଏ ତେବେ ପ୍ରଥମେ ମଦ ଦୋକାନ ଏବଂ ତମାଖୁ ଉତ୍ପାଦନ ବନ୍ଦ କରିବାକୁ ନିଷ୍ପତ୍ତି ନିଅନ୍ତୁ ଏବଂ ଏ ସମ୍ପର୍କିତ ଦୃଢ଼ ନୀତି ପ୍ରଣୟନ କରନ୍ତୁ ।

ବିଡ଼ମ୍ବନା ହେଉଛି ସଦ୍ୟତମ ନିଶାମୁକ୍ତ ସମାଜ ଗଠନ ସଂକଳ୍ପ ଅଭିଯାନ ଆରମ୍ଭ କରିଥିବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୂଆ ଅବକାରୀ ନୀତିରେ ଥିବା ବ୍ୟବସ୍ଥା ମୁତାବକ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) କୁ ଠିପିଖୋଲା ମଦ ଲାଇସେନ୍ସ ବାବଦରେ ଅନ୍ୟମାନଙ୍କ ତୁଳନାରେ ଅଧା ଅର୍ଥ ଦେବାକୁ ହେବ । ଏହାର ଅର୍ଥ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଓଟିଡିସି କିମ୍ବା ଆଇଟିଡିସି ମଦ ପରିବେଷଣ କରିପାରିବେ । ପର୍ଯ୍ୟଟନ ବିଭାଗର ନିଷ୍ପତ୍ତିରେ ସ୍ଥାନେ ସ୍ଥାନେ 'ମଦ କୁଡ଼ିଆ' ଖୋଲିବ । ଘରୋଇ କାର୍ଯ୍ୟକ୍ରମ ବା ଉତ୍ସବାନୁଷ୍ଠାନରେ ମଦ ପରିବେଷଣ ଲାଗି ବିଭାଗୀୟ କର୍ତ୍ତୃପକ୍ଷ ଅସ୍ଥାୟୀ ଅନୁମତି ଦେଇପାରିବେ । ଭୋଜିଭାତରେ ଚୋରା ଲୁଚାରେ ମଦ ପିଇବା ପରିବର୍ତ୍ତେ ମଦୁଆମାନେ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ମଦ ଖୋଲାଖୋଲି ପାନ କରି ମସଗୁଲ୍ ହେବାର ସୁଯୋଗ ପାଇବେ । ତେଣୁ ମଦ ନିଶା ଛଡ଼ାଇବା ପାଇଁ ସଂକଳ୍ପ ଅଭିଯାନ ଜରିଆରେ ଗୁଣିଆ ଭୂମିକାରେ ଅବତୀର୍ଣ୍ଣ ସରକାରଙ୍କ ଅବକାରୀ ନୀତି ଏବଂ ତମାଖୁ ବିକ୍ରିକୁ ଆଖିବୁଜା ପରୋକ୍ଷ ସମର୍ଥନ ତାଙ୍କର ଭୂତ ଭୂମିକାକୁ ପ୍ରମାଣିତ କରୁନାହିଁ କି? ସଚେତନ ନାଗରିକ ମନରେ ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ।

କେବଳ ମଦ ଓ ତମାଖୁ ନୁହେଁ, ପ୍ଲାଷ୍ଟିକ୍ ଓ ଶବ୍ଦ ପ୍ରଦୂଷଣ ମଧ୍ୟ ସମାନ ଅଭିଯୋଗରେ ଅଭିଯୁକ୍ତ । କାଗଜ କଲମରେ ପଲିଥିନ ମୁକ୍ତ ସହର ଓ ଦେଶଗଠନ ହୋଇସାରିଛି । ଏକକ ବ୍ୟବହାରଯୁକ୍ତ ପଲିଥିନ, ପ୍ଲାଷ୍ଟିକ୍ ସାମଗ୍ରୀର ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାରକୁ ନିଷିଦ୍ଧ କରାଯାଇ ଦଣ୍ଡବିଧାନର ବ୍ୟବସ୍ଥା ଅଛି । କିନ୍ତୁ ବିଡ଼ମ୍ବନା ଏହା ଯେ ଯେଉଁମାନେ ଏହି ନୀତି ନିର୍ଦ୍ଧାରଣର ଶବ୍ଦବିନ୍ୟାସ କରିଛନ୍ତି ସେମାନଙ୍କ ହାତରେ ମଧ୍ୟ ପଲିଥିନ ଶୋଭା ପାଉଛି । ମଝିରେ ମଝିରେ କର୍ତ୍ତୃପକ୍ଷ ବିଭିନ୍ନ ଦୋକାନବଜାର ଉପରେ ଚଢ଼ଉ କରି ପଲିଥିନ ମୁଣା ଜବତ କରିବା ସହିତ ଜରିମାନା ଆଦାୟ କରୁଛନ୍ତି, ଅଥଚ ଏହାର ଉତ୍ପାଦନ ସ୍ଥଳ ବା ଫ୍ୟାକ୍ଟ୍ରିକୁ ଆଡ଼ ଆଖିରେ ମଧ୍ୟ ଚାହୁଁନାହାନ୍ତି । ସେହିପରି ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଲାଗି କଟକଣା ରହିଛି; ଅଥଚ ଉଚ୍ଚଶବ୍ଦଯୁକ୍ତ ବାଣ ଓ କାନଫଟା ଶବ୍ଦ ସୃଷ୍ଟି କରୁଥିବା ଡିଜେର ଉତ୍ପାଦନ ଓ ଉପକରଣକୁ ବନ୍ଦ କିମ୍ବା ଜବତ କରାଯାଇପାରୁନାହିଁ ।

ଯଦି ଗୋଟିଏ ରାଜ୍ୟର ସରକାର ଚାହିଁବେ ତେବେ ଅସାମାଜିକ ଓ ଅବାଞ୍ଛିତ ତତ୍ତ୍ୱଗୁଡ଼ିର ବିଲୋପ ସମ୍ଭବ । ଯଦି ଉତ୍ପାଦନ ବା ଉତ୍ସ ହିଁ ବନ୍ଦ ହୋଇଯିବ ଆପେ ଆପେ ତାହାର ପ୍ରଭାବ ମଧ୍ୟ ଶୂନ୍ୟ ହୋଇଯିବ । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସଚେତନତା ଅଭିଯାନର ଆବଶ୍ୟକତା ହିଁ ପଡ଼ିବ ନାହିଁ । କିନ୍ତୁ ଭୂତ-ଗୁଣିଆ ଭୂମିକାକୁ ପସନ୍ଦ କରୁଥିବା ସରକାର ବାହାଦୂରଙ୍କୁ ବୁଝେଇବ କିଏ? ଆଣ୍ଟିଭାଇରସ ବିକାଶ କରୁଥିବା ସଂସ୍ଥା ହିଁ ଭାଇରସ ସୃଷ୍ଟି କରେ ଏବଂ ଟିକା ପ୍ରସ୍ତୁତକାରୀ କମ୍ପାନୀମାନେ ହିଁ ଭୂତାଣୁ ସୃଷ୍ଟି କରନ୍ତି । ଆଉ ରାଜସ୍ୱ ସଂଗ୍ରହ ନିଶାରେ ମସ୍‌ଗୁଲ୍ ସରକାର ନିଶାମୁକ୍ତ ଅଭିଯାନର ଛଳନା କରି ନିଜ ଭାବମୂର୍ତ୍ତି ସଜାଡ଼ିବାର ଉଦ୍ୟମ କରନ୍ତି । ଏହା ହିଁ ଆଜିର ବଜାର ଅର୍ଥନୀତିର ଅପରିଣାମଦର୍ଶୀ ବାସ୍ତବତା ।

ଯଦି ନିଶାମୁକ୍ତ ସମାଜ ଗଠନ ଲାଗି ସରକାରଙ୍କ ଆନ୍ତରିକତା ଓ ନିଷ୍ଠା ଥାଏ ତେବେ ଏହି ଅଭିଯାନରେ ନିଶାଦ୍ରବ୍ୟ ଓ ତମାଖୁ ଜାତୀୟ ଦ୍ରବ୍ୟର ଉତ୍ପାଦନ ଓ ବିକ୍ରି ବନ୍ଦ ପାଇଁ ସରକାର ହିଁ ପ୍ରଥମେ ଆତ୍ମସଂକଳ୍ପ ନିଅନ୍ତୁ । ସମ୍ବିଧାନର ୪୭ ଧାରାରେ ଥିବା ନିଶା ନିବାରଣ ଏବଂ ୨୧ ଧାରାରେ ଥିବା ବଞ୍ଚିବାର ଅଧିକାରକୁ ଦୃଷ୍ଟିରେ ରଖି ପ୍ରଚଳିତ ଅବକାରୀ ନୀତି ଓ ଆଇନ୍‌ରେ ସଂଶୋଧନ ଆଣିବା ଲାଗି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଐତିହାସିକ ରାୟ ଦେଇଛନ୍ତି, ତାହାର ଅନୁପାଳନ କରନ୍ତୁ । ନ ହେଲେ ଯାଦୁଆ ଯାଦୁର ମଲମ ବିକିବା ଭଳି ଅପବାଦ ସରକାରଙ୍କୁ ମୁଣ୍ଡାଇବାକୁ ପଡ଼ିବ ।

# ନ୍ୟାୟପାଳିକା ନିର୍ଦ୍ଦେଶ ବନାମ ରାଷ୍ଟ୍ରପତିଙ୍କ ପ୍ରଶ୍ନ

**ଗଦାଧର ବଳ**

ନିକଟରେ ରାଷ୍ଟ୍ରପତି ଦେଶର ସର୍ବୋଚ୍ଚ ଅଦାଲତଙ୍କୁ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ୧୪ ଗୋଟି ପ୍ରଶ୍ନ ପଚାରିଛନ୍ତି, ଯାହାର ଉତ୍ତର ପାଇଁ ପାଞ୍ଚଜଣିଆ ଖଣ୍ଡପୀଠ ଗଠନ ହେବ ବୋଲି ଅନୁମାନ କରାଯାଉଛି । ରାଷ୍ଟ୍ରପତି ପଚାରିଥିବା ପ୍ରଶ୍ନଗୁଡ଼ିକ ହେଲା - ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ଯେତେବେଳେ ରାଜ୍ୟପାଳଙ୍କ ନିକଟକୁ ବିଲ୍ ଆସେ ସେତେବେଳେ ସେ କ'ଣ କରିପାରିବାର କ୍ଷମତା ରହିଛି? ଅନୁଚ୍ଛେଦ ୨୦୦ ଅନୁଯାୟୀ ମନ୍ତ୍ରୀ ପରିଷଦ ଦ୍ୱାରା ସଂଶୋଧିତ ହୋଇ ଆସିଥିବା ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ କି? ସେହି ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ବିବେକାନୁମୋଦିତ କ୍ଷମତା ରହିଛି କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ପାରିତ ହୋଇଥିବା ବିଲ ଅନୁଚ୍ଛେଦ ୩୬୧ ମୁତାବକ ସର୍ବୋଚ୍ଚ ଅଦାଲତର କ୍ଷମତା ବହିର୍ଭୂତ କି? ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ଉପଯୋଗ କରିଥିବା କ୍ଷମତାକୁ ନ୍ୟାୟିକ ନିର୍ଦ୍ଦେଶ ଅନୁଯାୟୀ ସମୟ ସୀମା ନିର୍ଦ୍ଧାରଣ କରିବା ସମ୍ବିଧାନ ସମ୍ମତ କି? ଅନୁଚ୍ଛେଦ ୨୦୧ ଅନୁଯାୟୀ ରାଷ୍ଟ୍ରପତି ନିଜର ସ୍ୱୀକୃତି ପ୍ରଦାନ ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରା ଯାଇ ନ ଥିବା ବେଳେ ବିଚାର ବିଭାଗ ଦ୍ୱାରା ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରାଯିବା ଉଚିତ୍ କି? ରାଜ୍ୟପାଳଙ୍କ ଦ୍ୱାରା ପ୍ରେରିତ କୌଣସି ବିଲ ରାଷ୍ଟ୍ରପତିଙ୍କ ନିକଟକୁ ଆସିଥିଲେ ସେ ସ୍ୱୀକୃତି ଦେବା ବେଳେ ସମ୍ବିଧାନର ଅନୁଚ୍ଛେଦ ୧୪୩ ଅନୁଯାୟୀ ରେଫେରାନ୍ସ ବଳରେ ସର୍ବୋଚ୍ଚ ଅଦାଲତଙ୍କ ପାଖରୁ ଉପଦେଶ ନେଇପାରିବେ କି? ଅନୁଚ୍ଛେଦ ୨୦୦ ଓ ୨୦୧ ଅନୁଯାୟୀ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିକଟକୁ କୌଣସି ବିଲ୍ ଆସି ସ୍ୱୀକୃତି ପାଇ ଆଇନରେ ପରିଣତ ହେବା ବେଳେ ସେ କି ନିଷ୍ପତ୍ତି ନେବେ, ତେବେ ଏହା ବିଚାର ବିଭାଗ ଦ୍ୱାରା ଆଇନଗତ ତର୍ଜମା କରା ଯାଇପାରିବ କି? ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ଅଦାଲତ କୌଣସି ନିର୍ଦ୍ଦେଶ ଦେବା ବେଳେ ରାଜ୍ୟପାଳ ବା ରାଷ୍ଟ୍ରପତି ପୂର୍ବରୁ ଦେଇଥିବା ନିର୍ଦ୍ଦେଶାବଳୀକୁ ସେସୟରେ ବିଚାରକୁ ନେଇପାରିବେ କି? ବିଧାନସଭା ପ୍ରସ୍ତୁତ କରିଥିବା ଆଇନ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳ ସ୍ୱୀକୃତି ନ ଦେବା ଯାଏଁ ଆଇନରେ ପରିଣତ ହୋଇପାରିବ କି? ସମ୍ବିଧାନରେ ଅନୁଚ୍ଛେଦ ୧୪୫(୩) ଅନୁଯାୟୀ ସର୍ବୋଚ୍ଚ ଅଦାଲତ ଦ୍ୱାରା ଗଠିତ ଖଣ୍ଡପୀଠ କୌଣସି ନିର୍ଦ୍ଦେଶ ଦେବା ବେଳେ ଏହା ଆଇନଗତ ଜଟିଳତା ଥିବାରୁ ତାହାକୁ ତର୍ଜମା ପାଇଁ ପାଞ୍ଚଜଣିଆ ଖଣ୍ଡପୀଠକୁ ପଠାଇ ଦେବା ବାଧ୍ୟତାମୂଳକ ନୁହଁ କି? ସର୍ବୋଚ୍ଚ ଅଦାଲତ ଅନୁଚ୍ଛେଦ ୧୪୨ ଅନୁଯାୟୀ ନିଜର ସୀମିତ କ୍ଷମତା ବଳରେ କୌଣସି ଆଦେଶ ଦେବା ବେଳେ ପୂର୍ବରୁ ପ୍ରଚଳିତ ଥିବା ଆଇନକୁ ବିଚାରକୁ ନେବା ଉଚିତ ନୁହଁ କି? କେନ୍ଦ୍ର ରାଜ୍ୟ ମଧ୍ୟରେ କୌଣସି ବିବାଦ ଉପୁଜି ଯଦି କିଛି ମାମଲା ରୁଜୁ ହେଲା ଅନୁଚ୍ଛେଦ ୧୩୧ ଅନୁଯାୟୀ ସେହି ମାମଲାକୁ ବିଚାର କରିବା କ୍ଷମତା ସର୍ବୋଚ୍ଚ ଅଦାଲତ ନିକଟରେ ରହିଥିବା ବେଳେ ଅନ୍ୟ ସବୁ ବିବାଦର ବିଚାର ପାଇଁ ସାମ୍ବିଧାନିକ କ୍ଷମତାଭୁକ୍ତ କି?

ବ୍ୟବସ୍ଥାପିକାର କାମ ଆଇନ ତିଆରି କରିବା, କାର୍ଯ୍ୟପାଳିକା ଆଇନ କାର୍ଯ୍ୟକାରୀ କରିବା ଏବଂ ନ୍ୟାୟପାଳିକା ଏହି ଆଇନର ସଦୁପଯୋଗ ହେଉଛି କି ନାହିଁ ତଦାରଖ କରିବା । ତେବେ ବିବାଦ ହେଲା, ଯେବେ ତାମିଲନାଡୁ ସରକାର ପାରିତ କରିଥିବା କେତେକ ବିଲ୍‌କୁ ରାଜ୍ୟପାଳ ସ୍ୱୀକୃତି ନ ଦେଇ ରାଷ୍ଟ୍ରପତିଙ୍କ ପାଖକୁ ତର୍ଜମା କରିବା ପାଇଁ ପଠାଇ ଦେଇଥିଲେ । ଏଥିରେ କ୍ଷୁବ୍ଧ ହୋଇ ତାମିଲନାଡୁ ସରକାର ଦେଶର ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ । ତେଣୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ବିଧାନସଭାରୁ ପାରିତ ହୋଇ ଆସୁଥିବା ସମସ୍ତ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବେ । ନ କଲେ ନିଜ ପାଖରେ ସର୍ବାଧିକ ୩ ମାସ ପର୍ଯ୍ୟନ୍ତ ରଖିପାରିବେ କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ମଞ୍ଜୁରୀ ପାଇଁ ପଠାଇ ପାରିବେ । ବିଧାନସଭାରେ ପାରିତ ହୋଇ ପୁନର୍ବାର ବିଲ ତାଙ୍କ ନିକଟକୁ ଗଲେ ସେ ବିଲକୁ ରାଜ୍ୟପାଳ ୧ ମାସ ମଧ୍ୟରେ ସ୍ୱୀକୃତି ପ୍ରଦାନ କରିବା ପାଇଁ ବାଧ୍ୟ ଅଟନ୍ତି ।

ପ୍ରଶ୍ନ ହେଉଛି ସର୍ବୋଚ୍ଚ ନ୍ୟାୟାଳୟ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇପାରିବ କି? ସମ୍ବିଧାନର ଅନୁଚ୍ଛେଦ ୧୪୨ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟ କୌଣସି ସମୟରେ ଯଦି ଅନୁଭବ କରନ୍ତି ନ୍ୟାୟ ପ୍ରଦାନରେ ଅନିୟମିତତା ହୋଇଛି 'ଜୁଡିସିଆଲ ରିଭ୍ୟୁ' ନାମରେ ସେ ନିର୍ଦ୍ଦେଶ ଦେଇପାରିବେ । ତାମିଲନାଡୁ ମାମଲାରେ ନ୍ୟାୟପାଳିକା ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଏହି ନିୟମ ଅନୁଯାୟୀ ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ ସମ୍ବିଧାନ ଅନୁଚ୍ଛେଦ ୧୪୨ ଅନୁଯାୟୀ ଏମିତି ନିର୍ଦ୍ଦେଶ ଦେବା ଆଦୌ ଅସମୀଚୀନ ଲାଗୁ ନ ଥିଲେ ବି ପ୍ରଶ୍ନ ହେଉଛି ଯିଏ ଦେଶର ପ୍ରଥମ ନାଗରିକ, ଯିଏ ଦେଶର ସମ୍ବିଧାନର ସୁରକ୍ଷା ପାଇଁ ଶପଥ ନେଇଛନ୍ତି, ତାଙ୍କୁ ସର୍ବୋଚ୍ଚ ଅଦାଲତ ଏମିତି ଆଦେଶ ଦେବା କେତେ ଦୂର ନ୍ୟାୟସଙ୍ଗତ? ଦେଶର ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ କହିଛନ୍ତି ଯେ ଏମିତି ନିର୍ଦ୍ଦେଶ ସମ୍ବିଧାନର ଅନୁଚ୍ଛେଦ ୧୪୨ର ଦୁରୁପଯୋଗ ଏବଂ ଆଣବିକ କ୍ଷେପଣାସ୍ତ୍ର ସଦୃଶ । ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ବିଚାର ନ ହୋଇ ଦୀର୍ଘଦିନ ହେବ ପଡ଼ି ରହିଥିବା ବେଳେ ତରବର ଭାବରେ ଏମିତି ନିର୍ଦ୍ଦେଶ ଦେବା, ଏପରି କି ଦିଲ୍ଲୀ ଉଚ୍ଚ ଅଦାଲତର କାର୍ଯ୍ୟରତ ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନରୁ କୋଟି କୋଟି ଟଙ୍କା ଉଦ୍ଧାର ହେବା ଘଟଣାରେ ସର୍ବୋଚ୍ଚ ଅଦାଲତ କି ପଦକ୍ଷେପ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ବିରୋଧୀ ଦଳର ସାଂସଦ କପିଲ ସିବଲ ବିଗତ ଦିନରେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ବଳରେ ବହୁମତରେ ନିର୍ବାଚିତ ଇନ୍ଦିରା ଗାନ୍ଧୀ ସରକାରର ପତନ ବିଷୟ କହି ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି । ତା'ପରେ ଏହି ବିଷୟକୁ ନେଇ ଦେଶ ତମାମ ବିତର୍କ ଆରମ୍ଭ ହୋଇ ଯାଇଛି ।

ଆମ ଦେଶର ଗଣତନ୍ତ୍ରର ସ୍ୱତନ୍ତ୍ରତା ହେଲା ସ୍ୱାଧୀନ ତଥା ନିରପେକ୍ଷ ନ୍ୟାୟପାଳିକା । ଆଇନ ପ୍ରଣୟନର କ୍ଷମତା ସଂସଦ ବା ବିଧାନସଭାରେ ରହିଛି । ପ୍ରଶ୍ନ ହେଉଛି ଜନମଙ୍ଗଳ ରାଷ୍ଟ୍ରରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଜନପ୍ରତିନିଧିମାନେ ପ୍ରଣୟନ କରିଥିବା ଆଇନ ସର୍ବାଗ୍ରେ ଗ୍ରହଣୀୟ ଥିବାରୁ ତାମିଲନାଡୁ ସରକାର ପାରିତ କରିଥିବା ବିଲକୁ ଆଇନରେ ପରିଣତ କରିବାକୁ ସମୟ ସୀମା ଧାର୍ଯ୍ୟ କରାଯିବା ଆଇନତଃ ଜରୁରୀ ଅନୁଭବ ହେଉଛି । ସମ୍ବିଧାନର ସିଡ୍ୟୁଲ ୭ ଅନୁଯାୟୀ ରାଜ୍ୟ ଓ କେନ୍ଦ୍ରକୁ ମିଳିତ କ୍ଷମତା ଦିଆଯାଇଛି । ବିଧାନସଭାରେ ବହୁମତରେ ବିଲ ପାରିତ ହେଲେ ରାଜ୍ୟପାଳଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଯାଏ ଏବଂ ସ୍ୱୀକୃତି ମିଳିବା ପରେ ତାହା ଆଇନରେ ପରିଣତ ହୁଏ । କେନ୍ଦ୍ର ସରକାର କେନ୍ଦ୍ରୀୟ ଶାସନର ଦୃଢ଼ତା ପାଇଁ ବିଭିନ୍ନ ରାଜ୍ୟରେ ନିଜର ପ୍ରତିନିଧି ଭାବରେ ରାଜ୍ୟପାଳ ନିଯୁକ୍ତି କରିଛନ୍ତି । ରାଜ୍ୟରେ ପାରିତ ସମସ୍ତ ବିଲ ତାଙ୍କ ସ୍ୱାକ୍ଷର ବିନା ଆଇନରେ ପରିଣତ ହୁଏ ନାହିଁ ।

ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ବିଲ ମଞ୍ଜୁରୀ ବେଳେ ରାଜ୍ୟପାଳଙ୍କୁ ୪ ଗୋଟି କ୍ଷମତା ପ୍ରଦାନ କରାଯାଇଛି । ପ୍ରଥମତଃ, ବିଧାନସଭାରେ ବିଲ ପାସ ହେବା ପରେ ତା' ଉପରେ ସେ ସ୍ୱୀକୃତି ଦେଲେ ବିଲ ଆଇନରେ ପରିଣତ ହୁଏ । ଦ୍ୱିତୀୟରେ ସେ ବିଲକୁ ସ୍ୱୀକୃତି ନ ଦେଇ ପୁନଶ୍ଚ ସଂଶୋଧନ ପାଇଁ ବିଧାନସଭାକୁ ଫେରସ୍ତ କରିପାରିବେ ଏବଂ ବିଧାନସଭା ସେହି ବିଲକୁ ପୁନର୍ବାର ପାରିତ କରି ପଠାଇଲେ ସେ ଏଥିରେ ସ୍ୱୀକୃତି ପ୍ରଦାନ କରିବାକୁ ବାଧ୍ୟ । ତୃତୀୟରେ ରାଜ୍ୟପାଳ ଚାହିଁଲେ ନିଜ ପାଖରେ ବିଲ୍‌କୁ କିଛିଦିନ ରଖିପାରିବେ । ଚତୁର୍ଥରେ ରାଜ୍ୟପାଳଙ୍କ ପାଖକୁ ଆସିଥିବା ବିଲ ତାଙ୍କର ବିବେକାନୁମୋଦିତ ନ ହେଲେ ବା ଏହା କେନ୍ଦ୍ର-ରାଜ୍ୟ ସମ୍ପର୍କ ଖରାପ ହେବାର ଆଶଙ୍କା ଥିଲେ ନିଜେ ମଞ୍ଜୁରୀ ନ ଦେଇ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଇ ପାରିବେ । ପ୍ରଶ୍ନ ହେଲା ରାଷ୍ଟ୍ରପତି ଏହି ଆଇନକୁ ମଞ୍ଜୁରୀ ନ ଦେଇ କେତେଦିନ ନିଜ ପାଖରେ ରଖି ପାରିବେ? ରାଜ୍ୟପାଳ ମଧ୍ୟ ରାଷ୍ଟ୍ରପତିଙ୍କ ପରି ବିଲ ଉପରେ ସ୍ୱୀକୃତି ବେଳେ ସମାନ କ୍ଷମତା ଉପଭୋଗ କରିପାରିବେ କି?

ଏହି ଜଟିଳ ପ୍ରସଙ୍ଗ ସର୍ବୋଚ୍ଚ ଅଦାଲତଙ୍କ ସମୟ ସୀମା ନିର୍ଦ୍ଧାରଣ ନିର୍ଦ୍ଦେଶ ପରେ ଅଧିକ ବିତର୍କିତ ହୋଇପଡ଼ିଛି । ତାମିଲନାଡୁ ଏକମାତ୍ର ରାଜ୍ୟ, ଯେଉଁଠି ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ବିନାସ୍ୱୀକୃତିରେ ୧୦ ଗୋଟି ବିଲ ଆଇନରେ ପରିଣତ ହୋଇ କାର୍ଯ୍ୟକାରୀ ହୋଇସାରିଛି । ସାମ୍ବିଧାନିକ ବ୍ୟବସ୍ଥାକୁ ନେଇ ସର୍ବୋଚ୍ଚ ଅଦାଲତ ଓ ବ୍ୟବସ୍ଥାପିକା ମଧ୍ୟରେ ଏ ବିବାଦ ପ୍ରଥମ ନୁହଁ । ଏହାପୂର୍ବରୁ ଚମ୍ପକ ରାମ ଦୁରାଇ ରାଜନ ମାମଲାରେ କେନ୍ଦ୍ର ସରକାର, ୧୯୬୭ ମସିହାରେ ଗୋଲକ ନାଥ ମାମଲାରୁ ବିବାଦ ଆରମ୍ଭ ହୋଇ କେଶବାନନ୍ଦ ଭାରତୀ ମାମଲା ଯାଏଁ ଅନେକ ମାମଲାର ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ଭିତରେ ବିବାଦ ଇତିହାସରେ ଲିପିବଦ୍ଧ ରହିଛି ।

(ଆଇନଜୀବୀ)

ଭଦ୍ରକ, ମୋ: ୯୪୩୭୧୨୮୮୪୧

# ଇଚ୍ଛାପତ୍ର: ବରିଷ୍ଠ ନାଗରିକଙ୍କ ସୁରକ୍ଷା କବଚ

**ଅନନ୍ତ ଚରଣ ସ୍ୱାଇଁ**

କିଛିବର୍ଷ ତଳେ ନିଜର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ପୁଅ ନାଁରେ କରିଦେଲେ ଜଣେ ବିଶିଷ୍ଟ ଉଦ୍ୟୋଗପତି । ସମ୍ପତ୍ତି ହାତକୁ ଆସିବା ପରେ ପୁଅର ବ୍ୟବହାର ତାଙ୍କ ବୃଦ୍ଧ ପିତାଙ୍କ ପ୍ରତି ସମ୍ପୂର୍ଣ୍ଣ ବଦଳି ଗଲା । ବୃଦ୍ଧ ଜଣଙ୍କ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ ତାଙ୍କ ଗେହ୍ଲା, ଅଲିଅଳ ଓ ଏପର୍ଯ୍ୟନ୍ତ ଅତ୍ୟନ୍ତ ନିଜର ବୋଲି ଭାବୁଥିବା ପୁଅ ସମ୍ପତ୍ତି ପାଇବା ପରେ ତାଙ୍କୁ ଘରୁ ତଡ଼ିଦେବ । କୋଟିକୋଟି ଟଙ୍କା, କୋଠାବାଡ଼ି, ଅସୁମାରୀ ସମ୍ପତ୍ତି ଅର୍ଜନ କରିଥିବା ବ୍ୟକ୍ତିଜଣଙ୍କ ପରିଣତ ବୟସରେ ଗୋଟିଏ ଛୋଟ ଭଡ଼ା ଘରେ ଏବେ ସେ ଅଭାବ ଅନଟନରେ ଦିନ କାଟୁଛନ୍ତି । ଆଉ ଏକ ଘଟଣା । ନିକଟରେ ଜଣେ ପ୍ରତିଷ୍ଠିତ ଧନୀ ବ୍ୟବସାୟୀଙ୍କ ହୃଦଘାତରେ ମୃତ୍ୟୁ ହେଲା । ସେ ଥିଲେ ଅବିବାହିତ । ଛାଡ଼ି ଯାଇଥିଲେ ଅଚଳାଚଳ ସମ୍ପତ୍ତି । ସେହି ସମ୍ପତ୍ତି ପାଇବା ପାଇଁ ତାଙ୍କ ନିକଟ ସମ୍ପର୍କୀୟ ଏବଂ କିଛି ସହକର୍ମୀଙ୍କ ମଧ୍ୟରେ କଳହ ଚରମସୀମାରେ ପହଞ୍ଚିଛି ।

ସମାଜରେ ଏପରି ଅନେକ ଘଟଣା ନିତିଦିନ ଘଟୁଛି । ସେଥିରୁ କେତେକ ଲୋକଲୋଚନକୁ ଆସୁଛି ଏବଂ ଆଉ କେତେକ ଘଟଣାକୁ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ଚପାଇ ଦିଆଯାଉଛି । ମୁଣ୍ଡ ଝାଳ ତୁଣ୍ଡରେ ମାରି, ଦିନରାତି ପରିଶ୍ରମ କରି ଧନସମ୍ପତ୍ତି ଅର୍ଜନ କରିବା ପଛର ଉଦ୍ଦେଶ୍ୟ ହେଉଛି, କିପରି ନିଜ ପରିବାର ସୁଖରେ ରହିବେ । କିନ୍ତୁ ଦେହାନ୍ତ ପରେ ଦିନେ ସେହି ଧନ ସମ୍ପତ୍ତିର ଭାଗ ବଣ୍ଟା ଉତ୍ତରାଧିକାରୀଙ୍କ ମଧ୍ୟରେ ମନାନ୍ତର, ମତାନ୍ତର ଓ କଳହ ସୃଷ୍ଟିର କାରଣ ହେବ, ଏହି କଥା ସେତେବେଳେ କେହି ଭାବି ନଥା'ନ୍ତି । ସମ୍ପତ୍ତି ଭାଗବଣ୍ଟାକୁ ନେଇ କଳହ କେବଳ ବିତ୍ତଶାଳୀଙ୍କ ଭିତରେ ସୀମିତ ନଥାଏ । ଏପରି ସ୍ଥିତିରେ ନିଜର ସୁରକ୍ଷା ପାଇଁ 'ଇଚ୍ଛାପତ୍ର' ବହୁତ ସହାୟକ ହୋଇଥାଏ । ଜୀବିତାବସ୍ଥାରେ ସ୍ୱଅର୍ଜିତ ସମ୍ପତ୍ତିର ସୁରକ୍ଷା, ସୁପରିଚାଳନା ଓ ମୃତ୍ୟୁ ପରେ ସେସବୁର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନର ସୁବ୍ୟବସ୍ଥା କରିବା ହେଉଛି ଇଚ୍ଛାପତ୍ରର ଲକ୍ଷ୍ୟ । ବିଶେଷକରି ବରିଷ୍ଠ ନାଗରିକମାନେ ନିଜ ଅର୍ଜିତ ଧନ ସମ୍ପତ୍ତି ଭୋଗ କରିବା ଅଧିକାରରୁ ବଞ୍ଚିତ ନହେବା ଏବଂ ଜୀବନକୁ ସରସ କରିବା ପାଇଁ ଇଚ୍ଛାପତ୍ର ହେଉଛି ଏକ ସୁରକ୍ଷିତ ଆୟୁଧ ।

ଇଚ୍ଛାପତ୍ର (ୱିଲ୍) ହେଉଛି ଏକ ଆଇନଗତ ଦଲିଲ୍ । ଏଥିରେ ଜଣେ ବ୍ୟକ୍ତି ନିଜ ସମ୍ପତ୍ତି ଅଧିକାର ତାଙ୍କ ଦେହାନ୍ତ ପରେ କାହାକୁ ଏବଂ କେମିତି ବଣ୍ଟନ କରାଯିବ ସେ ବିଷୟରେ ସବିଶେଷ ଲିପିବଦ୍ଧ ହୋଇଥାଏ । ଭାରତରେ ଇଚ୍ଛାପତ୍ର ବ୍ୟବସ୍ଥାକୁ ଇଣ୍ଡିଆନ ସକ୍ସେସନ ଆକ୍ଟ -୧୯୨୫, ହିନ୍ଦୁ ସକ୍ସେସନ ଆକ୍ଟ-୧୯୫୬, ହିନ୍ଦୁ ସକ୍ସେସନ( ଆମେଣ୍ଡମେଣ୍ଟ) ଆକ୍ଟ-୨୦୦୫, ମୁସଲିମ ପରସନାଲ ଲ'(ସରିଆତ) ଆପ୍ଲିକେସନ ଆକ୍ଟ-୧୯୩୭ ଅନୁସାରେ ପରିଚାଳିତ କରାଯାଏ । ଇଚ୍ଛାପତ୍ରର ବୈଧତା ସ୍ପଷ୍ଟ କରିବା ପାଇଁ କେତେକ ସ୍ଥାନରେ 'ପ୍ରୋବେଟ' ଉପରେ ନିର୍ଭର କରାଯାଏ । 'ପ୍ରୋବେଟ୍' ହେଉଛି ଏକ ଆଇନଗତ ପ୍ରକ୍ରିୟା, ଯାହା ମାଧ୍ୟମରେ ମରଣୋତ୍ତର ଜଣେ ବ୍ୟକ୍ତିର ଇଚ୍ଛାପତ୍ର ନ୍ୟାୟାଧୀଶଙ୍କ ଦ୍ୱାରା ସ୍ୱୀକୃତି ପାଇଥାଏ । ଯଦି କୌଣସି ବ୍ୟକ୍ତି ଇଚ୍ଛାପତ୍ର ନ ଲେଖି ଇହଲୋକ ତ୍ୟାଗ କରନ୍ତି, ତାହାକୁ 'ଇନ୍ଟେଷ୍ଟେଟ୍ ମୃତ୍ୟୁ' କୁହାଯାଏ । ଏହି ପରିସ୍ଥିତିରେ, ତାଙ୍କ ସମ୍ପତ୍ତି କିପରି ଭାଗବଣ୍ଟା ହେବ ତାହା ଦେଶର 'ଉତ୍ତରାଧିକାର ଆଇନ' ଅନୁଯାୟୀ ନ୍ୟାୟାଳୟ ନିଷ୍ପତ୍ତି ନେଇଥାଏ ।

ଅଭିଜ୍ଞ ଓକିଲ, ଚାର୍ଟର୍ଡ ଆକାଉଟାଣ୍ଟ କିମ୍ବା ଦକ୍ଷ ଆର୍ଥିକ ପରାମର୍ଶଦାତାଙ୍କ ପରାମର୍ଶ ନେଇ ଇଚ୍ଛାପତ୍ର ପ୍ରସ୍ତୁତ କରା ଯାଇପାରିବ । ଇଚ୍ଛାପତ୍ର ଲେଖିବା ସମୟରେ ଲେଖୁଥିବା ବ୍ୟକ୍ତିର ବୟସ ଅଠର କିମ୍ବା ତଦୂର୍ଦ୍ଧ୍ୱ ହେବା ସହ ମାନସିକ ସ୍ଥିତି ଭଲ ଥିବା ଦରକାର । ଦଲିଲରେ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ, କିଏ କେତେ ସମ୍ପତ୍ତି କେଉଁଠି ଓ କେତେବେଳେ ପାଇବ ସେ ସବୁର ସ୍ପଷ୍ଟ ଉଲ୍ଲେଖ କରିବାକୁ ପଡ଼ିଥାଏ । ଇଚ୍ଛାପତ୍ରରେ ଅତିକମ୍‌ରେ ଦୁଇଜଣ ସାକ୍ଷୀଙ୍କ ଦସ୍ତଖତ ଥିବା ଦରକାର, ଯାହାକି ଏହାର ବୈଧତା ସୁନିଶ୍ଚିତ କରିଥାଏ । ଇଚ୍ଛାପତ୍ରକୁ ନୋଟାରାଇଜ ବା ପଞ୍ଜିକୃତ କରିବାରେ କୌଣସି ବାଧ୍ୟବାଧକତା ନାହିଁ । ପଞ୍ଜିକୃତ କଲେ ଦଲିଲର ଆଇନଗତ ବୈଧତା ବୃଦ୍ଧି ପାଏ ।

ଇଚ୍ଛାପତ୍ର ପ୍ରସ୍ତୁତ କରିବାର କିଛି ନିର୍ଦ୍ଦିଷ୍ଟ ସମୟ ନାହିଁ । ଏହା ବ୍ୟକ୍ତିର ବ୍ୟକ୍ତିଗତ ନିଷ୍ପତ୍ତି । ତେବେ ବିବାହ ସମୟ, ପିଲାଙ୍କ ଜନ୍ମ, ବ୍ୟବସାୟର ପ୍ରାରମ୍ଭ, ସମ୍ପତ୍ତି କ୍ରୟ ବା ଉତ୍ତରାଧିକାରୀ ରୂପେ ସମ୍ପତ୍ତି ଅଧିଗ୍ରହଣ ହେଉଛି ଇଚ୍ଛାପତ୍ର କରିବାର ପ୍ରକୃଷ୍ଟ ସମୟ । ନିଜର ସ୍ୱାସ୍ଥ୍ୟ ସେବା ଜନିତ ଖର୍ଚ୍ଚକୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଦରକାର । ତେବେ ନିଜକୁ ସୁହାଇବା ଭଳି ଜୀବନକାଳରେ ଇଚ୍ଛାପତ୍ରକୁ କେବେ ମଧ୍ୟ ରଦ୍ଦ ବା ପରିବର୍ତ୍ତନ କରିହେବ ।

ଇଚ୍ଛାପତ୍ରରେ ଜଣେ ନିର୍ବାହକଙ୍କ ନାମ ଉଲ୍ଲେଖ ଥାଏ । ବ୍ୟକ୍ତିର ଦେହାନ୍ତ ପରେ ତା' ଇଚ୍ଛାପତ୍ରରେ ଉଲ୍ଲେଖ ଥିବା ତଥ୍ୟାନୁସାରେ ନିର୍ବାହକ କାର୍ଯ୍ୟ ସମ୍ପାଦନ କରିଥାଏ । ବ୍ୟକ୍ତିର ପରିବାର ପ୍ରତି ନୈତିକ ଦାୟିତ୍ୱ ଥାଏ । କୋଣସି କାରଣରୁ ତା'ର ହଠାତ ମୃତ୍ୟୁ ହେଲେ ପରିବାର ଉପରେ ଦୁଃଖ ମାଡ଼ିଆସେ । ପରିବାର କିମ୍ବା ପରିବାରରେ ଥିବା ନାବାଳକ ପିଲାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଆନୁସଂଗିକ ଖର୍ଚ୍ଚର ପ୍ରାବଧାନ ଇଚ୍ଛାପତ୍ରରେ ଥିଲେ ବ୍ୟକ୍ତିର ଅସମୟରେ ଦେହାନ୍ତ ହେଲେ ମଧ୍ୟ ଉତ୍ତରାଧିକାରୀମାନେ ଆର୍ଥିକ ଅସୁବିଧାରେ ପଡ଼ି ନ ଥା'ନ୍ତି ।

ବ୍ୟକ୍ତିର ନିଜ ଧନ ସମ୍ପତ୍ତି ଉପରେ ସମ୍ପୂର୍ଣ୍ଣ ଅଧିକାର ଥାଏ । ବଞ୍ଚିବା ଅବସ୍ଥାରେ ଏହି ସମ୍ପତ୍ତି ଅନ୍ୟମାନଙ୍କ ପାଖକୁ ଚାଲିଗଲେ ବ୍ୟକ୍ତି ନିଜର ଅଧିକାର ହରାଇ ବସେ । ଭରଣପୋଷଣ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖର୍ଚ୍ଚ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ଅନେକ ସଂସ୍କାରୀ ସନ୍ତାନ ବୃଦ୍ଧାବସ୍ଥାରେ ପିତାମାତାଙ୍କ ଯତ୍ନ ନେଇଥା'ନ୍ତି, ସମ୍ପତ୍ତି ପାଇବାର ଲାଳସା ସେମାନଙ୍କର ନଥାଏ । ଘରେ ଥାଏ ଏକ ସକାରାତ୍ମକ ପରିବେଶ । ଉତ୍ତରାଧିକାରୀଙ୍କ ମଧ୍ୟରେ ଉତ୍ତମ ସହଯୋଗ, ସହାନୁଭୂତି ମନୋଭାବ ଥିଲେ ଇଚ୍ଛାପତ୍ର ଦ୍ୱାରା ବ୍ୟକ୍ତିର ମରଣୋତ୍ତର ସମ୍ପତ୍ତି ବଣ୍ଟନ ପ୍ରକ୍ରିୟା ସହଜରେ ସଂଗଠିତ ହୋଇଥାଏ ।

(ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ)

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ଆମ ବୃକ୍ଷଲତା ଆମ ଜୀବନ

## ପ୍ରକୃତି-ପରିବେଶ

### କମଳାଗୁଣ୍ଡି

**ସୌଭାଗ୍ୟସୁନ୍ଦର**

କମଳାଗୁଣ୍ଡି ଏକ ସାଧାରଣ ବହୁବର୍ଷୀୟ ଉଦ୍ଭିଦ, ଯାହା ସାରା ଭାରତ ସମେତ ଆଫଗାନିସ୍ତାନ, ଶ୍ରୀଲଙ୍କା, ମାଲେସିଆ, ଚୀନ୍, ଫିଲିପାଇନ୍ସ ଓ ଅନ୍ୟାନ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶ ଏବଂ ଅଷ୍ଟ୍ରେଲିଆରେ ଦେଖାଯାଏ । ଏହା ତୁଷାରପାତ ଓ ମରୁଡ଼ି ପ୍ରତିରୋଧୀ । କମଳାଗୁଣ୍ଡିକୁ ବିଭିନ୍ନ ଅଞ୍ଚଳରେ କପିଳଗୁଣ୍ଡି, ପାଟଗୁଣ୍ଡା, କୁଙ୍କୁମ ନାମରେ ମଧ୍ୟ ପରିଚିତ ।

ପ୍ରାୟ ୧୦ରୁ ୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା କମଳାଗୁଣ୍ଡିର ଗଣ୍ଡି ୪୦ ସେମି ବ୍ୟାସ ବିଶିଷ୍ଟ । ଛାଲି ମସୃଣ କିମ୍ବା କୁଞ୍ଚିତ, ଧୂସର ରଙ୍ଗର । ଛୋଟ ଶାଖାଗୁଡ଼ିକ ଛୋଟ କେଶ ସହିତ ଆଚ୍ଛାଦିତ ଥାଏ । ପତ୍ରଗୁଡ଼ିକ ସରଳ, ଚମଡ଼ା ଭଳି, ବିକଳ୍ପ ଭାବରେ ସଜା ଯାଇଥିବା ଅଣ୍ଡାକାର କିମ୍ବା ଚତୁର୍ଭୁଜାକାର, ଲୋମଶ -ମଖମଲ, ୪ ରୁ ୧୨ ସେମି ଲମ୍ବା, ୨ ରୁ ୭ ସେମି ଚଉଡ଼ା । ପତ୍ରଗୁଡ଼ିକ ମୂଳରୁ ୩ ଶିରା ବିଶିଷ୍ଟ । ମାର୍ଚ୍ଚରୁ ଏପ୍ରିଲ ପର୍ଯ୍ୟନ୍ତ ଫୁଲ ଫୁଟେ ଏବଂ ଜୁଲାଇ-ଅଗଷ୍ଟରେ ଫଳ ପାଚିଥାଏ । ଏଥିରେ ପିମ୍ପୁଡ଼ିଙ୍କୁ ଆକର୍ଷିତ କରୁଥିବା ଅତିରିକ୍ତ ଫୁଲର ଅମୃତ ଥାଏ । ଫଳ ଏକ ତିନିଫାଳିଆ ଅଣ୍ଡାକୃତି, ପ୍ରଚୁର କମଳା କିମ୍ବା ଲାଲ ଗ୍ରନ୍ଥ ଦାନା ସହିତ କଳା ରଙ୍ଗର ୩ବୀଜ ଓ ୪ ମିମି ବ୍ୟାସ ବିଶିଷ୍ଟ ।

ଏହି ଉଦ୍ଭିଦଟି ପାରମ୍ପରିକ ଭାବରେ ଫାଇଲେରିଆଲ୍, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ଇନ୍‌ଫ୍ଲେମାଟୋରୀ, ଆଣ୍ଟି-ଏଚ୍‌ଆଇଭି ଏବଂ ଇମ୍ୟୁନିଏଟ୍-ନିୟନ୍ତ୍ରକ, ପ୍ୟୁରେଟିଭ୍, ଆଣ୍ଟେଲମିଣ୍ଟିକ୍, ଡିଟରଜେଣ୍ଟ, କାର୍ମିନେଟିଭ୍, ଆଲେକ୍ସିଟେରିକ ଭାବେ ବ୍ୟବହୃତ ହୁଏ । ଶ୍ୱାସରୋଗ, ପେଟ ରୋଗ, ପ୍ଲୀହା ବୃଦ୍ଧି, ପେଟ ଘା', କୃମି, ଚର୍ମରୋଗ, ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିପାରାସାଇଟିକ୍ ଇତ୍ୟାଦି ଚିକିତ୍ସାରେ ଏହା ଉପଯୋଗୀ । ଆୟୁର୍ବେଦ ଅନୁସାରେ, ପତ୍ରଗୁଡ଼ିକ ତିକ୍ତ, ଶୀତଳ ଓ ଭୋକବର୍ଦ୍ଧକ । ଏହାକୁ ମୌଖିକ ଗର୍ଭ ନିରୋଧକ ଭାବରେ ଏବଂ ତେଲକୁ କେଶ-ନିର୍ଦ୍ଦିଷ୍ଟକ ଭାବରେ ବ୍ୟବହାର କରାଯାଏ । ବିହନରୁ ତିଆରି ପିଠାକୁ ଜୈବ ସାର ଭାବରେ ବ୍ୟବହାର କରାଯାଏ । ଉଦ୍ଭିଦର ବିଭିନ୍ନ ଅଂଶରେ ଥିବା ଫାଇଟୋକେମିକାଲ୍ସରେ ବିଭିନ୍ନ ପ୍ରାକୃତିକ ଜୈବିକ ଉପାଦାନ, ଯଥା ଫେନୋଲ୍ସ, ଡାଇଟରପେନୋଇଡ୍ସ, ଷ୍ଟେରଏଡ୍ସ, ଫ୍ଲାଭୋନୋଇଡ୍ସ, କାର୍ଡେନୋଲାଇଡ୍ସ, ଟ୍ରାଇଟରପେନୋଇଡ୍ସ, କୁମାରିନ, ଆଇସୋକୋମାରିନ୍ସ, ଆଣ୍ଟିଅକ୍ସିଡାଣ୍ଟ କାରକ ଟାନିନ୍, ଅଣସାଚୁରାଇଜଡ୍ ଫ୍ୟାଟି ଏସିଡ୍ ବା ଟ୍ରିପଲିଅନସାଚୁରାଡ୍ ହାଇଡ୍ରୋକ୍ସି ଏସିଡ୍ କାମଲୋଲେନିକ୍ ଏସିଡ୍, ଗ୍ଲିସେରାଇଡ, ରୋଟଲେରିନ୍, ଆଇସୋରୋଟଲେରିନ୍ ଆଦି ଭରପୂର ରହିଛି । ମାଲୋଟୋକ୍ସିନ୍ ଓ ରୋଟଲେରିନ୍ କର୍କଟ ଉପଚାର କେମୋଥେରାପିରେ ଉପଯୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି ।

ପରିପକ୍ୱ ଫଳଗୁଡ଼ିକ ଲାଲ ବାଦାମୀ ପାଉଡର ପଦାର୍ଥରେ ଆଚ୍ଛାଦିତ ହୋଇଥାଏ, ଯାହା ହାତରେ ଫଳଗୁଡ଼ିକୁ ହଲାଇ ଏବଂ ଘଷି କପଡ଼ାରେ ସଂଗ୍ରହ କରାଯାଏ । ସଂଗୃହୀତ ପଦାର୍ଥ ସୂକ୍ଷ୍ମ, ଦାନାଦାର ପାଉଡର, ଅଦ୍ରବଣୀୟ ହୋଇଥିବାରୁ ପାଣିରେ ଭାସମାନ ରହିଥାଏ । ଏହା ଫୁଟୁଥିବା ପାଣିରେ ସାମାନ୍ୟ ଦ୍ରବଣୀୟ, କିନ୍ତୁ ଇଥର ଓ ଆଲକାହୋଲରେ ଯଥେଷ୍ଟ ଦ୍ରବଣୀୟ ଏବଂ ଗଭୀର-ଲାଲ ଦ୍ରବଣ ଗଠନ କରେ । ଏହାର ମୁଖ୍ୟ ରଙ୍ଗ ଉପାଦାନ ହେଉଛି ରୋଟଲେରିନ୍, ଆଇସୋରୋଟଲେରିନ୍, ଯାହା ରେଶମ, ପଶମ, ଖାଦ୍ୟ ଓ ପାନୀୟ ପଦାର୍ଥ ରଙ୍ଗକୁ ରଙ୍ଗ କରିବା ପାଇଁ ଉପଯୁକ୍ତ ଉତ୍ପାଦନ ଏବଂ କସମେଟିକ୍ ପ୍ରସାଧନ ପ୍ରସ୍ତୁତ ପାଇଁ ବ୍ୟବହୃତ ହୁଏ ।

ଏହାର କାଠ ହାଲୁକା ଓ ଶକ୍ତ ଥିବାରୁ କୃଷି ଉପକରଣ, ଆସବାବ ନିର୍ମାଣ, କାଗଜ ପଲ୍ପ ବା ମଣ୍ଡ ପାଇଁ ଉପଯୋଗୀ । ଶୁଖିଲା ବିହନକୁ ୬ ମାସ ପର୍ଯ୍ୟନ୍ତ ଶୁଖିଲା ସ୍ଥାନରେ ଅଖା ବା ଗନି ବ୍ୟାଗରେ କିମ୍ବା ଟିଣରେ ସଂରକ୍ଷଣ କରାଯାଇପାରିବ । ଏହାକୁ ବର୍ଷା ଋତୁ ଆରମ୍ଭରେ ବିହନ ଭାବରେ ବୁଣା ଯାଇପାରିବ । ଗଛର ମୂଳରୁ ମଧ୍ୟ ଆପେ ନୂତନ ଚାରା ଗଛ ମୁକ୍ତ ଭାବରେ ଉତ୍ପନ୍ନ ହୋଇ ବଂଶ ବିସ୍ତାର ହୁଏ । ବହୁମୁଖୀ ଗୁଣ ପାଇଁ ଏହି ଜଙ୍ଗଲୀ ଗଛର ସଂରକ୍ଷଣ ଜରୁରୀ ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଲଇକେରାରେ ତେଜିଲା ମଦ ବିରୋଧୀ ଅଭିଯାନ

**■ ସମସ୍ତ ଗ୍ରାମରେ ସଚେତନତା ଶୋଭାଯାତ୍ରା**
**■ ମଦ ମାଫିଆଙ୍କୁ ପଞ୍ଚାୟତ ଛାଡିବାକୁ ଚେତାବନୀ**

ସୁନ୍ଦରଗଡ଼, ୧।୬(ସମିସ): ହେମଗିରି ବ୍ଲକ ଅନ୍ତର୍ଗତ ଲଇକେଲା ପଞ୍ଚାୟତର ସରପଞ୍ଚ ଦିନେଶ ନାଏକଙ୍କ ଉଦ୍ୟମକ୍ରମେ ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ ତେଜିବାରେ ଲାଗିଛି। କିଛି ଦିନ ତଳେ ଗୋପାଳପୁର ଲାଇସେନ୍ସପ୍ରାପ୍ତ ମଦଭାଟିକୁ ଲଇକେରାକୁ ସ୍ଥାନାନ୍ତର ପାଇଁ ପ୍ରଶାସନର ନିଷ୍ପତ୍ତି ବିରୋଧରେ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହୋଇଥିବା ବେଳେ ଆଜି ଶତାଧିକ ମହିଳା ଶୋଭାଯାତ୍ରାରେ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ମଦ ବିରୋଧରେ ସଚେତନତା ସୃଷ୍ଟି କରିଛନ୍ତି।




ଏହି ଶୋଭାଯାତ୍ରାରେ ନଙ୍ଗଲକଟା, ଠିଟେଇଟାଙ୍ଗର, ଲଇକେରା, ସାରେଶମାଲ, ବନ୍ଧପାଲି, କାଲୋବାହାଲ, ବାଲିଯୋରୀ ଗ୍ରାମର ଶତାଧିକ ମହିଳା ସାମିଲ ହୋଇ ମଦଭାଟି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରିଥିଲେ। ସେମାନେ ହାତରେ ମଦ ବିରୋଧୀ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ବିଭିନ୍ନ ସ୍ଲୋଗାନ ଦେଇ ପଞ୍ଚାୟତର ଗୋଟିଏ ପରେ ଗୋଟିଏ ଗାଁ ମାଡ଼ି ଚାଲିଥିଲେ। ମଦମୁକ୍ତ ପଞ୍ଚାୟତ ଗଠନ କରିବାକୁ ଗାଁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ। ପଂଚାୟତବାସୀଙ୍କ ନିଷ୍ପତିକୁ ସମ୍ମାନ ଜଣାଇ ଗୋପାଳପୁର ମଦଭାଟିକୁ ଲଇକେରାରେ ସ୍ଥାପନ ଉଦ୍ୟମରୁ ପ୍ରଶାସନ ନ ଓହରିଲେ ନିଆଁ ଜଳିବ ବୋଲି ଚେତାଇ ଦେଇଥିଲେ। ମଦ ମାଫିଆମାନଙ୍କୁ ମଧ୍ୟ ପଂଚାୟତ ଛାଡି ଚାଲିବାକୁ ଚେତାବନୀ ଦେଇଛନ୍ତି। ମଦ୍ୟପାନ ଯୋଗୁଁ ଘରେ, ବାହାରେ, ଗାଁରେ ଅଶାନ୍ତକର ବାତାବରଣ ସୃଷ୍ଟି ହେବା, ନାନା ରୋଗବ୍ୟାଧିରେ ପଡି ଅକାଳରେ ଜୀବନ ଯିବା, ଗାଁ ଗାଁରେ ବିଧବା ସଂଖ୍ୟା ବଢି ଚାଲିବା, ଯୁବ ପୀଢି ବିପଥଗାମୀ ହେବା ଆଦି ସେମାନେ ଅଭିଯୋଗ କରିଛନ୍ତି। ଯେତେ ଯାହା ମୂଲ୍ୟ ଦେବାକୁ ପଡିଲେ ବି ଆଗାମୀ ଦିନରେ ଏହି ମଦ ବିରୋଧୀ ଆନ୍ଦୋଳକୁ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି।

### ଏମ୍‌ଭି ଆକ୍ଟରେ ପୁଲିସକୁ କ୍ଷମତା

# ଯାନବାହନ ଯାଞ୍ଚ ସହ କରିପାରିବେ ଜରିମାନା ଆଦାୟ

ଭୁବନେଶ୍ୱର,୧।୬(ସମିସ): ରାଜ୍ୟର ସମସ୍ତ ସହରାଞ୍ଚଳରେ ପୁଲିସକୁ ମୋଟର ଯାନ ସମ୍ପର୍କିତ ସମସ୍ତ ଯାଞ୍ଚ କ୍ଷମତା ସହ ଜରିମାନା ଆଦାୟ କ୍ଷମତା ଦେବା ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ରାଜ୍ୟ ପରିବହନ କମିସନର ଏକ ଚିଠି ଲେଖି ଏ ସମ୍ପର୍କରେ ନିଷ୍ପତ୍ତି ନେବାକୁ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ନିବେଦନ କରିଛନ୍ତି।

ମୋଟର ଯାନ ଆଇନ(ଏମ୍‌ଭି ଆକ୍ଟ)-୧୯୮୮ ଅନୁଯାୟୀ ସଂପ୍ରତି ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି। ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ଭୁଲ୍ ଦିଗରେ ଗାଡ଼ି ଚାଳନା, ଟ୍ରିପଲ୍ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଙ୍ଘନ ପାଇଁ ଜରିମାନା ଆଦାୟ କରାଯାଉଛି। ମାତ୍ର ଆଗକୁ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରବହନ ବିଭାଗ ପକ୍ଷରୁ ବିଚାର କରାଯାଉଛି। ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଆକଳନ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ ଅନ୍ୟ କିଛି ଉଦ୍ଦେଶ୍ୟ ରହିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ରାଜ୍ୟ ପରିବହନ କମିସନରଙ୍କ ପକ୍ଷରୁ ଲିଖିତ ଚିଠିରେ ଦର୍ଶାଯାଇଛି ଯେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ପୁଲିସ ଷ୍ଟେସନରେ ନିଯୁକ୍ତ ସବ-ଇନ୍ସପେକ୍ଟର ପଦବୀ ଏବଂ ତା'ଠାରୁ ଅଧିକ ପାହ୍ୟାର ପୁଲିସ ଅଧିକାରୀ, ଓ ଗ୍ରାମାଞ୍ଚଳରେ ନିଯୁକ୍ତ ସହକାରୀ ସବ-ଇନ୍ସପେକ୍ଟର ପଦବୀ ଏବଂ ତା'ଠାରୁ ଅଧିକ ପାହ୍ୟାର ଅଧିକାରୀ ଏବଂ ରାଜ୍ୟର ସମସ୍ତ ଟ୍ରାଫିକ ପୁଲିସ ଷ୍ଟେସନକୁ ଏମ୍‌ଭି ଆକ୍ଟ-୧୯୮୮ର ଧାରା ୧୮୦, ୧୮୧, ୧୮୪ (କ), ୧୮୪ (ଖ), ୧୮୪ (ଘ), ୧୮୪ (ଇ), ୧୮୪ (ଚ), ୧୮୫, ୧୯୨, ୧୯୬ ଅନୁଯାୟୀ ଦଣ୍ଡନୀୟ ମୋଟରଯାନ ଏବଂ ଯୌଗିକ ଅପରାଧ ଯାଞ୍ଚ କରିବାକୁ ଅଧିକାର ଦିଆଯାଇପାରେ। ଏହି ନିଷ୍ପତ୍ତି ବଳରେ ପୁଲିସ ଅଧିକାରୀମାନେ ପୂର୍ବ କ୍ଷମତା ସାଙ୍ଗକୁ ଫିଟ୍‌ନେସ୍, ଇନ୍ସ୍ୟୁରାନ୍ସ, ପରମିଟ୍, ରେଜିଷ୍ଟ୍ରେସନ୍ ଆଦି କ୍ଷେତ୍ରରେ ମଧ୍ୟ ଜରିମାନା ଆଦାୟ କରିପାରିବେ।

ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଘଟଣା ପାଇଁ ପୁଲିସ ଓ ପରିବହନ ବିଭାଗକୁ ମିଳିତ ଭାବେ କ୍ଷମତା ଦିଆଯାଇପାରିବ ନାହିଁ। ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ। ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସକୁ କ୍ଷମତା ଦେବା ପାଇଁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଛି। ତେଣୁ ପୁଲିସକୁ ଏମ୍‌ଭି ଆକ୍ଟରେ ଯାନ ଯାଞ୍ଚ ଓ ଜରିମାନା ଆଦାୟ କ୍ଷମତା ଦିଆଗଲେ ପରିବହନ ବିଭାଗର ଆର୍ଥିକ ସ୍ଥିତି ବିଗିଡ଼ିଯିବା ସହ ପୁଲିସ ବିଭାଗ ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ନନ୍ଦ ମତ ଦେଇଛନ୍ତି।

# ଓମ୍‌ଫେଡ୍‌ର ଏ-୨, ଏ-୨ ଘିଅ ବିକ୍ରି ଆରମ୍ଭ



ଭୁବନେଶ୍ୱର,୧।୬(ସମିସ): ବିଶ୍ୱ ଦୁଗ୍ଧ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜିକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ସରକାର ୧୮୬ କୋଟି ଟଙ୍କା ବ୍ୟୟ ଅଟକଳରେ "ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସରେ ରାଜ୍ୟର ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହା ସହିତ ଓମଫେଡ ଚାଷୀମାନଙ୍କୁ ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ୧ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ବାପାଙ୍କ ଅସ୍ଥି ବିସର୍ଜନ କରି ଲଣ୍ଡା ହେଲେ ବାବୁସାନ୍



ପୁରୀ, ୧।୬(ସମିସ): ପବିତ୍ର ମହୋଦଧିରେ ବାପା ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ କରିବା ସହ ଚୁଟି ପକାଇଛନ୍ତି ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ବାବୁସାନ୍। ନିଜର ଚଳଚ୍ଚିତ୍ର 'ବୋଉ ବୁଟୁ ଭୂତ'ର ଶୁଟିଂ ପାଇଁ ବାପା ଉତ୍ତମ ମହାନ୍ତିଙ୍କ ଦେହାନ୍ତ ପରେ ସେ ଲଣ୍ଡା ହୋଇନଥିଲେ। ତେଣୁ ରବିବାର ପୁରୀ ଆସି ସ୍ୱର୍ଗଦ୍ୱାର ନିକଟ ସମୁଦ୍ରରେ ବାପାଙ୍କ ଅସ୍ଥି ବିସର୍ଜନ ସହ ଶ୍ରାଦ୍ଧ ଦେଇ ଲଣ୍ଡା ହୋଇଛନ୍ତି ବାବୁସାନ୍। ଏଥିସହ ବାବୁସାନ୍ ବାହାରୁ ମହାପ୍ରଭୁଙ୍କ ଦର୍ଶନ ମଧ୍ୟ କରିଛନ୍ତି। ଉତ୍ତମ ମହାନ୍ତିଙ୍କ ବିୟୋଗ ପରେ ଗତ ମାର୍ଚ୍ଚ ୧୨ତାରିଖରେ ପ୍ରଥମେ ଶ୍ୱେତଗଙ୍ଗା ପୁଷ୍କରିଣୀରେ ଶ୍ରାଦ୍ଧ ପ୍ରଦାନ ସହ ଅସ୍ଥି ବିସର୍ଜନ କରିଥିଲେ ବାବୁସାନ। କିନ୍ତୁ ଫିଲ୍ମର ଶଟିଂ ବାକିଥିବାରୁ ଚୁଟି ପକାଇ ନ ଥିଲେ। ବାପାଙ୍କ ମୃତ୍ୟୁ ପରେ ଲଣ୍ଡା ହୋଇ ନଥିବାରୁ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା। ଚଳଚ୍ଚିତ୍ର ଶୁଟିଂ ଶେଷ ହେବା ପରେ ଲଣ୍ଡା ହେବେ ବୋଲି ପ୍ରତିକ୍ରିୟା ରଖିଥିଲେ ବାବୁସାନ୍। ତେଣୁ ରବିବାର ପୁରୀ ବେଳାଭୂମିରେ ଶ୍ରାଦ୍ଧ ଦେବା ସହ ମହୋଦଧିରେ ବାପାଙ୍କ ଅସ୍ଥି ବିସର୍ଜନ କରି ଲଣ୍ଡା ହୋଇଛନ୍ତି। ବାବୁସାନଙ୍କ ସହ ସ୍ତ୍ରୀ ତୃପ୍ତି ଏବଂ ମା' ଅପରାଜିତାଙ୍କ ସମେତ ଶୁଭେଚ୍ଛୁ, ସମର୍ଥକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଫେବୃୟାରୀରେ ବାବୁସାନଙ୍କ ବାପା ଉତ୍ତମ ମହାନ୍ତିଙ୍କର ଦିଲ୍ଲୀ ଗୁରୁଗାଓଁର ମେଦାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା।

## ଏଏସ୍‌ଆଇଙ୍କ ଅର୍ଦ୍ଧଦଗ୍ଧ ଶବ ଉଦ୍ଧାର

ଜୁନାଗଡ଼,୧।୬(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅଧୀନ ବନମାଳିପୁର ଏନ୍‌ଏଚ-୨୬ରେ ବାଇକ୍ ସହ ଜଣେ ପୁଲିସ ଏଏସ୍‌ଆଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ଏଏସ୍‌ଆଇ ପବିତ୍ର ଗୋଲାପି। ତାଙ୍କ ପୈତୃକ ଘର କୋରାପୁଟରେ। କଳାହାଣ୍ଡି ଜିଲ୍ଲା କେ ଗାଁ ଥାନାରେ ସେ ୨ ବର୍ଷ ତଳେ ଯୋଗ ଦେଇଥିଲେ। ତେବେ କୌଣସି କାରଣରୁ ନିଲମ୍ବିତ ହୋଇ ଏବେ ସେ ଭବାନୀପାଟଣା ରିଜର୍ଭ ପୁଲିସ ମୁଖ୍ୟାଳୟରେ ଅବସ୍ଥାପିତ ଥିଲେ। ପ୍ରଥମେ ତାଙ୍କ ପରିଚୟ ମିଳି ନ ଥିଲା। ପରେ ବାଇକ୍ ନମ୍ବରରୁ ତାଙ୍କ ସମ୍ପର୍କରେ ଜଣାପଡିଥିଲା। ଶନିବାର ବିଳମ୍ବିତ ରାତିରେ ସେ ବାଇକ୍ ଯୋଗେ ଭବାନୀପାଟନାରୁ ଜୁନାଗଡ ରାସ୍ତାରେ ଆସୁଥିଲେ। ଜୁନାଗଡ ଥାନା ବନମାଳୀପୁର ଭାରତ ପେଟ୍ରୋଲ୍ ପମ୍ପ ଏନଏଚ-୨୬ ପାଖରେ ବାଇକ୍ ସହ ପୋଡି ମୃତ୍ୟୁ ଘଟିଥିବା ସକାଳୁ ଦେଖିବାକୁ ମିଳିଥିଲା। ଖବର ପାଇ ତାଙ୍କ ପତ୍ନୀ, ମା', ଭାଇ ସହ ପରିବାର ଲୋକେ କୋରାପୁଟରୁ ଆସି ପହଞ୍ଚି ଥିଲେ। ତେବେ କେ ଗାଁ ଥାନା ଆଇଆଇସି ମାନସିକ ନିର୍ଯାତନା ଦେଉଥିବା ହେତୁ ପବିତ୍ର ସବୁବେଳେ ଚିନ୍ତାରେ ରହୁଥିଲେ ବୋଲି ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି।

## ଅତ୍ୟାଧୁନିକ ଓ ସ୍ୱୟଂସମ୍ପୂର୍ଣ୍ଣ ହେବ କଳିଙ୍ଗ ଷ୍ଟୁଡିଓ

**ଡିପିଆର୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୧।୬(ସମିସ): କଳିଙ୍ଗ ଷ୍ଟୁଡିଓକୁ ସ୍ୱୟଂସମ୍ପୂର୍ଣ୍ଣ ଏବଂ ଅତ୍ୟାଧୁନିକ ଷ୍ଟୁଡିଓ ଭାବେ ବିକଶିତ କରାଯିବ। ଖୁବଶୀଘ୍ର ଏଥିପାଇଁ ଏକ ଡିପିଆର୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳ୍ପ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ରବିବାର ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟିଡିଓ ପରିଦର୍ଶନ କରିବା ଅବସରରେ କହିଛନ୍ତି ଯେ ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ଏହି ଷ୍ଟୁଡିଓର ବିକାଶ ଅତ୍ୟନ୍ତ ଆବଶ୍ୟକ। ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଥାଇ ଏହାକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଷ୍ଟୁଡିଓରେ ପରିଣତ କରାଯିବ। ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ସମସ୍ତଙ୍କ ସହ ଆଲୋଚନା କରାଯାଇ ଏହି ଷ୍ଟୁଡିଓର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ୧୯୮୦ ମସିହାରେ ସ୍ଥାପିତ ହୋଇଥିବା ଏହି ଷ୍ଟୁଡିଓ ଏକଦା ଚଳଚ୍ଚିତ୍ର ନିର୍ମାଣ ପାଇଁ ଉନ୍ନତ ଯନ୍ତ୍ରପାତି ସହିତ ପୂର୍ବ ଭାରତର ଏକମାତ୍ର ଷ୍ଟୁଡିଓ ଭାବେ ଖ୍ୟାତି ଅର୍ଜନ କରିଥିଲା। ସମୟକ୍ରମେ ଆଧୁନିକ ଯନ୍ତ୍ରପାତି ଓ ବୈଷୟିକ ଉପକରଣ ଅଭାବରୁ ଷ୍ଟୁଡିଓଟିର ଚାହିଦା ହ୍ରାସ ପାଇଥିଲା। ବର୍ତ୍ତମାନ ଏହାର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ବାକି ରହିଥିବା କାମଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଡ୍‌କୋ ପକ୍ଷରୁ ଏହି ବିକାଶ କାର୍ଯ୍ୟ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଷ୍ଟୁଡିଓ ବୁଲି ଦେଖିଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସମର୍ଥ ବର୍ମା ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କ ଯାତାୟାତକୁ ସଂପୂର୍ଣ୍ଣ ମାଗଣା କରାଯାଉ: ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧।୬(ସମିସ): ସରକାରୀ ପରିବହନ ସେବାରେ ଛାତ୍ରଛାତ୍ରୀଙ୍କ ପାଇଁ ବସ୍ ସେବା ସଂପୂର୍ଣ୍ଣ ମାଗଣା କରାଯିବା ସହ ବେସରକାରୀ କ୍ଷେତ୍ରରେ ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଆସନ୍ତା ଜୁନ୍ ୧୦ ତାରିଖ ଭିତରେ ଏହାକୁ କାର୍ଯ୍ୟକାରୀ କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଏଭଳି ଦାବି ରଖାଯାଇଛି। ନଚେତ୍ ରାଜ୍ୟର କୋଣ ଅନୁକୋଣରେ ଛାତ୍ର କଂଗ୍ରେସ ପକ୍ଷରୁ ଜୋରଦାର୍ ବିକ୍ଷୋଭ କରାଯିବ ବୋଲି ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନ କହିଛନ୍ତି। ଏ ସଂପର୍କରେ ଗତକାଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ, ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ଅଧିକାରୀଙ୍କୁ ଅର୍ଥନୈତିକ ବିଶ୍ଳେଷଣ ପ୍ରଶିକ୍ଷଣ

ଭୁବନେଶ୍ୱର,୧।୬(ସମିସ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ "ତଥ୍ୟ ବ୍ୟାଖ୍ୟା ଏବଂ ଅର୍ଥନୈତିକ ଫଳାଫଳ ବିଶ୍ଳେଷଣ ଉପରେ କ୍ଷମତା ସୁଦୃଢ଼ୀକରଣ ତାଲିମ' ଶୀର୍ଷକ ପ୍ରଶିକ୍ଷଣର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଛି। ବିଭାଗୀୟ ଅଧିକାରୀ ଏବଂ ଅଂଶୀଦାରମାନଙ୍କୁ କୃଷି ନୀତି ପ୍ରଣୟନ, କ୍ଷେତ୍ରସ୍ତରୀୟ ଯୋଜନା ସଂପର୍କରେ ଅବଗତ କରାଇବା ପାଇଁ ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଭାଗୀୟ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। କୃଷି ଉପନିର୍ଦ୍ଦେଶକ ଡଃ ସଂଗ୍ରାମ କେଶରୀ ପଟ୍ଟନାୟକ ଓ କୃଷି ସହକାରୀ ନିର୍ଦ୍ଦେଶକ ନଗେନ କୁମାର ମଲ୍ଲିକ କର୍ମଶାଳାରେ ଅଧିକାରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳାରେ ବିଭିନ୍ନ ପ୍ରମୁଖ ସଂସ୍ଥାର ପ୍ରତିନିଧିମାନେ ସାମିଲ ଥିଲେ। ଅଧିବେଶନ ଶେଷରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

## ଅବଶିଷ୍ଟାଂଶ

### ଦିନକରେ ୩୦୦...

ରୋଗୀ ଚିହ୍ନଟ ହୋଇଥିବା ବେଳେ କେରଳରେ ୬୪, ଦିଲ୍ଲୀରେ ୬୧ ଏବଂ ଗୁଜରାଟରେ ୫୫ ନୂଆ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି।

ତେବେ ନୂଆ ସଂକ୍ରମଣକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି କହିଛନ୍ତି ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ନିର୍ଦ୍ଦେଶକ ଡ. ରାଜୀବ ବେହେଲ। ସେ କହିଛନ୍ତି ଯେ କୋଭିଡର ୪ ପ୍ରକାର ଭୂତାଣୁ ଚିହ୍ନଟ ହୋଇଛନ୍ତି। ସେଗୁଡ଼ିକ ହେଲା ଏଲ୍‌ଏଫ୍-୭, ଏକ୍‌ଏଫ୍‌ଜି, ଜେଏନ୍ ୧ ଏବଂ ଏନ୍‌ବି.୧.୮.୧। ପ୍ରଥମ ତିନିଟି ଭୂତାଣୁ ଯୋଗୁଁ ଏବେ ସଂକ୍ରମଣ ବଢ଼ୁଛି। ପରିସ୍ଥିତି ଉପରେ ନଜର ରଖାଯାଇଛି। କିନ୍ତୁ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

### ରାଜ୍ୟରେ ଆଉ...

ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ରାଜ୍ୟରେ ପ୍ରତିଦିନ ଜଣେ ଦୁଇ ଜଣ ରୋଗୀ ଚିହ୍ନଟ ହେଉଛନ୍ତି। ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ଯେତିକି ବି ରୋଗୀ ଚିହ୍ନଟ ହେଉଛନ୍ତି, ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। କରୋନାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ସମ୍ପର୍କରେ ଶ୍ରୀ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ପାଖରେ ସେଭଳି କୌଣସି ସୂଚନା ନାହିଁ। ସମ୍ପୃକ୍ତ ବ୍ୟକ୍ତି କରୋନାରେ କି ଅନ୍ୟ ରୋଗରେ ମୃତ୍ୟୁବରଣ କରିଛନ୍ତି, ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି। ତେବେ ବର୍ତ୍ତମାନ ଚିହ୍ନଟ ହେଉଥିବା ରୋଗୀମାନେ ଓମିକ୍ରନ୍‌ର ସବ୍ ଭାରିଏଣ୍ଟ ବୋଲି ସେ କହିଛନ୍ତି।

### ଧୋକାଦେଲା...

ବଙ୍ଗୋପସାଗରରେ ଏକ ବଳୟ ସୃଷ୍ଟି ହେବା ସହ ଏହା ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ। ସମ୍ଭାବ୍ୟ ଲଘୁଚାପଟି ଓଡ଼ିଶା ବା ସଂଲଗ୍ନ ଉପକୂଳ ଦେଇ ସ୍ଥଳଭାଗକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ସମଗ୍ର ରାଜ୍ୟରେ ୪ ଦିନ ବର୍ଷା ହେବ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣରେ ତାପମାତ୍ରା ୩୫-୩୭ ଡିଗ୍ରୀ ମଧ୍ୟରେ ରହିବ। ଏହାପରେ ପୁଣି ତାପମାତ୍ରା ବୃଦ୍ଧି ପାଇବ। ୧୦ ତାରିଖରୁ ତାପମାତ୍ରା କମିବ; ଏଣୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୁଳୁଗୁଳି ଚାଲୁ ରହିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୪ ତାରିଖରୁ ତାପମାତ୍ରା ସହ ଗୁଳୁଗୁଳିର ପ୍ରଭାବ ଆହୁରି ବଢ଼ିବ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକଟ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ପ୍ରବଳ ଗୁଳୁଗୁଳି ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଉଷ୍ମ ଓ ଆର୍ଦ୍ର ପାଣିପାଗ ଜନିତ ୟେଲୋ ଆଲର୍ଟ ଜାରି କରିଛି।

### ବିଷ ପିଇଦେଲେ...

ଧମକ ଦେଇଥିଲା। ପୀଡ଼ିତାଜଣଙ୍କ ବହୁ କଷ୍ଟରେ ଘରେ ପହଞ୍ଚିଥିଲେ। ସେ ସମୟରେ ତାଙ୍କ ବାପା-ମା' ଘରେ ନଥିବାରୁ ଫୋନ୍ କରି ସମସ୍ତ ଘଟଣା ଜଣାଇବା ସହ ତୁରନ୍ତ ଘରକୁ ଆସିବାକୁ କହିଥିଲେ। ତେବେ ନାବାଳିକାଙ୍କ ବାପା-ମା' ଘରେ ପହଞ୍ଚିବା ବେଳକୁ ନାବାଳିକାଜଣଙ୍କ କୀଟନାଶକ ପିଇ ସାରିଥିଲେ। ପରିବାରଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

### ପେଟ୍ରୋଲ ପମ୍ପରୁ...

ମାଲିକ ଶ୍ରବଣ ଅଗ୍ରୱାଲଙ୍କ ଉପରେ ପୁଲିସ ନଜର ରଖିଥିଲା। ଆଜି ଶ୍ରବଣ ପେଟ୍ରୋଲ ପମ୍ପରେ ପହଞ୍ଚିବା ପରେ ପୁଲିସ ତାଙ୍କୁ ମାଡ଼ି ବସିଥିଲା।

ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ଶ୍ରବଣଙ୍କ ଗୋଦାମ ସିଲ୍ ଥିଲେ ହେଁ ସେ ଏହି ଦୁଇଟି ଗାଡ଼ିରେ ବେଆଇନ ଭାବେ ବିସ୍ଫୋରକ ରଖିଥିଲେ। ପୁଲିସ ଶ୍ରବଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପରପକ୍ଷେ, ଗୋଦାମ ସିଲ୍ ହେବା ଆଗରୁ ବିସ୍ଫୋରକ ଚାଲାଣ ହୋଇଥିଲା କି ସିଲ୍ ହେବା ପରେ ଚାଲାଣ ହୋଇଥିଲା, ତାହା ଜଣାପଡ଼ିନାହିଁ। କେଉଁ ଉଦ୍ଦେଶ୍ୟରେ ବିସ୍ଫୋରକ ପେଟ୍ରୋଲ ପମ୍ପଠାରେ ରଖାଯାଇଥିଲା, ସେନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ପୁଲିସ ପକ୍ଷରୁ କୌଣସି ସଠିକ୍ ତଥ୍ୟ ଦିଆଯାଇନାହିଁ।

# ଚଳନ୍ତା ବାଇକ୍‌ରେ ଛୁରାମାଡ଼

ବଲାଙ୍ଗିର, ୧।୬(ସମିସ): ବଲାଙ୍ଗିର ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଅପରାଧୀ। ରବିବାର ସନ୍ଧ୍ୟାରେ ଟାଉନ୍ ଥାନା ନିକଟସ୍ଥ ଫଳ ବଜାର ପାଖରେ ଜଣେ ଯୁବକକୁ ଛୁରାମାଡ଼ କରି ଦୃବର୍ତ୍ତ ଫେରାର ମାରିଛନ୍ତି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଛୁରାମାଡ ହୋଇଥିବା ଜଣାପଡ଼ିଛି। ଆହତ ଯୁବକ ସିତେଶ ସ୍ୱାଇଁ ଘର ଲକ୍ଷ୍ମୀନଗରପଡ଼ାରେ ବୋଲି ଜଣାପଡିଛି। ସିତେଶ ଟଙ୍କା ଧରି ବାଇକ୍ ଯୋଗେ ମାଲିକକୁ ଟଙ୍କା ଦେବା ପାଇଁ ଯାଉଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି। ଚଳନ୍ତା ବାଇକ୍‌ରେ ଥିବା ବେଳେ ପଛପଟୁ ତାଙ୍କୁ ଛୁରାମାଡ଼ ହୋଇଥିବା ଜଣାପଡିଛି। ଛୁରାମାଡ଼ ପରେ ସିତେଶ ଘଟଣାସ୍ଥଳରେ ତଳେ ପଡି ଯିବାରୁ ପକେଟରେ ଥିବା ୧୫ ହଜାର ଟଙ୍କା ଦୁର୍ବୃତ୍ତ ଲୁଟି ନେଇଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଭର୍ତ୍ତି କରିଛନ୍ତି। ଛୁରାମାଡ଼ରେ ପିଠିର ଦୁଇଟି ସ୍ଥାନରେ ଗଭୀର ଆଘାତ ଲାଗିଥିବା ବେଳେ ଦେହର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ହତ୍ୟା ପାଇଁ ଯୋଜନା କରିଥିଲେ ବୋଲି ସିତେଶ କହିଛନ୍ତି। ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବଶତ୍ରୁତାରୁ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ସୂଚନା ଯୋଗ୍ୟ କିଛି ଦିନ ତଳେ ସ୍ଥାନୀୟ ମହାଦେବ ମନ୍ଦିର ଛକରେ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ସିନେମା ଷ୍ଟାଇଲରେ ଖଣ୍ଡା ଧରି ଗୋଡାଇ ହତ୍ୟା ଉଦ୍ୟମ କରିଥିଲେ। ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଏ ଦିଗରେ ଗୃହ ବିଭାଗ ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ସରଣ୍ଡାରେ ପୁଣି ଲ୍ୟାଣ୍ଡମାଇନ୍ ବିସ୍ଫୋରଣ, ଜଣେ ଆହତ

ରାଉରକେଲା,୧।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା ଜରେଇକେଲା ସୀମାନ୍ତରୁ ମାତ୍ର ୨୫ କିଲୋମିଟର ଦୂରରେ ଥିବା ସରଣ୍ଡା ଜଙ୍ଗଲ ସଂଲଗ୍ନ ଗ୍ରାମ ବଲିବା ଠାରେ ଗତକାଲି ସଂଧ୍ୟାରେ ପୁଣି ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଏହି ବିସ୍ଫୋରଣରେ ସ୍ଥାନୀୟ ଅଞ୍ଚଳର ଜଣେ ଗ୍ରାମବାସୀ ଆହତ ହେଇଛନ୍ତି। ଆହତ ଗ୍ରାମବାସୀ ହେଲେ, ବଲିବା ଗାଁର ସାଉ ବାରଜୋ (୩୦)।

ସାଉ ବାରଜୋ ପତ୍ର ତୋଳିବା ସହ କାଠ ପାଇଁ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରୁ ଫେରୁଥିବା ବେଳେ ସଂଧ୍ୟାରେ ଜଙ୍ଗଲ ରାସ୍ତାରେ ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନ୍ ସଂସ୍ପର୍ଶରେ ଆସିବାରୁ ତାହା ବିସ୍ଫୋରଣ ହେଇଥିଲା। ଏଥିରେ ସାଉଙ୍କ ଦୁଇଗୋଡ଼ରେ ଗଭୀର ଆଘାତ ଲାଗିଛି। ବାଲିବାରେ ଥିବା ସିଆର୍‌ପିଏଫ୍ ଯବାନମାନେ ସାଉଙ୍କୁ ଚିକିତ୍ସା ନିମନ୍ତେ ମନୋହରପୁରସ୍ଥିତ ସରକାରୀ ହସ୍ପିଟାଲକୁ ପଠାଇଥିଲେ। ଗୁରୁତର ଅବସ୍ଥାରେ ସେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଚାଇଁବାସା ଏସ୍.ପି ରାକେଶ ରଞ୍ଜନ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି (ଇମ୍ପ୍ରୁଭାଇଜ ଏକ୍ସପ୍ଲୋସିଭ ଡିଭାଇସ) ବିସ୍ଫୋରଣକୁ ନିଶ୍ଚିତ କରିଛନ୍ତି। ମାଓବାଦୀମାନେ କମ୍ବିଂରତ ସୁରକ୍ଷା କର୍ମଚାରୀଙ୍କୁ କ୍ଷତି ପହଞ୍ଚାଇବା ପାଇଁ ଏହି ଲ୍ୟାଣ୍ଡ ମାଇନ ଖଞ୍ଜିଥିବା କୁହାଯାଉଛି। ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲର ସଂଲଗ୍ନ ବଲିବା ନିକଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଗୁରୁତର ଆହତ ହୋଇଥିବା ସାହୁ ବାର୍ଜୋକୁ ବୁର୍ଲା ମନୋହରପୁରରୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଚିକିତ୍ସା ନିମନ୍ତେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରୀରୁ ମାଓବାଦୀ ମାନେ ୫ ଟନ୍ ବିସ୍ଫୋରକ ଲୁଟିବା ଘଟଣାକୁ ଆଜି ୬ ଦିନ ପୂରିଥିବା ବେଳେ ରାଉରକେଲା ରଘୁନାଥପାଲୀ ଥାନା ପୁଲିସ ବାଲୁଘାଟ ନିକଟରୁ ବିସ୍ଫୋରକ ବୋଝେଇ ୨ଟି ଟ୍ରକକୁ ସଂଦେହଜନକ ଅବସ୍ଥାରେ ଜବତ କରିଛି। ସବିଶେଷ ସୂଚନା ମୁତାବକ ଝାଡ଼ଖଣ୍ଡ ସରଣ୍ଡା ସଂଲଗ୍ନ ଥଲକୋବାଦ ଓ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ମିଳିବା ପରେ ସମ୍ପୃକ୍ତ ଅଞ୍ଚଳରେ କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି।

SALE
Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.
Contact
GADHWAL GROUP
Mob.: 9437015112

AFFIDAVIT
By virtue of an affidavit sworn before the Notary Public, Purushottampur, Ganjam. I, Sujata Raut, W/o- Late Rabi Raut, resident of Dhobapalli, Ganjam, Odisha here by declare that my minor son's name has been changed from Pradipta Raut to Pradeep Raut. Henceforth he shall be known as Pradeep Raut for all purposes.
Sd/- Sujata Raut

AFFIDAVIT
I, Sasmita Nandini Tripathy, aged 40 years, D/o- Sadananda Tripathy, at present AT/PO/PS-Bolgarh, Dist- Khurda, State Odisha do hereby declare that by sworn affidavit in the court of Executive Magistrate, Bhadrak, my minor daughter Sanhita Saloni Khatai has changed her surname from Khatai to Tripathy and henceforth she shall be known as Sanhita Saloni Tripathy instead of Sanhita Saloni Khatai for all the purposes.

## ବାହାନଗା ଟ୍ରେନ ଟ୍ରାଜେଡିକୁ ୨ ବର୍ଷ

# ମିଳିଥିଲା ପ୍ରତିଶ୍ରୁତିର ପାହାଡ଼, କାର୍ଯ୍ୟରେ ଶୂନ୍

ବାହାନଗା,୧।୬ (ରୁଚିକ ରଞ୍ଜନ ମହାପାତ୍ର)



୨୦୨୩ ଜୁନ୍ ୨ର ସେ କାଳରାତିକୁ କେବେ ବି ଭୁଲିପାରିବେନି ବାହାନଗାବାସୀ। ବାଲେଶ୍ୱର ଜିଲ୍ଲା ବାହାନଗା ରେଳଷ୍ଟେସନ ଉତ୍ତର ଫାଟକ ନିକଟରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣାକୁ ୨ ବର୍ଷ ବିତିଛି; ଏବେ ବି ସେହି ଘଟଣା ମନେ ପଡ଼ିଲେ ଲୋମ ଟାଙ୍କୁରି ଉଠେ। ସେଦିନ ସେ ସନ୍ଧ୍ୟାରେ ବାହାନଗା ଷ୍ଟେସନ ଉତ୍ତର ଫାଟକ ନିକଟରେ କରମଣ୍ଡଳ ସହ ଅନ୍ୟ ୨ଟି ଟ୍ରେନ ଦୁର୍ଘଟଣା ଘଟି ୨୯୬ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୨୦୦ରୁ ଉଦ୍ଧ୍ୱର୍ ଟ୍ରେନ୍ ଯାତ୍ରୀ ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ କିଏ ମାଆକୁ ହରାଇ ଥିବା ବେଳେ କିଏ ସ୍ୱାମୀକୁ ତ ଆଉ କିଏ ପରିବାରର ଆତ୍ମୀୟ ସ୍ୱଜନଙ୍କୁ ହରାଇଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସାରା ବିଶ୍ୱରେ ଏଭଳି ରେଳ ଦୁର୍ଘଟଣା ପ୍ରଥମ ଭାବେ ବିବେଚନା କରାଗଲା। ଦୀର୍ଘ ୨ ମାସରୁ ଉର୍ଦ୍ଧ ସମୟ ଧରି ଯାତାୟତ ଠପ ହୋଇପଡିଥିଲା। କୁଢ଼ କୁଢ଼ ମୃତଦେହରେ ବାହାନଗା ହାଇସ୍କୁଲ ପରିସର ଖଣ୍ଡବିଖଣ୍ଡିତ ଶରୀରରେ ଲାଲ ହୋଇଯାଇଥିଲା। ଏହି ଟ୍ରେନ ଟ୍ରାଜେଡି ପରେ ଅନେକ ନେତା ମନ୍ତ୍ରୀ ବାହାନଗାକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ବାହାନଗା ଷ୍ଟେସନର ଉନ୍ନତୀକରଣ, ଲୋକଙ୍କ ଦାବି










ମୁତାବକ ଗୋପାଳପୁର ବାହାନଗା ରାସ୍ତାର ଉତ୍ତର ଫାଟକ ନିକଟରେ ରେଳ ଉଡ଼ନ୍ତା ପୋଲ, ବାହାନଗା ମେଡିକାଲକୁ ଅତ୍ୟାଧୁନିକ ମେଡିକାଲ କରାଯିବା, ବାହାନଗାରେ ଟ୍ରମା କେୟାର ନିର୍ମାଣ ଏବଂ ଆଲୋକିକରଣ ସହ ବାହାନଗା ରେଳ ଷ୍ଟେସନର ଉନ୍ନତିକରଣ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିଲେ। ସେହି ଟ୍ରେନ୍ ଦୁର୍ଘଟଣାକୁ ୨ ବର୍ଷ ବିତିଛି। ହେଲେ ରେଳମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି।

## ରେଳ ଉଡ଼ନ୍ତା ପୋଲ ପ୍ରତିଶ୍ରୁତି ପାଳନ ହେଲାନି

ବାହାନଗାରେ ଉତ୍ତର ଫାଟକସ୍ଥିତ ରେଳ ଫାଟକ ଦୈନିକ ଯାତାୟାତକୁ ଗୁରୁତର ଭାବରେ ପ୍ରଭାବିତ କରୁଛି। ଏଠାରେ ଉଡନ୍ତା ପୋଲ ନ ଥିବାରୁ ବିଭିନ୍ନ ସମୟରେ ଟ୍ରେନ ଆସିଲେ ରାସ୍ତା ବନ୍ଦ ହୋଇଯାଉଛି ଏବଂ ଲୋକମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ଏହି ଫାଟକ ଦେଇ ଗୋପାଳପୁର, ବାଲେଶ୍ୱର, ଭଦ୍ରକ, ବାସୁଦେବପୁର,୧୬ ନଂ ଜାତୀୟ ରାଜପଥ ସହ ବିଭିନ୍ନ ଅଞ୍ଚଳକୁ ଯାତ୍ରୀ ଓ ଯାନବାହନ ଯାତାୟାତ କରନ୍ତି। ଏମିତି କି ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ଜରୁରୀ ଗାଡି ଟ୍ରେନ ଆସୁଥିବା ବେଳେ ଫାଟକ ବନ୍ଦ ଥିବା କାରଣରୁ ଦୀର୍ଘ ସମୟ ଧରି ଅପେକ୍ଷା କରୁଛନ୍ତି। ଫଳସ୍ୱରୂପ, ଅନେକ ରୋଗୀଙ୍କ ଅବସ୍ଥା ଗୁରୁତର ହୋଇପଡୁଥିବା ବେଳେ ମେଡିକାଲ ପହଞ୍ଚିବା ପୂର୍ବରୁ ଅନେକ ରୋଗୀଙ୍କର ଜୀବନ ମଧ୍ୟ ଚାଲି ଯାଉଛି। ସାଧାରଣ ଛାତ୍ରଛାତ୍ରୀ, କର୍ମଚାରୀ ଓ ବ୍ୟବସାୟୀମାନେ ମଧ୍ୟ ଦୈନିକ ଭାବରେ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସିଧା ସଳଖ ଭାବେ ଜୀବନ ଜୀବିକା ଉପରେ ଏହାର ପ୍ରଭାବ ପଡୁଛି। ବାହାନଗା ରେଳ ଦୁର୍ଘଟଣା ପରେ ଅନେକ ନେତା ମନ୍ତ୍ରୀ ବାହାନଗା ଆସି ଯାତ୍ରୀଙ୍କୁ ଉଦ୍ଧାର କାର୍ଯ୍ୟରେ ଦେଖାଇଥିବା ବେଳେ ବାହାନଗାବାସୀଙ୍କ ମହାନତାକୁ ଭୂରି ଭୂରି ପ୍ରଶଂସା କରିଥିଲେ। ଏମିତି କି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟରେ ରେଳ ଉଡନ୍ତା ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଥିଲେ। ମନ୍ତ୍ରୀ ଶ୍ରୀ ବୈଷ୍ଣବ ଲୋକଙ୍କ






ସମସ୍ୟାକୁ ଉପଲବ୍ଧି କରି ବାହାନଗା ଉତ୍ତର ଫାଟକ ନିକଟରେ ରେଳ ଉଡନ୍ତା ପୋଲ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରେଳ ଦୁର୍ଘଟଣାକୁ ୨ ବର୍ଷ ବିତିଥିଲେ ସୁଦ୍ଧା ପ୍ରତିଶ୍ରୁତି କେବଳ କାଗଜ କଲମରେ ସୀମିତ ରହିଛି।

## ପ୍ରତିଶ୍ରୁତିରେ ସୀମିତ ବାହାନଗାରେ ଟ୍ରମା କେୟାର ସେଣ୍ଟର

ବାହାନଗା ରେଳ ଦୁର୍ଘଟଣା ପରେ ଦେଶବ୍ୟାପୀ ଶୋକ ଓ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାର ତ୍ୱରିତ ଉଦ୍ଧାର କାର୍ଯ୍ୟ ବ୍ୟବସ୍ଥା କରିଥିଲେ। ତେବେ ଏହି ଦୁର୍ଘଟଣା ପରେ ବାହାନଗାରେ ଏକ ଉଚିତ ଟ୍ରମା କେୟାର ସେଣ୍ଟର ସ୍ଥାପନ ପାଇଁ ସ୍ଥାନୀୟ ଲୋକଙ୍କ ସହ ସାମାଜିକ ସଂଗଠନ ଓ ଜନ ପ୍ରତିନିଧିଙ୍କ ଦ୍ୱାରା ଦାବି ବଢିଥିଲା। ଏହି ଦାବିକୁ ଗୁରୁତ୍ୱ ଦିଆଯିବା ସହ ତ୍ୱରିତ ଭାବେ ଟ୍ରମା କେୟାର ସେଣ୍ଟର ସ୍ଥାପନ କରାଯିବ ବୋଲି ସରକାର ତଥା ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଦୁର୍ଘଟଣା ଏବଂ ପ୍ରତିଶ୍ରୁତିକୁ ୨ ବର୍ଷ ବିତିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇନାହିଁ। ଯେଉଁଠି ଏତେ ସଂଖ୍ୟକ ମୃତ୍ୟୁ ଘଟିଲା ଓ ଆହତ ହେଲେ, ଏଠାରେ ଏକ ଆଧୁନିକ ଟ୍ରମା କେୟାର ସେଣ୍ଟର ପ୍ରତିଶ୍ରୁତି ଦେଇ ପ୍ରତିଷ୍ଠା କରାନଯିବା ଦୁଃଖଦାୟକ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ଅଟକିଛି ବଜାର ଉନ୍ନତି ଓ ଆଲୋକୀକରଣ କାମ

ରେଳ ଦୁର୍ଘଟଣା ପରେ ରେଳ ବିଭାଗ ଓ କେନ୍ଦ୍ର ମନ୍ତ୍ରୀଙ୍କ ପକ୍ଷରୁ ବାହାନଗା ବଜାରକୁ ଉନ୍ନତ କରିବା ଓ ଆଲୋକୀକରଣ କରିବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ କାଗଜ ଉପରେ ହିଁ ସୀମିତ ରହିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦେଇଥିବା ସାଂସଦ ପାଣ୍ଠିରୁ ଦେଇଥିବା ଟଙ୍କାରେ ମାତ୍ର କେତୋଟି ଲାଇଟ ଲାଗିଛି, ୨ ବର୍ଷ ପରେବି ବଜାରରେ କୌଣସି ଆଖିଦୃଶିଆ ବିକାଶ କାର୍ଯ୍ୟ ଆରମ୍ଭ ନହେବାରୁ ସ୍ଥାନୀୟ ବାସିନ୍ଦାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁର୍ଘଟଣା ପରେ ବାହାନଗା ବଜାରକୁ ଏକ ଉନ୍ନତ ରେଳ ଟାଉନ ଭାବେ ବିକଶିତ କରିବା, ଆଧୁନିକ ଆଲୋକ ବ୍ୟବସ୍ଥା, ରାସ୍ତା ପରିଷ୍କାର ଓ ବୃହତ ଢାଞ୍ଚାଗତ ବିକାଶ କାମ କରାଯିବାନେଇ ଘୋଷଣା ହୋଇଥିଲା। ବାସ୍ତବରେ କୌଣସି କାମ ହୋଇନଥିବାରୁ ଏହା ମାତ୍ର ଏକ ରାଜନୈତିକ ଆଶ୍ୱାସନାରେ ରହିଗଲା ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ବାହାନଗା ପଞ୍ଚାୟତକୁ ମଡେଲ ପଞ୍ଚାୟତ ଗଠନ ଆଶା ନିରାଶ

ବାହାନଗା ରେଳ ଦୁର୍ଘଟଣା ପରେ ବାହାନଗାବାସୀ ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରି ଦେଖାଇଥିବା ମହତପଣକୁ ସାରା ଦେଶ ପ୍ରଶଂସା କରିଥିଲା। ଏହାକୁ ଦୃଷ୍ଟିରେ ରଖି ବାହାନଗାକୁ ମଡେଲ ପଞ୍ଚାୟତ ଗଠନ କରିବା ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ଆଶା ନିରାଶ ହୋଇଛି। ଏହି ଅଞ୍ଚଳରେ ଆଧୁନିକ ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା ଉନ୍ନତ କରିବା ନେଇ ପ୍ରତିଶ୍ରୁତି ଯେଉଁ ଦାବି ଉଠିଥିଲା, ସେଗୁଡ଼ିକ ଏବେ ପର୍ଯ୍ୟନ୍ତ କେବଳ କାଗଜରେ ସୀମିତ ରହିଛି।

## ଅବହେଳିତ ଅବସ୍ଥାରେ ବାହାନଗା ରେଳ ଷ୍ଟେସନ

ବାହାନଗାରେ ଘଟିଥିବା ରେଳ ଦୁର୍ଘଟଣାକୁ ଦୁଇ ବର୍ଷ ବିତିଛି, ରେଳ ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ହେଲେ ଅତ୍ୟାବଶ୍ୟକୀୟ ସେବାରୁ ବଞ୍ଚିତ ହୋଇଛନ୍ତି ଯାତ୍ରୀ। ଯାହା ରେଳ ଷ୍ଟେସନର ଅବହେଳାର ଚିତ୍ରକୁ ପଦରେ ପକାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଅବିଳମ୍ବେ ଷ୍ଟେସନର ପୁନର୍ନିର୍ମାଣ, ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ଓ ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଦାବି କରୁଥିଲେ, ତେବେ ବର୍ତ୍ତମାନ ପରିସ୍ଥିତି ଦେଖି ଏହି ସବୁ ପ୍ରତିଶ୍ରୁତି କେବଳ କାଗଜରେ ସୀମିତ ରହିଛି ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ବାହାନଗା ବଜାର ରେଳ ଷ୍ଟେସନ ଜାତୀୟ ରାଜପଥ ଠାରୁ ମାତ୍ର ୧ କିମି ଦୂରରେ ଅବସ୍ଥିତ। ରେଳ ଷ୍ଟେସନରେ ପ୍ରତିଦିନ ଏକ୍ସପ୍ରେସ, ପାସେଞ୍ଜର ଟ୍ରେନ ସମେତ ମାଲ ବୋଝେଇ ଟ୍ରେନ ଆତଯାତ କରିଥାଏ। ଏଥିମଧ୍ୟରୁ ବାହାନଗା ରେଳ ଷ୍ଟେସନ ରେ ପ୍ରତିଦିନ ୪ଟି ପାସେଞ୍ଜର ଟ୍ରେନ ଏବଂ ୩ଟି ଏକ୍ସପ୍ରେସ ଟ୍ରେନ ଷ୍ଟେସନ ରେ ଅଟକିଥାଏ। ପ୍ରତିଦିନ ୫୦୦ ରୁ ଉର୍ଦ୍ଧ ଯାତ୍ରୀ ଏହି ୭ଟି ଟ୍ରେନରେ ଯାତାୟାତ କରିଥାନ୍ତି। ଦୈନିକ ୮ ରୁ ୧୦ ହଜାର ଟଙ୍କାର ଟିକଟ ବାହାନଗା ବଜାର ରେଳ ଷ୍ଟେସନର ଟିକଟ କାଉଣ୍ଟରରେ ବିକ୍ରି ହୋଇଥାଏ।

## ଷ୍ଟେସନରେ ନାହିଁ ପାନୀୟ ଜଳ ବ୍ୟବସ୍ଥା

ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବାହାନଗା ରେଳ ଷ୍ଟେସନ ସହ ରେଳ ପ୍ଲାଟଫର୍ମରେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଷ୍ଟେସନରେ ଥିବା ୯ଟି ପାଣି ଟ୍ୟାପ ବୁଥ ସହ ୨ ନଂ ପ୍ଲାଟଫର୍ମରେ ଥିବା ନଳକୂପ ମଧ୍ୟ ଅଚଳ ହୋଇପଡିଛି। କହିବାକୁ ଗଲେ ବାହାନଗା ରେଳ ଷ୍ଟେସନରେ ଯାତ୍ରୀଙ୍କୁ ପାନୀୟ ଜଳ ମିଳୁନି। ଏନେଇ ଷ୍ଟେସନ ରେ କାର୍ଯ୍ୟରତ କର୍ମଚାରୀ କୁହନ୍ତି, ନୂତନ ଷ୍ଟେସନ ନିର୍ମାଣ କାର୍ଯ୍ୟ ଜାରି ରହିବା ଯୋଗୁଁ ପାଇପ ଫାଟି ଯାଇଛି, ସେଥିପାଇଁ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ସେପଟେ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀ ପ୍ଲାଟଫର୍ମ କିମ୍ବା ଷ୍ଟେସନରେ ପାଣି ମୁନ୍ଦାଏ ନ ପାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଷ୍ଟେସନରେ ଭାଙ୍ଗି ପଡ଼ିଛି ଶୌଚାଳୟ

୧ ନମ୍ବର ପ୍ଲାଟଫର୍ମରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଶୌଚାଳୟ ଏବେ ଭାଙ୍ଗି ପଡିଥିବା ବେଳେ ଯାତ୍ରୀମାନେ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଥିବା ବେଳେ ରେଳ ଦୁର୍ଘଟଣାର ୨ ବର୍ଷ ପରେ ଯାତ୍ରୀଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରାଇ ନ ପାରିବା ଯାତ୍ରୀଙ୍କ ସୁରକ୍ଷା ପାଇଁ ରେଳ ବିଭାଗ କେତେ ତତ୍ପର ତାହା ପଦାରେ ପଡ଼ିଛି।

## ସରିନି ନୂତନ ବିଲଡିଂ ନିର୍ମାଣ କାର୍ଯ୍ୟ

ବାହାନଗା ଟ୍ରେନ ଦୁର୍ଘଟଣା ପୂର୍ବରୁ ବାହାନଗା ଷ୍ଟେସନ ଟି ଯେଉଁ ଭଳି ଆଜବେଷ୍ଟସ ଛପର ତଳେ ଚାଲି ଆସୁଥିଲା ଆଜିକୁ ଦୁର୍ଘଟଣାର ୨ ବର୍ଷ ବିତିଥିଲେ ସୁଦ୍ଧା ସେହିଭଳି ଆଜବେଷ୍ଟସ ଛପର ତଳେ ଷ୍ଟେସନ ରହିଛି। ସେପଟେ ରେଳବିଭାଗ ନୂତନ ବିଲଡିଂ ସହ ଷ୍ଟେସନ ରୂପାନ୍ତରଣ କାର୍ଯ୍ୟ ଜାରି ରଖିଥିଲେ ସୁଦ୍ଧା ମନ୍ଥର ଗତିରେ କାର୍ଯ୍ୟ ଯୋଗୁଁ ଯାତ୍ରୀ ହନ୍ତସନ୍ତ ହେଉଥିବାର ଦେଖିବାକୁ ମିଳିଛି।

## ଷ୍ଟେସନ ରାସ୍ତା କାମ ଅଧାପନ୍ତରିଆ

ରେଳ ଦୁର୍ଘଟଣା ପରେ ଷ୍ଟେସନକୁ ଯିବା ପାଇଁ ଥିବା ରାସ୍ତା ଉପରେ ଟ୍ରେନ ଓଲଟି ପଡିବା ଯୋଗୁ ରାସ୍ତା କ୍ଷତିଗ୍ରସ୍ତ ହୋଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି। ରାସ୍ତା ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଯାତ୍ରୀମାନେ ସମସ୍ୟାରେ ପଡିଛନ୍ତି। ଗାଡି ଷ୍ଟେସନ ପାଖକୁ ଯାଇପାରୁନାହିଁ। ତୁରନ୍ତ ଷ୍ଟେସନ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନିର୍ମାଣ ହୋଇଥିଲା ନୂତନ ସ୍କୁଲ ଘର


ଟ୍ରେନ ଟ୍ରାଜେଡିରେ ବାହାନଗା ହାଇସ୍କୁଲ ପାଲଟିଥିଲା ଶବର ପାହାଡ। ତେବେ ଛାତ୍ରଛାତ୍ରୀଙ୍କ ମନରୁ ଭୟ ଦୂରକରିବା ପାଇଁ ଶବ ଥିବା ସ୍କୁଲ ଗୃହକୁ ଭାଙ୍ଗି ନୂତନ ସ୍କୁଲ ଗୃହ ନିର୍ମାଣ କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ବେଆଇନ କରତ କଳ ଯୋଗୁ ଧ୍ୱଂସ ପାଉଛି ତାଳବଣ

କାଳିପଦା, ୧।୬ (ସମିସ): ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଥିବା ବେଆଇନ କରତ କଳ ଯୋଗୁଁ ଗ୍ରାମ୍ୟ ତାଳ ବଣ ଧ୍ୱଂସ ପାଇବାରେ ଲାଗିଛି। ଫଳରେ ସରକାରଙ୍କ ଜନ ପ୍ରିୟ ତାଳ ଗଛ କଟା ବନ୍ଦ ଯୋଜନା ଏଠାରେ ପ୍ରହସନରେ ପରିଣତ ହୋଇଛି। ଜଙ୍ଗଲ ବିଭାଗର ଜ୍ଞାତ ସାରରେ ଏହି ସବୁ ବେଆଇନ କରତ କଳ ଚାଲିଛି। ସ୍ଥାନୀୟ ଲୋକ ଜଙ୍ଗଲ ବିଭାଗକୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପ୍ରତିକାର ହେଉ ନାହିଁ। ପୂର୍ବରୁ ଗ୍ରାମ୍ୟ ଜଙ୍ଗଲ, କୋଷ୍ଟ କେନାଲର ଉଭୟ ପାଶ୍ୱର୍ରେ ଘଞ୍ଚ ତାଳ ଗଛ ଥିଲା। ସରକାରୀ ରାସ୍ତା କଡରେ ମଧ୍ୟ ଧାଡି ଧାଡି ତାଳ ଗଛ ଥିଲା। କିଛି ମୁଷ୍ଟିମେୟ ଲୋକ ବିଭିନ୍ନ ପ୍ରକାର ଅନୁଷ୍ଠାନ, କ୍ଲବ, ମହିଳା ସମିତି, ମଣ୍ଡପ ଆଦି ପାଇଁ ତାଳ ଗଛ କାଟି ନେଲେ। ଏମିତି ହେଲା ଗୋଟିଏ ଗୋଟିଏ ଜଙ୍ଗଲରୁ ତାଳ ଗଛ ସମ୍ପୂର୍ଣ ଲୋପ ପାଇ ଯାଇଛି। କୋଷ୍ଟ କେନାଲ ଓ ରାସ୍ତା କଡ଼ ଅବସ୍ଥା ମଧ୍ୟ ତଦ୍ରୂପ। ଏବେ କାଁ ଭାଁ ତାଳ ଗଛ ଦେଖିବାକୁ ମିଳୁଛି। ତାଳ ଗଛ ବହୁ ମୂଲ୍ୟବାନ। ତାଳ କାଠ ବଜ୍ର ସଦୃଶ୍ୟ। ତାଳ ସଜ ଖୁବ ସ୍ୱାଦିଷ୍ଟ ବୋଲି ହାଟ ବଜାରରେ ତାହାର କାହିଁ କେତେ ଚାହିଦା। ପାଚିଲା ତାଳ ରୁ ସ୍ୱାଦିଷ୍ଟ ପିଠା ମଧ୍ୟ ପ୍ରସ୍ତୁତ କରାଯାଏ, ତାଳ ସରୁ ଚକୁଳି, ତାଳର ପୋଡ଼ ପିଠା ର ତୁଳନା ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଳ ଗଛ ବଜ୍ର ପାତ ନିରୋଧକ ଭାବେ କାର୍ଯ୍ୟ କରିଥାଏ। ଏବେ ତାଳ ଗଛ ନ ଥିବାରୁ ଅଧିକ ବଜ୍ରପାତ ହେଉଛି। ଅଧିକ ଜୀବନ ହାନୀ ମଧ୍ୟ ହେଉଛି। ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ମୋହନ କୁମାର ଜେନା, ଗଗନ କୁମାର ବାରିକ, ମନ୍ମଥ କୁମାର ପାତ୍ର, ବାବୁଲି ଖିଲାର, ପର୍ଶୁରାମ ଗଙ୍ଗାଇ, ବିଭୀଷଣ ଦେ, ଭିକାରି ଚରଣ ବେହେରା ପ୍ରମୁଖ ଦୃଢ଼ ଦାବି ଜଣାଇ ଛନ୍ତି।

# ମନୋରମାଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ଦାବି


କାଳିପଦା, ୧।୬ (ସମିସ): ଜାତୀୟ ସ୍ତରୀୟ ପ୍ରଥିତ ଯଶା କବୟିତ୍ରୀ ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରନ୍ତୁ ବୋଲି ରବିବାର କାଳୀପଦା ଠାରେ ଏକ ସାରସ୍ୱତ ଉତ୍ସବରେ ବାଲିଆପାଳର ବିଭିନ୍ନ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ ପୂର୍ବରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କର କବିତା ପୁସ୍ତକ "ଫାଲଗୁନୀ ତିଥିର ଝିଅ' ପାଇଁ ପୁରସ୍କୃତ କରାଯାଇ ଥିବାବେଳେ କେନ୍ଦ୍ର ଓ ରାଜ୍ୟର ବହୁ ଖ୍ୟାତିସମ୍ପନ୍ନ ସାହିତ୍ୟ ଅନୁଷ୍ଠାନ ସାହିତ୍ୟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରିଛନ୍ତି। କୋଡ଼ିଏ ରୁ ଅଧିକ ପୁସ୍ତକର ରଚୟିତା ଡ. ମନୋରମା ଅର୍ଦ୍ଧାଧିକ ପୁସ୍ତକ ହିନ୍ଦୀ ଓ ଇଂରାଜୀରେ ଅନୁବାଦ କରାଯାଇଛି। ବହୁ ଜାତୀୟ ଓ ଅର୍ନ୍ତଜାତୀୟ ଭାଷା ସାହିତ୍ୟ ସମ୍ମିଳନୀରେ ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଛନ୍ତି। ସାହିତ୍ୟ ସମ୍ପର୍କିତ ତାଙ୍କର ଉଚ୍ଚ ମାନର ଲେଖା ବିଭିନ୍ନ ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି। ନିଜ ଜନ୍ମ ମାଟି ଜଗାଇ ଠାରେ ନିଜ ପିତା ସୁସାହିତ୍ୟିକ ସ୍ୱର୍ଗତ ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରାଣକୃଷ୍ଣ ଚେରି ଟେବୁଲ ଟ୍ରଷ୍ଟ ପ୍ରତିଷ୍ଠା କରିଛନ୍ତି। ରବିବାର ଅନୁଷ୍ଠିତ ଉତ୍ସବରେ ବାଲିଆପାଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସୃଜନିକା, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା, ସୁବର୍ଣ୍ଣ ରେଖା ପ୍ରେସ କ୍ଲବ, ଡଗରା ବେଳାଭୂମି ମହୋତ୍ସବ କମିଟି, ସବର୍ଣ୍ଣ ରେଖା ସାମ୍ବାଦିକ ସମନ୍ୱୟ ସମିତି, ପତଙ୍ଗ ଶିଶୁ ସାହିତ୍ୟ ଅନୁଷ୍ଠାନ ଆଦି କମିଟି ପକ୍ଷରୁ ଉପରୋକ୍ତ ଦାବି କରାଯାଇଛି। ପୂର୍ବତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ , ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ବରିଷ୍ଠ କବି ନଳିନୀ କାନ୍ତ ପାଢ଼ୀ, କଥାକାର ନାରାୟନ ବିଶ୍ୱାଳ, ଶିଶୁ ସାହିତ୍ୟିକ କାଳି କିଙ୍କର ଦାଶ, ସାମ୍ବାଦିକ ଗୋପାଳ କୃଷ୍ଣ ବିଶ୍ୱାଳ, ରାଧା କୃଷ୍ଣ ଜେନା, ସନ୍ନ୍ୟାସୀ ବେହେରା, ସାମ୍ବାଦିକା ପ୍ରତିମା ଜେନା, କବିତା ଗିରି, ସ୍ୱେଚ୍ଛାସେବୀ ସଂଗଠନ 'ରାହା'ର ମୁଖ୍ୟ ଆରତୀ ପାତ୍ର ପ୍ରମୁଖ ଏନେଇ ଦୃଢ଼ ଦାବି କେନ୍ଦ୍ର ସରକାରଙ୍କ ନିକଟରେ ରଖିଛନ୍ତି। ସାହିତ୍ୟ ସାଧିକା ଡ. ମନୋରମାଙ୍କ ଜନ୍ମ ହେଉଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଜଗାଇ ଗ୍ରାମରେ।



# ପଞ୍ଚାୟତ ପୋଖରୀ; ବିଷ ପକାଇ ମାଛ ଧରିବାକୁ ନାପସନ୍ଦ

ଜଳେଶ୍ୱରବ୍ଲକ,୧।୬ (ସମିସ) : ଜଳେଶ୍ୱର ପଞ୍ଚାୟତ ସମିତି ରାଇବଣିଆ ଥାନା କାଳିକ ବ୍ରାହ୍ମଣ ପୋଖରୀ ଯାହାର ୧ଏକର ୩୧ ଡିସିମିଲ ପରିମିତ ପୋଖରୀ କାଳିକ ଗ୍ରାମ ପଞ୍ଚାୟତ ପକ୍ଷରୁ ୩ ବର୍ଷ ଅର୍ଥାତ୍ ୨୦୨୨ ରୁ ୨୦୨୫ ମସିହା ପର୍ଯ୍ୟନ୍ତ ପାଇଁ ୨୮ ହଜାର ଟଙ୍କାରେ ଲିଜ୍ ସୂତ୍ରରେ ବାବା ତପନେଶ୍ୱର୍ ସ୍ୱଂସହାୟକ ମହିଳା ଗ୍ରୁପ୍ ପ୍ରଦାନ କରାଯାଇ ଥିଲା। ସେମାନଙ୍କର ଶେଷ ଅବଧି ମେ ୩୦ ତାରିଖ ରହିଥିବାରୁ ପୋଖରୀରେ ବିଷ ପ୍ରୟୋଗ କରି ଶୁକ୍ରବାର ରାତିରେ ମାଛ ଧରିଥିଲେ ଓ ସେହି ବିଷାକ୍ତ ମାଛକୁ ପାଖା ଗ୍ରାମ ବାସୀ ମାନଙ୍କୁ ବିକ୍ରି କରିଦେଇଥିଲେ। ଆଜି ସକାଳୁ ଗ୍ରାମ ବାସୀ ମାନେ ପୋଖରୀକୁ ଗାଧୋଇବାକୁ ଆସି ଦେଖିଥିଲେ ପୋଖରୀ ଚାରିପଟେ ମଲା ମାଛ ଭାସୁଥିବାର ଓ ପୁରା ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଛି। ଯାହାକୁ ନେଇ ଗ୍ରାମର ସଭାପତି ଅମରେନ୍ଦ ପଟ୍ଟନାୟକ, ଚିତ୍ତରଞ୍ଜନ ବିଶ୍ୱାଳ, ଦେବ କୁମାର୍ ଦାସ, ଜୟନ୍ତ ସାନକି, ସୁମନ୍ତ ଦଣ୍ଡପାଟ, ସୁବାସ ଦଣ୍ଡପାଟ୍, ସଞ୍ଜୟ ମହାନ୍ତି ଦୀପକ ନାୟକ, ହୃଷିକେଶ ନନ୍ଦ ପ୍ରମୁଖ ପୋଖରୀ ବିଷ ଦେଇ ମାଛ ଧରିଥିବା ବ୍ୟକ୍ତିଙ୍କୁ ସରକାରୀ ଆଇନ୍ ଅନୁଯାୟୀ ଦଣ୍ଡ ବିଧାନ କରାଯାଉ ବୋଲି କହିଥିଲେ। ଏ ନେଇ ସରପଞ୍ଚଙ୍କ ପ୍ରତିନିଧି ସନୁ ଦାସକୁ ପଚାରିବାରୁ ସେ ମଧ୍ୟ ସ୍ୱୀକାର କରିଥିଲେ। ପିଇଓ କ୍ରୀଷ୍ଣା ଘଡେଇ କହିଛନ୍ତି ଏ ବିଷୟରେ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇ ଉକ୍ତ ପୋଖରୀର ସାଧାରଣ ଲୋକଙ୍କ ବ୍ୟବହାର ଉପଯୋଗୀ କରାଯିବା ସହିତ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏ ବାବଦରେ ବିଚାର କରାଯିବ।

# ନିଜ ବାଡ଼ି ମାଟିରେ ଅଙ୍ଗୁର ଫଳାଇଲେ ସୁଲୋଚନା




ତୁରୁମୁଙ୍ଗା, ୧।୬(ସମିସ)

ନିଜ ବାଡ଼ିରେ ଅଙ୍ଗୁର ଚାଷ କରି ଏବେ ଚର୍ଚ୍ଚାରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମିରିଗି ଖୋଜି ପଞ୍ଚାୟତ କଟାବେଡ଼ା ଗ୍ରାମର ମହିଳା ଚାଷୀ ସୁଲୋଚନା ମହାନ୍ତ। କେବଳ ଅଙ୍ଗୁର ନୁହେଁ; ନିଜସ୍ୱ ଜ୍ଞାନକୌଶଳ ସାଙ୍ଗକୁ କଠିନ ପରିଶ୍ରମ କରି ଛତୁ ଚାଷ ଏବଂ ବାଡ଼ିରେ ବାଇଗଣ ଚାଷ କରି ବେଶ୍ ଦୁଇ ପାଇସା ରୋଜଗାର କରିପାରୁଛନ୍ତି। ସେ ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। କାଶ୍ମୀର କିମ୍ବା ମହାରାଷ୍ଟ୍ରରେ ଅଙ୍ଗୁର କୋଳି ଚାଷ ହେଉଥିବା ବେଳେ ନିଜର ଇଚ୍ଛାଶକ୍ତି ଓ ପରିଶ୍ରମ ମାଧ୍ୟମରେ ବାଡ଼ିରେ ସୁଆଦିଆ ଅଙ୍ଗୁର ଫଳାଇ ପାରିଛନ୍ତି ସୁଲୋଚନା। ମହିଳା ଜଣକ ପ୍ରଥମେ ତାଙ୍କ ମାମୁ ଘରୁ ଅଙ୍ଗୁର ଗଛ ଆଣି ପାଣି ଖତ ଦେଇ ଅତି ଯତ୍ନର ସହ ବଢ଼ାଇଥିଲେ। ଏବେ ବାଡ଼ିରେ ହାତପାଆନ୍ତାରେ ଖୁବ ସୁନ୍ଦର ସୁଆଦିଆ ପେନ୍ଥା ପେନ୍ଥା ଅଙ୍ଗୁର ଫଳାଇଛନ୍ତି। ଗୋଟିଏ ଗଛରେ ଏବେ ପାଖାପାଖି ୫-୧୦ କେଜି ଅଙ୍ଗୁର ଫଳିଛି। ବିନା ଖର୍ଚ୍ଚରେ ମାତ୍ର ଗୋଟିଏ ଗଛରେ ଏତେ ଅଙ୍ଗୁର ଫଳିଥିବାରୁ ମହିଳାଙ୍କ ମନରେ ଅନେକ ଖୁସି। ଯେଉଁଥି ପାଇଁ ସେ ଅଙ୍ଗୁର କୋଳିଚାଷ କରିବାକୁ ମନ ବଳାଇଛନ୍ତି। ମହିଳାଙ୍କ ଏହି ଅଙ୍ଗୁର ଚାଷ ଦେଖିବାକୁ ସାହି ପଡିଶା ଲୋକଙ୍କ ଭିଡ଼ ଜମିବା ସହ କିପରି ଚାଷ କଲେ ସେ ବିଷୟରେ ପଚାରି ବୁଝୁଛନ୍ତି। ପ୍ରଥମେ ବର୍ଷରେ ଏତେ ମାତ୍ରାରେ ସୁଆଦିଆ ମିଠା ଅଙ୍ଗୁର ଫଳାଇ ଅନ୍ୟ ମହିଳାଙ୍କ ପ୍ରେରଣା ସାଜିଥିବା ସୁଲୋଚନାଙ୍କୁ ସରକାରୀ ସ୍ତରରେ ସହାୟତା ସାଙ୍ଗକୁ ତାଲିମ ପ୍ରଦାନ କରାଗଲେ, ଅଙ୍ଗୁର ଚାଷ ଏହି ଅଞ୍ଚଳରେ ସଫଳତାର ସହ କରାଯାଇ ପାରନ୍ତା ବୋଲି ମତ ପ୍ରକାଶ ପାଇଛି।

## ବନ୍ଦ ଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୧।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଶବରଣବେଡ଼ା ଗ୍ରାମରେ ରବିବାର ଅପରାହ୍ନରେ ବନ୍ଦ ଘର ଭିତରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ହେଲେ ନିରଞ୍ଜନ ମହାନ୍ତଙ୍କ ସ୍ତ୍ରୀ ସବିତା (୩୦)। ଘରେ କେହି ନଥିବା ସମୟରେ ଦେହରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସନ୍ଧ୍ୟାରେ ସାନ ଝିଅ ମା'ଙ୍କୁ ଡାକିଥିଲେ। ମା' ନ ଶୁଣିବାରୁ ଘର ଲୋକଙ୍କୁ ଜଣାଇଥିଲେ। ପରେ ଘର ଭିତରେ ଝୁଲନ୍ତା ଅବସ୍ଥାରେ ଦେଖି ପୁଲିସକୁ ଖବର ଦେଇଥିଲେ। ପାଟଣା ଥାନାଧିକାରୀ ମାନସ ମହାକୁଡ଼, ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ବ ଓରାମ ତଦନ୍ତ ଆରମ୍ଭ କରିଥିବା ବେଳେ ମହିଳା ଜଣକ ମାନସିକ ରୋଗୀ ଥିବା ଜଣାପଡ଼ିଛି।

## ନିଖୋଜ ନାବାଳକ କର୍ଣ୍ଣାଟକରୁ ଉଦ୍ଧାର



ମୋରଡ଼ା,୧।୬(ସମିସ): ଦୀର୍ଘଦିନରୁ ନିଖୋଜ ଥିବା ଏକ ମୂକବଧିର ନାବାଳକଙ୍କୁ କର୍ଣ୍ଣାଟକରୁ ଶନିବାର ଉଦ୍ଧାର କରିଛି ରାସଗୋବିନ୍ଦପୁର ପୁଲିସ। ସୂଚନାଯୋଗ୍ୟ ଯେ ରାଘବପୁର ଗ୍ରାମର ଆରତୀ ମାର୍ଣ୍ଡିଙ୍କ ମଝିଆ ପୁଅ ବାପି ମାର୍ଣ୍ଡି(୧୪) ମୂକ ବଧିର ହୋଇଥିବା ବେଳେ କୌଣସି କଥାକୁ ନେଇ ଗତ ଏପ୍ରିଲ ୧୪ ତାରିଖରୁ ଘର ଛାଡ଼ି ଚାଲି ଯାଇଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ ଘର ଲୋକ ବାପିକୁ ନପାଇବାରୁ ମେ ୨୪ ତାରିଖ ଦିନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ପରେ ବାପି କର୍ଣ୍ଣାଟକର ନିପ୍ପନ ରୁରାଲ ଥାନାରେ ଥିବାର ପତ୍ତା ମିଳିଥିଲା। ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସ୍ୱତନ୍ତ୍ର ଟିମ ନିପ୍ପନ ଥାନାକୁ ପଠାଇ ଶନିବାର ଥାନାକୁ ଆଣିଥିବାର ଜଣାପଡ଼ିଛି।

## କାର୍ ଧକ୍କାରେ ସ୍କୁଟି ଆରୋହୀ ଗୁରୁତର



ତୁରୁମୁଙ୍ଗା, ୧।୬(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଅଙ୍ଗିକଳା ନିକଟରେ ରବିବାର ଅପରାହ୍ନରେ ଏକ କାର ପଛରୁ ଧକ୍କା ଦେବା ଫଳରେ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କୁ ଏମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେ ହେଉଛନ୍ତି ତୁରୁମୁଙ୍ଗା ଥାନା ଗୋଡିପୋଖରୀ ଗ୍ରାମର ପିତାମ୍ବର ମହାନ୍ତ। ସ୍କୁଟି ଯୋଗେ ତୁରୁମୁଙ୍ଗା ପଟୁ କେନ୍ଦୁଝର ଆଡ଼କୁ ଯାଉଥିବା ସମୟରେ କାର୍ ଧକ୍କା ଦେବାରୁ ରାଜପଥ ଉପରେ ଖସି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଆଘାତ ହୋଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ଟ୍ରାକ୍ଟର ଓଲଟି ଚାଳକ ଗୁରୁତର

ବେଲବାହାଳି,୧।୬ (ସମିସ): ଘସିପୁରା ଥାନା ବେଲବାହାଳି ପଞ୍ଚାୟତ ଅନ୍ତର୍ଗତ ତିରସାହି ରାସ୍ତାରେ ରବିବାର ଅପରାହ୍ନ ସମୟରେ ଟ୍ରାକ୍ଟର ଓଲଟି ଡ୍ରାଇଭର ଗୁରୁତର ହୋଇଛନ୍ତି। ସାଙ୍କିଳ ଫାଣ୍ଡି ଆଗର୍ବାର ସନାତନ ଜେନା (୩୦) ତିରସାହି ଗ୍ରାମକୁ ଯିବା ସମୟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଖସିପଡ଼ିଥିଲା। ଗାଡ଼ି ତଳେ ଚାପି ହୋଇ ଶ୍ରୀ ଜେନା ଗୁରୁତର ଅବସ୍ଥାରେ ଥିଲା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ସୂଚନା ମିଳିଛି।

## ମରାମତି ବେଳେ କରେଣ୍ଟ ଲାଗି ଜଣେ ମୃତ

ରାମଚନ୍ଦ୍ରପୁର,୧।୬(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ବାଙ୍ଗମାଝୀଆଳି ପାଇରେ ଶନିବାର ରାତିରେ ବିଦ୍ୟୁତ କରେଣ୍ଟ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ରବିବାର ସକାଳୁ ରାମଚନ୍ଦ୍ରପୁର ପୁଲିସ ପହଞ୍ଚି ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲାରେ ଶବ ବ୍ୟବଚ୍ଛେଦ କରାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ମୃତକ ହେଉଛନ୍ତି ସେହି ଗାଁର ଗୋପାଳ ମାଝୀ (୫୮)। ଅସାବଧାନତା ବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଗୋପାଳ ନାମରେ ଚୋରି ଡକାୟତି, ହତ୍ୟା ଭଳି ସଙ୍ଗିନ ମାମଲା ରହିଥିବା ଜଣାପଡ଼ିଛି।

## ଅସହାୟଙ୍କ ପାଇଁ ବ୍ଲକସ୍ତରୀୟ ଥଇଥାନ କେନ୍ଦ୍ର ଦାବି

ସୋସୋ, ୧।୬(ସମିସ): କିଛି ଲୋକ ମାନସିକ ଚାପରେ ହେଉ କି ପରିସ୍ଥିତିକୁ ନେଇ ମାନସିକ ବିକୃତ ହୋଇ ଗାଁ ଗଣ୍ଡାରେ ଅପରିଷ୍କାର ଅବସ୍ଥାରେ ଜୀବନ ବିତାଉଛନ୍ତି। କିଛି ଲଙ୍ଗଳା ହୋଇ ବୁଲୁଛନ୍ତି। କିଛି ବ୍ୟକ୍ତି ବୁଲି ବୁଲି ଯେଉଁଠି ଥକି ଯାଉଛନ୍ତି ସେହି ରାସ୍ତାକଡ଼ ହେଉ କିମ୍ବା ଭଙ୍ଗା ଘର ଓ ବହୁ ଅପରିଷ୍କାର ସ୍ଥାନରେ ଶୋଇ ପଡୁଛନ୍ତି। ବହୁ ମାନସିକ ବିକୃତ ଲୋକ ଖାଦ୍ୟ ପାଇଁ ଆଉଟପାଉଟ ହେଉଥିବାବେଳେ କିଛି ସ୍ଥାନରେ ଫୋପାଡ଼ି ଦିଆଯାଉଥିବା ଖାଦ୍ୟକୁ ମଧ୍ୟ ଖାଉଥିବାର ନଜିର ରହିଛି। ଗ୍ରାମାଞ୍ଚଳରେ ଏହାର ନିରାକରଣ ପାଇଁ ବ୍ଲକସ୍ତରୀୟ ଥଇଥାନ କେନ୍ଦ୍ର ସ୍ଥାପନ କରାଯିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଦାବି ହେଉଛି। ଏଭଳି ଏକ କେନ୍ଦ୍ର ଦ୍ୱାରା ମାଗଣା ଚିକିତ୍ସା ଓ ଖାଦ୍ୟ ଯୋଗାଇ ସେମାନଙ୍କ ପରିଷ୍କାର ପରିଚ୍ଛନ୍ନ କରାଯାଇପାରନ୍ତା। କିଛିଲୋକ ସେଥିମଧ୍ୟରୁ ସୁସ୍ଥ ହୋଇ ନିଜ ପରିବାରକୁ ଫେରି ପାରନ୍ତେ। କେନ୍ଦୁଝର ଜିଲ୍ଲାର ଡିଏମଏଫରୁ ହାଟଡିହି ବ୍ଲକ କିମ୍ବା ଉପଖଣ୍ଡ ସ୍ତରରେ ମାନସିକ ବିକୃତଙ୍କ ପାଇଁ ଏକ ଥଇଥାନ କେନ୍ଦ୍ର ବ୍ୟବସ୍ଥା କରି ସେବା ଯୋଗାଇ ଦେଲେ ସୁସ୍ଥ ସମାଜ ଗଠନର ଉଦ୍ଦେଶ୍ୟ ସାଧିତ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ମାନସିକ ବିକୃତ ଲୋକମାନଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରି ସେମାନଙ୍କ ମଧ୍ୟରେ କିଛିଲୋକ ସୁସ୍ଥ ହୋଇ ନିଜ ଘରକୁ ଫେରିପାରିଲେ ଏହା ଏକ ମାନବ ସମାଜ ଜାତି ପାଇଁ ସୁସ୍ଥ ବାତାବରଣ ସୃଷ୍ଟି କରିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସପକ୍ଷରେ ସୋସୋସ୍ଥିତ ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ପରିଷଦ ମଞ୍ଚ ପକ୍ଷରୁ ଦାବି କରିଛି।

## ମେହେନ୍ଦି କର୍ମଶାଳା ଉଦ୍‌ଯାପିତ




ବାରିପଦା,୧।୬(ସମିସ): ସ୍ଥାନୀୟ ଆର୍‌ଏନ୍ ଡ୍ୟାନ୍ସ ଷ୍ଟୁଡିଓରେ ମାସେ ବ୍ୟାପୀ ଚାଲିଥିବା ମେହେନ୍ଦି କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ମେହେନ୍ଦି କଳାକୃତିରେ ମୌଳିକ ଠାରୁ ଉନ୍ନତସ୍ତର ପର୍ଯ୍ୟନ୍ତ ବ୍ୟାପକ ତାଲିମ ପ୍ରଦାନ କରୁଥିବା ଏହି କର୍ମଶାଳା ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣକୁ ଆକର୍ଷିତ କରି ଏକ ଚମତ୍କାର ସଫଳତା ପାଇଥିଲା। ଭୁବନେଶ୍ୱରର ଦି ଆର୍ଟ ଅଫ୍ ହେନାର ମେହେନ୍ଦି କଳାକାର ବୈଷ୍ଣୋଦେବୀ ସିଂହଙ୍କ ନେତୃତ୍ୱରେ ସୃଜନଶୀଳ ଏବଂ ଉଦ୍ୟୋଗୀ ପଥ ଗ୍ରହଣ କରିବାକୁ ତାଲିମାର୍ଥୀ ଗଣ ଅନୁପ୍ରାଣିତ ହୋଇଥିଲେ। କର୍ମଶାଳାରେ ଅଂଶଗ୍ରହଣ କାରୀମାନଙ୍କୁ ମେହେନ୍ଦି ପ୍ରୟୋଗର ବିଭିନ୍ନ ଶୈଳୀ ଏବଂ କୌଶଳ ବିଷୟରେ ତାଲିମ ଦିଆଯାଇଥିଲା, ଯାହାଦ୍ୱାରା ସେମାନେ ତାତ୍ତ୍ୱିକ ଜ୍ଞାନ ଏବଂ ବ୍ୟବହାରିକ ଦକ୍ଷତା ଉଭୟ ହାସଲ କରିଥିଲେ। କାର୍ଯ୍ୟକ୍ରମ କେବଳ ସୃଜନଶୀଳ ପ୍ରତିଭାକୁ ପୋଷଣ କରିବା ନୁହେଁ ବରଂ ସ୍ୱାବଲମ୍ବନ ଏବଂ ଉଦ୍ୟୋଗୀତାକୁ ଉତ୍ସାହିତ କରିବା ପାଇଁ ଯୁବତୀମାନଙ୍କ ମଧ୍ୟରେ ଲକ୍ଷ୍ୟ ରଖାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଘନ ଘନ ଚୋରି; ପୁଲିସକୁ ମିଳୁନି ସଫଳତା

**ନିଶଙ୍କପୁର ଗ୍ରାମରୁ ପୁଣି ଟଙ୍କା ସହ ଅଳଙ୍କାର ଚୋରି**

ସୋସୋ/ହାଟଡ଼ିହୀ, ୧।୬(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ପୁଲିସକୁ ଚ୍ୟାଲେଞ୍ଜ କରିଛନ୍ତି ଦୁର୍ବୃତ୍ତ। ଘର କବାଟ ଝରକା ଭାଙ୍ଗି ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରି ନେଇଛନ୍ତି। ୧୦ ଦିନ ମଧ୍ୟରେ ତିନିଟି ସ୍ଥାନରୁ ଚୋରି ପୁଲିସ ପ୍ରଶାସନର ଦକ୍ଷତାକୁ ପଦାରେ ପକାଇଛି। ଶନିବାର ରାତିରେ ମରୈଗାଁ ପଞ୍ଚାୟତର ନିଶଙ୍କପୁର ଗ୍ରାମର ବାସୁଦେବ ଖୁଣ୍ଟିଆଙ୍କ ଘରୁ ଦୁର୍ବୃତ୍ତମାନେ ଝରକା ଗ୍ରିଲ୍ ଭାଙ୍ଗି ଗଡ୍ରେଜ୍ ଭାଙ୍ଗିବା ପରେ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ସୁନାହାର, କାନଫୁଲ, ଲକେଟ୍, ବାହୁଟି ଆଦି ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି; ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଏହାସହ ନଗଦ ୬ ହଜାର ଟଙ୍କା ଚୋରି ହୋଇଥିବା ଶ୍ରୀ ଖୁଣ୍ଟିଆ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏଯାଏ କୌଣସି ସୁରାକ ପାଇପାରିନାହିଁ। ସେହିଭଳି ଗତ ୨୯ ତାରିଖ ରାତିରେ ବଞ୍ଚୋ ଗ୍ରାମର ମାର୍କଣ୍ଡ ଓଝାଙ୍କ ଘରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିଲା ବେଳେ କିଛିଦିନ ପୂର୍ବରୁ ହାଟଡିହି ପଞ୍ଚାୟତର ନାହାଳିଆ ଗ୍ରାମର ବିଶ୍ୱନାଥ ନାୟକଙ୍କ ଘରୁ ଚୋରି ଘଟଣା ଉପରୁ ପୁଲିସ ପରଦା ହଟାଇ ପାରିନାହିଁ।

**● ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ**

## ରାସ୍ତା, ଡ୍ରେନ୍ ନିର୍ମାଣ ଏବଂ ମରାମତି ପାଇଁ ଦାବି

ଯୋଡ଼ା, ୧।୬(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ୧୪ ୱାର୍ଡ ବିଶିଷ୍ଟ ପୌର ପରିଷଦ। ଏହି ପରିଷଦ ଅଧୀନ ବିଭିନ୍ନ ୱାର୍ଡଗୁଡ଼ିକରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍‌ର ବ୍ୟବସ୍ଥା ନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ଦୁଇ ତିନିଦିନ ପର୍ଯ୍ୟନ୍ତ ପାଣି ଜମା ହୋଇରହୁଛି। ଯଦ୍ୱାରା ଦୁଇଚକିଆ ଯାନ କିମ୍ବା ପାଦଚଲା ଲୋକଙ୍କ ପାଇଁ ଅସୁବିଧାର କାରଣ ପାଲଟିଛି। ଯୋଡ଼ା ସହରର ବିଭିନ୍ନ ୱାର୍ଡରେ ପେଭରବ୍ଲକ ପକାଇ ରାସ୍ତା ନିର୍ମାଣ ହୋଇଥିଲେ ହେଁ ଡ୍ରେନ ସୁବିଧା ନଥିବାରୁ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶିଯାଉଛି। ଯୋଡ଼ା ସହରର ବିଭିନ୍ନ ୱାର୍ଡ ଓ ବସଷ୍ଟାଣ୍ଡ ନିକଟରେ ନିର୍ମିତ ହୋଇ ବ୍ୟବହାର ହେଉଥିବା ନାଳୀଗୁଡ଼ିକ ନିର୍ମାଣ ହେଲା ଦିନରୁ ସଫା ହୋଇନଥିବା ନେଇ ନିକଟରେ ଥିବା ଦୋକାନୀମାନେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ନାଳି ଭିତରେ ପାଣି ଜମିରହି ଦୁର୍ଗନ୍ଧ ହେଉଛି। ତେଣୁ ଆଗକୁ ମୌସୁମୀଜନିତ ବର୍ଷା ହେଲେ ଦୋକାନ ଭିତରେ ପାଣି ପଶିବାର ସମ୍ଭାବନା ରହିଛି। ପୌରପାଳିକାର ବିଭିନ୍ନ ୱାର୍ଡରେ ନିର୍ମାଣ ହୋଇଥିବା କିଛି ଡ୍ରେନ କୌଣସି କାରଣ ବଶତଃ ଭାଙ୍ଗିଯିବାରୁ ସେଗୁଡ଼ିକରେ ମଧ୍ୟ ଜଳ ନିଷ୍କାସନ ଠିକ ଭାବେ ହୋଇ ପାରୁନାହିଁ। କିଛି ୱାର୍ଡରେ ଅନେକ ଦିନର ସିମେଣ୍ଟ ରାସ୍ତାସାଙ୍ଗକୁ ଭଙ୍ଗା ନାଳୀ ରହିଥିବା ନେଇ ରାସ୍ତା ନିର୍ମାଣ ଓ ଡ୍ରେନର ପୁନରୁଦ୍ଧାର ପାଇଁ ୱାର୍ଡବାସୀ ଦାବି କରିଛନ୍ତି। ନିକଟରେ ଯୋଡ଼ା ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣିରେ ବିଭିନ୍ନ ୱାର୍ଡର କାଉନସିଲର ଓ କିଛି ମହିଳା ରାସ୍ତା, ଡ୍ରେନ ନିମନ୍ତେ ଅଭିଯୋଗ କରିଥିଲେ। ତେବେ ଆଗକୁ ବର୍ଷାଦିନ ଥିବାରୁ ଯୋଡ଼ା ସହରର ସମସ୍ତ ରାସ୍ତା, ଡ୍ରେନ ମରାମତି ସହ ଆବଶ୍ୟକ ସ୍ଥଳେ ନୂତନ ଡ୍ରେନ ନିର୍ମାଣ ପାଇଁ ଜନସାଧାରଣ ଦାବି କରିଛନ୍ତି।

## ଯୌନ ନିର୍ଯାତନା ଅଭିଯୋଗରେ ଦୁଇ ନାବାଳକ ଗିରଫ

ଆନନ୍ଦପୁର/ରାମଚନ୍ଦ୍ରପୁର,୧।୬(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଗଁପୁର ପଞ୍ଚାୟତ ଅନ୍ତର୍ଗତ କୋଳିପାଳ ଗ୍ରାମରେ ଦୁଇ ଦିନ ତଳେ ନାବାଳକଙ୍କ ମଧ୍ୟରେ କ୍ରିକେଟ ଖେଳରେ ଅଭାବନୀୟ ଘଟଣା ଘଟିଛି। କ୍ରିକେଟ ମ୍ୟାଚ୍‌ରେ ହାରିବା ପରେ ଦୁଇ ୧୫ ବର୍ଷର ନାବାଳକ ଅନ୍ୟ ଜଣେ ୧୧ ବର୍ଷର ନାବାଳକକୁ ଯୌନ ନିର୍ଯାତନା ଦେଇଥିଲେ। ପରେ ନାବାଳକ ପରିବାର ପକ୍ଷରୁ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ଦୁଇ ନାବାଳକଙ୍କୁ ଗିରଫ କରି କେନ୍ଦୁଝର ଜୁଭେନାଇଲ କୋର୍ଟରେ ହାଜର ପରେ ରାଉରକେଲା ବାଳ ଅପରାଧୀ କାରାଗାରକୁ ପଠାଇ ଦେଇଥିବା ଜଣାପଡିଛି।

## ଯୁବକଙ୍କ ଆତ୍ମହତ୍ୟା

ସୋସୋ, ୧।୬(ସମିସ): ହାଟଡିହି ବ୍ଲକ ବଞ୍ଚୋ ପଞ୍ଚାୟତ ଶିବନାରାୟଣପୁର ଗ୍ରାମର ହୃଷି ପରିଡାଙ୍କ ପୁଅ ବାପି (୩୨) ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ବାପି ୨୨ ଦିନ ତଳେ ବିବାହ କରିଥିଲେ। ଶନିବାର ସନ୍ଧ୍ୟାରେ ଘରକୁ ନଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ପତ୍ତା ପାଇ ନଥିବାବେଳେ ରବିବାର ସକାଳୁ ଘର ପାଖରେ ଥିବା ଏକ ଆମ୍ବଗଛରେ ଝୁଲୁଥିବା ଦେଖାଯାଇଥିଲା। ଘଟଣାଟି ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

## ବିଦ୍ୟୁତ୍ ଆଘାତରେ ୨ ଗୁରୁତର

ବୈଶିଙ୍ଗା,୧।୬(ସମିସ): ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ପଥରାସାହି ଗ୍ରାମରେ ବିଦ୍ୟୁତ ଆଘାତରେ ୨ ଜଣ ଗୁରୁତର ହୋଇଛନ୍ତି। ବିଦ୍ୟୁତ୍ ଖୁଣ୍ଟରେ ବନ୍ଧାଯାଇ ଘରକୁ ସଂଯୋଗ ହୋଇଥିବା ଟିଭି କେବୁଲ ତାର ସଂସ୍ପର୍ଶରେ ଜଣେ ମହିଳା ଶ୍ରମିକ ଆସିବାରୁ ତାଙ୍କୁ ଉଦ୍ଧାର କରିବାକୁ ଅନ୍ୟ ଜଣେ ଯୁବକ ମଧ୍ୟ ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ଶ୍ରମିକ ହେଲେ ଉକ୍ତ ଗ୍ରାମର ଯମୁନା ମୁର୍ମୁ ଓ ଯୁବକ ହେଲେ ପ୍ରଦୀପ ମଣ୍ଡଳ। ଗ୍ରାମବାସୀ ୨ଜଣଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

## ଦୁଇଟି ସ୍ଥାନରୁ ଚୋରି

କୁଆମରା,୧।୬(ସମିସ): ଖୁଣ୍ଟା ଥାନା ତଥା ଡୁକୁରା ଫାଣ୍ଡି ଅଞ୍ଚଳରେ ଗତରାତିରେ ଦୁଇଟି ସ୍ଥାନରୁ ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଡୁକୁରା ସରକାରୀ ମଦ ଦୋକାନର ସମ୍ମୁଖ କବାଟର ତାଲାକାଟି ବାକ୍ସରୁ ନଗଦ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଦୁର୍ବୃତ୍ତ ମାନେ ଲୁଟ କରି ନେଇଥିବାର କାଉଣ୍ଟର ମ୍ୟାନେଜର ଚିତ୍ତରଞ୍ଜନ ସିଂ ଅଭିଯୋଗ କରିଛନ୍ତି। ସେହିପରି ଖୁଣ୍ଟା ବ୍ଲକ ସ୍ଥିତ ଦେଉଳା ଡିହି ପ୍ରାଥମିକ ବିଦ୍ୟାଳୟର ତାଲା କାଟି ଅଫିସ ଗଡରେଜରୁ ଟ୍ୟାବଲେଟ ଫୋନ୍ ଚୋରି କରି ନେଇଛନ୍ତି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପାତ୍ର ଅଭିଯୋଗ କରିଛନ୍ତି। ଉଭୟଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସୁରକ୍ଷାକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦୁଝର,୧।୬(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଓଡିଶା ସ୍ପଞ୍ଜ କାରଖାନାରେ ବିଆରଏସ୍ ସଂସ୍ଥାରେ କାର୍ଯ୍ୟରତ ଜଣେ ସୁରକ୍ଷାକର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଝୁମ୍ପୁରା ବ୍ଲକ ଅନ୍ତର୍ଗତ କଳିଙ୍ଗା ଗ୍ରାମର ହେମନ୍ତ ମହାନ୍ତ(୪୫)। ଗତକାଲି ରାତିରେ ସେ କାରଖାନା ପରିସରରେ ଡିଉଟି ସାରି ଫେରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ ପ୍ରଥମେ ଝୁମ୍ପୁରା ମେଡିକାଲ ନିଆଯାଇଥିଲା। ପରେ ଡାକ୍ତର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଅବସ୍ଥା ସଂଙ୍କଟାପନ୍ନ ହେବାରୁ ଡାକ୍ତର ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତର କରିଥିଲେ। ଯିବାବାଟରେ ଆନନ୍ଦପୁର ନିକଟରେ ହେମନ୍ତଙ୍କ ମୃତ୍ୟୁ ଘଟିଛି। ଆଜି କାରଖାନା ଫାଟକ ସମ୍ମୁଖରେ ପରିବାର ଲୋକେ ଶବ ରଖି କ୍ଷତିପୂରଣ ଦାବିରେ ଧାରଣ ଦେଇଥିଲେ। ଏ ସମ୍ପର୍କରେ ପଳାସପଙ୍ଗା ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ ତଦନ୍ତ ଚାଲିଥିବା କହିଛନ୍ତି।

## ଶିକ୍ଷକ ମାନସ ରଞ୍ଜନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କପ୍ତିପଦା,୧।୬(ସମିସ): କପ୍ତିପଦା ବ୍ଲକ ଅଧୀନ ପେଡାଗଡି ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଠପୁରାର ସହକାରୀ ଶିକ୍ଷକ ମାନସ ରଞ୍ଜନ ବେହେରା ମେ' ୩୧ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ପ୍ରଧାନଶିକ୍ଷକ ରାଜେନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ ଉତ୍ସବରେ ସମ୍ମାନିତ ଅତିଥିଭାବେ ପରିଚାଳନା କମିଟିର ଚେୟାରମ୍ୟାନ ସନ୍ତୋଷ ନାଏକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ପୂର୍ବତନ ଚେୟାରମ୍ୟାନ ଦ୍ୱୟ ରତ୍ନାକର ନାଏକ ଓ କାଶୀରାୟ ମୁର୍ମୁ ପ୍ରମୁଖ ଯୋଗଦେଇ ବିଦାୟ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହିଉତ୍ସବରେ ଗ୍ରାମବାସୀ, ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ବିକ୍ରମ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ଶତପଥି ବିଦାୟ ଶିକ୍ଷକ ମାନସ ରଞ୍ଜନଙ୍କ ଚଲାପଥ କୁସୁମିତ ହେଉ, ଦୀର୍ଘାୟୁ ତଥା ସୁସ୍ଥ ନିରୋଗ ରୁହନ୍ତୁ କାମନା କରିବା ସହିତ, ଉପସ୍ଥିତ ଅତିଥି ତଥା ଗ୍ରାମବାସୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଯୁବକସଂଘ ପକ୍ଷରୁ ରକ୍ତଦାନ ଶିବିର




**୩୧ୟୁନିଟ୍ ରକ୍ତ ସଂଗୃହିତ**

ବୈଶିଙ୍ଗା,୧।୬(ସମିସ): ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁରରେ ସିଦ୍ଧିବିନାୟକ ଯୁବକସଂଘ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରିଣୀ ମିନତୀ ବିଶ୍ୱାଳ ଯୋଗଦେଇଥିଲେ। ଆୟୋଜକ ଯୁବକସଂଘ ସଭାପତି ଶମ୍ଭୁନାଥ ସିଂଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଏସଡିପିଓ ମିନତୀ ବିଶ୍ୱାଳଙ୍କ ସମେତ ଗଡ଼ଦେଉଳିଆ ସରପଞ୍ଚ ବବିତା ସିଂ, ଇନ୍ଦ୍ରମଣି ମହାପାତ୍ର ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସୀନ ଥିଲେ। ଏହି ଅବସରରେ ୩୧ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଅତିଥି ଅଧିକାରୀଗଣ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ପରିଚାଳନାରେ ଆୟୋଜକ ଯୁବକସଂଘର ଉପସଭାପତି ସମରେନ୍ଦ୍ର ହେମ୍ବ୍ରମ, ସମ୍ପାଦକ ସୁନ୍ଦର ସିଂ, କୋଷାଧ୍ୟକ୍ଷ ଦେବରଞ୍ଜନ ସିଂଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ। ବାଲେଶ୍ୱର ରକ୍ତଭଣ୍ଡାରରୁ ଡ. ମନୋଜ କୁମାର ବାରିକ, ମୋନାନୀ ମଲ୍ଲିକ, ମନୋଜ କୁମାର ଗନ୍ତାୟତ, ଅଜୟ ମହାପାତ୍ର, ବିଦ୍ୟାଧର ସାହୁ ପ୍ରମୁଖ ଯୋଗଦେଇ ୩୧ୟୁନିଟ ରକ୍ତ ସଂଗୃହିତ କରିଥିଲେ।


# ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା

ବୈଶିଙ୍ଗା,୧।୬(ସମିସ)



ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ଭଗବାନପୁର ବୈଠକ ବଙ୍ଗଳାରେ ଆୟୋଜିତ ହୋଇଯାଇଛି। ଯୁବ ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ସଦସ୍ୟ ଚନ୍ଦନ ବାସ୍କେଙ୍କ ଦ୍ୱାରା ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଇଶ୍ରୀ ମହାପାତ୍ର, ସ୍ୱସ୍ତିକା ପଟ୍ଟନାୟକ, ଇପ୍ସା ମହାନ୍ତି ଓ ଉତ୍କଳ ସଙ୍ଗୀତ ପଙ୍କଜାକ୍ଷି ସାହୁ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ସଭାରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଅନେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁବ ସମାଜସେବୀ ଓ ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା, ବରେଣ୍ୟ ଅତିଥି ଭାବେ ପୂର୍ବତନ ଅର୍ଥ ପରାମର୍ଶ ଦାତା ଛୋଟରାୟ ମୁର୍ମୁ, ସ୍ୱତନ୍ତ୍ର ବକ୍ତା ଭାବେ ନୀଳମଣି ମହାବିଦ୍ୟାଳୟ ଅଧକ୍ଷ ଡ. ତପନ କୁମାର ବେହେରା, ବରିଷ୍ଠ ସମାଜସେବୀ ଭଗବାନପୁର ଗ୍ରାମ ପ୍ରତିଷ୍ଠାତା ଭଗବାନ ମହାପାତ୍ର, ସଂଚାଳକ ବୈଦିକ ଗୁରୁକୁଳ ଆଶ୍ରମ ଆଚାର୍ଯ୍ୟ ବିଜୟ ଜୀ, ପ୍ରଧାନଶିକ୍ଷୟିତ୍ରୀ କନ୍ୟାଶ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ, ରାସଗୋବିନ୍ଦପୁର, କାପୁରାମଣି ମାରାଣ୍ଡି, ବରିଷ୍ଠ ପୂର୍ବତନ ବ୍ୟାଙ୍କ୍ ଅଧିକାରୀ ଯୋଗେଶ୍ୱର ମହାପାତ୍ର, ପୂର୍ବତନ ସେନା ଅଧିକାରୀ ଭୀମଚରଣ ମାଝୀ, ମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା ଓ ଯୁବ ସମାଜସେବୀ ପ୍ରଦୀପ ମହାନ୍ତି ଯୋଗଦେଇଥିଲେ। ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭାରେ ଓଡ଼ିଶାର ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ରଖିଥିବା ଛାତ୍ରଛାତ୍ରୀ ଚନ୍ଦନ କୁମାର ମହାନ୍ତ, ଲିପ୍ସିତା ସାହୁ ଓ ଧିରଜ ସ୍ୱାଇଁ ପୁରସ୍କୃତ ହୋଇଥିଲେ। ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲାର +୨ ଓ ମାଟ୍ରିକ ପରୀକ୍ଷାରେ ଏବଂ ସମସ୍ତ ବ୍ଲକର, ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବାସହ ଅନେକ ଯୁବ ସମାଜସେବୀ ଗଣେଶ ଜେନା, ରଶ୍ମିରେଖା ସୁଭାଷିନୀ, ଜାତୀୟ ସେବା ଯୋଜନା ଛାତ୍ର ଆଦର୍ଶ କୁମାର ରାଉତ, ସଙ୍ଗୀତରେ ଶିକ୍ଷକ ଗଗନ ବିହାରୀ ସ୍ୱାଇଁ, ସାମ୍ବାଦିକତା ପାଇଁ ଗତିକୃଷ୍ଣ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିକାଶ ପରିଷଦ ସଦସ୍ୟ ସୁଦର୍ଶନ ମହାପାତ୍ର, ମନୋରଞ୍ଜନ ଉପାଧ୍ୟାୟ, ଉତ୍ତମ ପଣ୍ଡା, ଶରଣେଶ୍ୱର ବେହେରା, ତୋଫାନ ସିଂ, ଗୁରା ସିଂ, କାଳିଚରଣ ସୋରେନ, ଯୋଗେଶ୍ୱର ବେହେରା, ସୁରେନ୍ଦ୍ର ଦାସ, କମଳାକାନ୍ତ ସାହୁ, ବିଶ୍ୱନାଥ ପ୍ରଧାନ ସାହାଯ୍ୟ କରିଥିଲେ। ଆମ୍ବଗଡ଼ିଆ ବିକାଶ ପରିଷଦର ସମ୍ପାଦକ କୁଳ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଜଳକଷ୍ଟ ଭୋଗୁଛନ୍ତି ରେଙ୍ଗାଳବେଡ଼ା ହୁଡ଼ି ସାହିବାସୀ



ତୁରୁମୁଙ୍ଗା, ୧।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ କପୁଣ୍ଡି ପଞ୍ଚାୟତ ଚୁଟିଆପଶି ରେଙ୍ଗାଳବେଡ଼ା ହୁଡ଼ି ସାହିର ୨୦ରୁ ଅଧିକ ପରିବାର ପିଇବା ପାଣି ମୁନ୍ଦାଏ ପାଇଁ ନାହିଁ ନଥିବା ହଇରାଣ ହେଉଛନ୍ତି। ସାହିରେ ରହିଛି ୩ଟି ନଳକୂପ। ସେଥିମଧ୍ୟରୁ ଗୋଟିଏ ନଳକୂପ ଅଚଳ। ୨ଟି ନଳକୂପରୁ ଦୂଷିତ ନାଳିଆ ପାଣି ସାଙ୍ଗକୁ ପୋକ ବାହାରୁଥିବା ନେଇ ଗ୍ରାମର ସୁଶୀଳ ମହାନ୍ତ, ଗୀତାମଣି ମହାନ୍ତ, ସବିତା ମହାନ୍ତ ଅଭିଯୋଗ କରିଛନ୍ତି। ତେଣ୍ଡରା ହାଟ ପଡ଼ିଆରେ ଥିବା ଓଭରହେଡ ପାଣି ଟାଙ୍କି ନିର୍ମାଣ ସରିଥିଲେ ହେଁ କର୍ତ୍ତୃପକ୍ଷଙ୍କ ଖାମ୍‌ଖିଆଲି ନୀତି ଯୋଗୁଁ ୮ ଦିନରେ ଥରେ ୧୫ ଦିନରେ ଥରେ କିମ୍ବା ମାସରେ ଥରେ ପାଣି ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ପାନୀୟଜଳ ଯୋଗାଣ ବିଭାଗ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବାଧ୍ୟ ହୋଇ ୨କିମି ଦୂରରେ ଥିବା ତଳ ସାହି ସୋଲାର ସିଷ୍ଟମ ନଳକୂପରୁ ଲୋକେ ପାଣି ଆଣିବାକୁ ଯାଇ ନାନା ହଇରାଣ ହରକତ ହେଉଛନ୍ତି। ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚିକିତ୍ସା ଅବହେଳା: ମା' ସହ ଗର୍ଭସ୍ଥ ଶିଶୁର ମୃତ୍ୟୁକୁ ନେଇ ତୁମୁଳକାଣ୍ଡ

**ନୟାଗଡ଼,୧।୬(ସମିସ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗର୍ଭସ୍ଥ ଶିଶୁ ସହ ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ ଘଟିଛି। ମହିଳାଙ୍କ ପରିବାରଲୋକ ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ହାତାହାତି ପର୍ଯ୍ୟନ୍ତ କଥା ଯାଇଛି। ଡାକ୍ତରଙ୍କୁ ତୁରନ୍ତ ବଦଳି ସହ ଗିରଫ କରାଯିବା, ତଦନ୍ତ କମିଟି ଗଠନ କରି କାର୍ଯ୍ୟାନୁଷ୍ଠାନ ନେବା ଦାବିରେ ଉତ୍ତ୍ୟକ୍ତ ଲୋକେ ଡାକ୍ତରଖାନା ପରିସରରେ ହୋ-ହଲ୍ଲା କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

- ଡାକ୍ତରଙ୍କୁ ତୁରନ୍ତ ବଦଳି, ଥାନାରେ ମାମଲା
- ନୟାଗଡ଼ ଡାକ୍ତରଖାନାରେ ତୀବ୍ର ଉତ୍ତେଜନା
- ତଦନ୍ତ କମିଟି ଗଠନ, ହେବ କାର୍ଯ୍ୟାନୁଷ୍ଠାନ

ତେବେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିବା ସହ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଶବ ବ୍ୟବଚ୍ଛେଦର ଭିଡିଓଗ୍ରାଫି କରାଯିବା ସମେତ ଅନ୍ୟ ପ୍ରତିଶ୍ରୁତି ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ମୃତ ମହିଳାଜଣଙ୍କ ହେଲେ, ନୟାଗଡ଼ ସଦର ଥାନା ଅନ୍ତର୍ଗତ ବାଲୁଗାଁର ଯୁବ ବିଜେପି ନେତା ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ମମତା ସ୍ୱାଇଁ। ମମତାଙ୍କ ପ୍ରସବବେଦନା ହେବାରୁ ଗତକାଲି ରାତି ୭ଟା ବେଳକୁ ପରିବାରଲୋକ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଲେବର୍ ରୁମ୍‌ରେ ତାଙ୍କର ଠିକ୍ ଭାବେ ଚିକିତ୍ସା କରାଯାଇନଥିଲା। ଡାକ୍ତର ତାଙ୍କୁ ଦେଖିବା ପାଇଁ ଆସି ନଥିଲେ। ଏପରିକି, ପ୍ରସବ କରାଇବା ପାଇଁ ଡାକ୍ତର ୩୦ ହଜାର ଟଙ୍କା ଦାବି କରିଥିଲେ ବୋଲି ସଂଜୟ ଅଭିଯୋଗ କରିଛନ୍ତି। ତେବେ, ସଞ୍ଜୟ ରାତିରେ ଟଙ୍କା ଯୋଗାଡ଼ କରି ଆସିବା ବେଳକୁ, ଦୀର୍ଘ ସମୟ ଧରି ପ୍ରସବ




ବେଦନାରେ ଛଟପଟ ହେବା ପରେ ରାତି ପ୍ରାୟ ୩ଟା ୪୫ରେ ମମତାଙ୍କ ମୃତ୍ୟୁ ହୋଇଯାଇଥିଲା।

ଏହାକୁ ନେଇ ଭୋର୍‌ରେ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ଦେଖାଯାଇଥିଲା। ସଞ୍ଜୟଙ୍କ ସମ୍ପର୍କୀୟ ପ୍ରଥମେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ପାଟିତୁଣ୍ଡ କରିବା ପରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସକାଳୁ ଏହି ଖବର ପ୍ରଚାରିତ ହେବା ପରେ ଶହଶହ ଲୋକ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୁଣ୍ଡ ହୋଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ମନମୁଖୀ କାର୍ଯ୍ୟ, କ୍ଲିନିକୁ ଗୁରୁତ୍ୱ ଦିଆଯାଉଥିବା ଅଭିଯୋଗ କରିଥିଲେ। ଡାକ୍ତରଙ୍କ ଶୋଷଣ ମନବୃତ୍ତିରୁ ପ୍ରତ୍ୟେକ ଦିନ ରୋଗୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ କରିଥିଲେ। ମମତାଙ୍କ ଚିକିତ୍ସାରେ ଅବହେଳା କରିଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ରନାଥ ସାହୁଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିଲା। ତତକ୍ଷଣାତ୍ ପୁଲିସ ଏହାକୁ ନେଇ ମାମଲା ରୁଜୁ କରିଥିଲା। ମାତ୍ର ଡାକ୍ତରଙ୍କୁ ଗିରଫ ଦାବିରେ ଲୋକମାନେ ରୁଣ୍ଡ ହୋଇ ହୋହାଲ୍ଲା କରିବାରୁ ପୁଲିସ ଆଇନଶୃଙ୍ଖଳାକୁ ଦୃଷ୍ଟି ଦେଇ ଫୋର୍ସ ମୁତୟନ କରିଥିଲା। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକରୀ ରଶ୍ମିରଞ୍ଜନ ମହାପାତ୍ର ସଦଳବଳେ ପହଞ୍ଚି ବୁଝାସୁଝା କରିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସନାତନ କାଲୋ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ଏବଂ ୪ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ୨ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

ଖବର ପାଇ ବିଜେପି ଜିଲ୍ଲା ସଭାପତି ତାପସ କୁମାର ମାର୍ଥା, ରଣପୁର ବ୍ଲକ ଅଧ୍ୟକ୍ଷ ନିର୍ମଳା ବେହେରା, ବିଜେପି ନେତା ସନ୍ତୋଷ ପ୍ରଧାନ, ନସିର ଅହମ୍ମଦ, ପ୍ରହଲ୍ଲାଦ ବରାଡ଼, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, କଂଗ୍ରେସ ନେତା ମନୋଜ କୁମାର ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ।

ଅପରପକ୍ଷେ, ଏହାକୁ ନେଇ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବନମାଳି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଉକ୍ତ ବୈଠକରେ ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ନେତୃବୃନ୍ଦ ଏବଂ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପିପି ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୟାଗଡ଼ ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ମଧ୍ୟ ଆଲୋଚନାରେ ସାମିଲ ହୋଇଥିଲେ। ଦାବି ମୁତାବକ ତୁରନ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅନ୍ୟତ୍ର ବଦଳି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ ଏକ କମିଟି ଗଠନ କରି ଘଟଣାର ତଦନ୍ତ କରାଯିବ ଏବଂ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଶବ ବ୍ୟବଚ୍ଛେଦକୁ ଭିଡିଓଗ୍ରାଫି କରିବାକୁ ନିଷ୍ପତ୍ତି ନିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଅପରାହ୍ଣ ପ୍ରାୟ ୧ଟାରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଥିଲା।

■ ପରକୀୟା ପ୍ରୀତିରୁ ଗଡ଼ିଲା ମୁଣ୍ଡ

# ଯୁବକଙ୍କୁ ଗଳାକାଟି ହତ୍ୟା

**କଣିହାଁ,୧।୬(ସମିସ):** ପରକୀୟା ପ୍ରୀତିକୁ ନେଇ ଅନୁଗୋଳ ଜିଲ୍ଲା କଣିହାଁ ଥାନା ମସୁଣିହତା ଗ୍ରାମରେ ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିଛି। ଶନିବାର ବିଳମ୍ବିତ ରାତିରେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ମସୁଣିହତା ଗ୍ରାମର ବାବାଜୀ ନାଏକ (୨୫)। ରାତି ପ୍ରାୟ ୨ଟାରେ ବାବାଜୀ ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ କାକୁଡ଼ିଆ ଗ୍ରାମର ବିଭୂତି ନାଏକ (୩୫) ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟିଦେଇଥିଲେ। ଘଟଣାସ୍ଥଳରେ ବାବାଜୀଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବିଭୂତିଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବିଭୂତିଙ୍କ ସ୍ତ୍ରୀଙ୍କୁ ୭ ମାସ ହେଲା ବାବାଜୀ ପ୍ରେମ ବିବାହ କରି ଘରେ ରଖିଥିଲେ। ଏଥିରେ ବିଭୂତି ପ୍ରତିଶୋଧ ପରାୟଣ ହୋଇ ବାବାଜୀଙ୍କୁ ହତ୍ୟା କରିବା ପାଇଁ ଧମକ ଦେଇଆସୁଥିଲେ। ଶନିବାର ବାବାଜୀ ଘର ବାରଣ୍ଡାରେ ଶୋଇଥିବା ସମୟରେ ବିଭୂତି ଏକ ବାଇକ୍‌ରେ ଆସି ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ଦେଇଥିବା ବାବାଜୀଙ୍କ ବାପା ଅଭିଯୋଗ କରିଛନ୍ତି। ବିଭୂତିଙ୍କ ସହ ଅନ୍ୟ ଜଣେ ସହଯୋଗୀ ମଧ୍ୟ ଆସିଥିଲେ। ସେ ବିଭୂତିଙ୍କ ଭାଇ ବୋଲି ବାବାଜୀଙ୍କ ବାପା କହିଛନ୍ତି। ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# କାର୍-ବାଇକ୍ ଧକ୍କା; ଶ୍ୱଶୁର-ଜ୍ୱାଇଁ ମୃତ

**ବନ୍ଧୁଗାଁ,୧।୬(ସମିସ):** ଆନ୍ଧ୍ରପ୍ରଦେଶର ସାନ୍ଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ଧକ୍କାରେ ଶ୍ୱଶୁର-ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ପେଦାଲୋଡ଼ା ପଞ୍ଚାୟତ ଝାଙ୍କରକାର୍ଲି ଗାଁର ଶଶୁର ଅପାନା ପିଡ଼ିକା (୬୨) ଓ ଜ୍ୱାଇଁ ରମେଶ ହୁଇକା (୨୦)। ଘଟଣା ପରେ କାର୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ଝଙ୍କାରକାର୍ଲିର ରମେଶ ଆନ୍ଧ୍ରପ୍ରଦେଶ ସାନ୍ଦିୱାଲ୍ସା ଗାଁସ୍ଥିତ ନିଜ ଶ୍ୱଶୁର ଘରକୁ ଶୁକ୍ରବାର ଯାଇଥିଲେ। ସେଠାରୁ ସେ ଶ୍ୱଶୁରଙ୍କ ସହ ବାଇକ୍‌ରେ ନିଜ ଗାଁ ଝାଙ୍କରକାର୍ଲିକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ସାନ୍ଦିୱାଲ୍ସା-ଡକିଲା କତାପାଟଣାମ୍ ମଧ୍ୟରେ ଏକ କାର୍ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ରମେଶଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଆପାନାଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସରପଞ୍ଚ ଶେଖର କଣ୍ଡାଗୋରୀ, ଭେଙ୍କଟ କଣ୍ଡାଗୋରୀ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଧ୍ରପ୍ରଦେଶ ପୁଲିସ୍ ଶବକୁ ଉଦ୍ଧାର କରିବା ସହ ଦୁର୍ଘଟଣା ଘଟାଇଥିବା କାର୍‌କୁ ଧରିବାକୁ ସିସିଟିଭି ଯାଞ୍ଚ କରୁଥିବା ଜଣାପଡ଼ିଛି।

# ମଦୁଆଙ୍କ ଖଣ୍ଡା ଚୋଟରେ ଦୁଇ ପୁଲିସ ଆହତ; ୨ ଗିରଫ

**ବଲାଙ୍ଗିର/ପାଟଣାଗଡ଼,୧।୬(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅପରାଧୀମାନେ ପୁଲିସ୍‌କୁ ବି ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏହାର ଏକ ନମୁନା ଦେଖିବାକୁ ମିଳିଛି। ଦୁଇ ମଦୁଆଙ୍କ ଖଣ୍ଡା ଚୋଟରେ ପାଟଣାଗଡ଼ ଥାନାର ଦୁଇ ପୁଲିସ୍ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ, କନଷ୍ଟେବଲ୍ ଦେବାଶିଷ ନାଏକ ଓ ଗୃହରକ୍ଷୀ ନିରଞ୍ଜନ ସାହୁ। ଦୁହିଁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ, ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଛି। ସେମାନେ ହେଲେ, ବ୍ରହ୍ମପୁରାର ମନୋଜ କୁମାର ସାହୁ ଓ ବାଲିପଟା ଗାଁର ଉମାକାନ୍ତ ମାଝୀ।

ସୂଚନାନୁସାରେ, ମନୋଜ ଓ ଉମାକାନ୍ତ ଶୁକ୍ରବାର ବିଳମ୍ବିତ ରାତିରେ ମଦ ପିଇ ଏକ ବାଇକ୍‌ରେ ବ୍ରହ୍ମପୁରା ଅଭିମୁଖେ ଯାଉଥିବା ବେଳେ କନଷ୍ଟେବଲ୍ ଦେବାଶିଷ ଓ ଗୃହରକ୍ଷୀ ନିରଞ୍ଜନ ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଏଥିରେ ରାଗି ଯାଇ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ।

# କମିଲା ଯୁକ୍ତ ୩ ନାମଲେଖା ଆବେଦନ

**ଭୁବନେଶ୍ୱର,୧।୬(ସମିସ):** ଚଳିତ ବର୍ଷ ରାଜ୍ୟରେ ଯୁକ୍ତ ୩ ପାଠ୍ୟକ୍ରମରେ ନାମଲେଖା ଆବେଦନ ଅବଧି ରବିବାର ଶେଷ ହୋଇଛି। ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୬ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି। ମାତ୍ର ଯୁକ୍ତ ୩ରେ ନାମ ଲେଖାଇବା ପାଇଁ ମାତ୍ର ୨ଲକ୍ଷ ୫୬ହଜାର ୩୫୦ ଜଣ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୨ଲକ୍ଷ ୪୮ହଜାର ୫୨୮ ପିଲା ଆବଶ୍ୟକ ଫି' ଦାଖଲ କରି ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ସମୁଦାୟ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ପ୍ରାୟ ୨୬ ହଜାର କମିଛି। ଶିକ୍ଷାବର୍ଷରେ ସନ୍ତୁଳନ ଆଣିବାକୁ ଅର୍ଥାତ୍ ନିର୍ଦ୍ଧାରିତ ସମୟରେ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ +୨ ପରୀକ୍ଷା ଫଳ ପ୍ରକାଶ ପାଇବା ପୂର୍ବରୁ +୩ ପାଇଁ ଆବେଦନ ଆରମ୍ଭ ହୋଇଥିଲା। ଏପରିକି ଆବେଦନ ଅବଧି ସରିବା ପୂର୍ବରୁ ଆଉ ୧୦ଦିନ ବଢ଼ାଯାଇଥିଲା। ଏହା ସତ୍ତ୍ୱେ ଚଳିତ ବର୍ଷ ଆବେଦନ ସଂଖ୍ୟା ହ୍ରାସ ପାଇଥିବାରୁ ଗତବର୍ଷ ପରି ଯୁକ୍ତ ୩ରେ ସିଟ୍ ସଂଖ୍ୟା ଖାଲି ପଡ଼ିବା ସ୍ପଷ୍ଟ ହୋଇ ଯାଇଛି।

# ୪୪ ଗୁଣା ପିଲା ଦେଲେ ବିଏଡ୍ ପରୀକ୍ଷା

**ଭୁବନେଶ୍ୱର, ୧।୬(ସମିସ):** ରାଜ୍ୟର ୩୪୨ଟି ପରୀକ୍ଷା କେନ୍ଦ୍ରରେ ରବିବାର ବିଏଡ୍ ପରୀକ୍ଷା ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପ୍ରାୟ ୧ଲକ୍ଷ ୨୧ ହଜାର ପିଲା ପରୀକ୍ଷା ଦେଇଛନ୍ତି। କଡ଼ା ସୁରକ୍ଷା ମଧ୍ୟରେ ପରୀକ୍ଷା ସରିଥିବା ରାଜ୍ୟ ପ୍ରବରଣ ଆୟୋଗ(ଏସ୍‌ଏସ୍‌ବି)ର ସମ୍ପାଦକ ଡ. ରାଜେଶ କୁମାର ସାହୁ କହିଛନ୍ତି। ଚଳିତବର୍ଷ ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ସମୁଦାୟ ୩୧ଟି ଶିକ୍ଷାନୁଷ୍ଠାନରେ ୨୭୫୦ସିଟ୍ ଉପଲବ୍ଧ ରହିଛି। ପ୍ରାୟ ୧ଲକ୍ଷ ୨୧ହଜାର ପିଲା ଅର୍ଥାତ୍ ସମୁଦାୟ ସିଟ୍‌ର ପ୍ରାୟ ୪୪ଗୁଣା ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଂଖ୍ୟା ବହୁ ଅଧିକ। ଚଳିତଥର ୪୩ ହଜାର ୬୧୨ଜଣ ଛାତ୍ର ଆବେଦନ କରିଥିବା ବେଳେ ଏହାର ପ୍ରାୟ ଦୁଇଗୁଣ ଅର୍ଥାତ୍ ୮୬ ହଜାର ୯୩ଜଣ ଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ଅପରପକ୍ଷରେ, ଏମ୍‌ଏଡ୍ ନାମଲେଖା ପାଇଁ ୧୬୫୧ଜଣ ଆବେଦନ କରିଥିବା ବେଳେ ଆସନ୍ତା ୪ ତାରିଖରେ ଏହାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ।

# ବିଜେଡିରେ ମିଶିଲେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଦଳର ନେତା

**ଭୁବନେଶ୍ୱର,୧।୬(ସମିସ):** ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୦୨୪ ସାଧାରଣ ନିର୍ବାଚନ କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ପିଆରଆଇ ସଦସ୍ୟ ଓ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ରବିବାର ଶଙ୍ଖଭବନଠାରେ ବିଜେଡି ବିଧାୟକ ତଥା ଜିଲ୍ଲା ସଭାପତି ମନୋହର ରନ୍ଧାରୀଙ୍କ ଉପସ୍ଥିତିରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଦଳରେ ସାମିଲ୍ ହୋଇଥିବା ସମସ୍ତଙ୍କୁ ଶ୍ରୀ ରନ୍ଧାରୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ।



ଏହି ଅବସରରେ କଂଗ୍ରେସର ବିଧାନସଭା ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାବାସୀଙ୍କ ଲୋକପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଲୁ। ଦଳରେ ସାମିଲ ହୋଇ ଆମେ ବହୁତ ଖୁସି ଅନୁଭବ କରୁଛୁ। ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସରପଞ୍ଚ ସର୍ବଶ୍ରୀ ପ୍ରମିଳା ମୁଦୁଲି, ଶଙ୍କର ନାୟକ, ରୁକ୍ମଣୀ ମାଝୀ, ସମିତିସଭ୍ୟ ସର୍ବଶ୍ରୀ ଦୁର୍ଯୋ ମାଝୀ, ଜିତେନ୍ଦ୍ର ହରିଜନ, ସୋମନାଥ ସୌରା, ବରିଷ୍ଠ କଂଗ୍ରେସ ନେତା ମନ୍ଦର ଜାନୀ ଓ ବିପିନି ବିଶୋୟୀ, ପୂର୍ବତନ ସରପଞ୍ଚ କୁମର ପୂଜାରୀ ପ୍ରମୁଖ ବିଜେଡିରେ ସାମିଲ୍ ହେବା ସହ ବେଶ୍ ଖୁସି ବ୍ୟକ୍ତ କରିଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ (ମୁନ୍ନା ଖାନ), ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ମିଡିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

■ ଟ୍ରେନ୍‌ରେ ଡକାୟତି ଯୋଜନା

# ୪ ଗିରଫ, ୨୦ ମୋବାଇଲ ଜବତ

**ପୁରୀ,୧।୬(ସମିସ):** ଆଗକୁ ରଥଯାତ୍ରା। ପୁରୀକୁ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଟ୍ରେନରେ ଯିବାଆସିବା କରିବେ। ତେବେ ଟ୍ରେନ ଯାତ୍ରା ଯେପରି ସୁରକ୍ଷିତ ହେବ ସେଥିପାଇଁ ବେଶ୍ ତତ୍ପର ହୋଇପଡିଛନ୍ତି ଆରପିଏଫ୍ ଏବଂ ଜିଆର୍‌ପି ପୋଲିସ। ରାତ୍ରୀକାଳୀନ ପାଟ୍ରୋଲିଂକୁ କଡାକଡି କରିଛନ୍ତି। ଏହି କ୍ରମରେ ଶନିବାର ରାତିରେ ପୁରୀ ଆରପିଏଫ୍ ଏବଂ ଜିଆର୍‌ପି ଥାନା ପୋଲିସ ମିଳିତ ଭାବେ ଷ୍ଟେଶନରେ ପାଟ୍ରୋଲଂ କରୁଥିଲେ। ରାତି ପ୍ରାୟ ୧୧ଟା ୫୦ ସମୟରେ ଲୋକେ ଅଫିସ ନିକଟ ଟ୍ରେନ ଲାଇନ କଡରେ ୫ ଜଣ ଅସାମାଜିକ ଯୁବକ ବସି ବିଳମ୍ବିତ ରାତିରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ସେଠାରେ ଜିଆର୍‌ପି ଏବଂ ଆରପିଏଫ୍ ଚଢାଉ କରିଥିଲେ। ସେମାନଙ୍କୁ ଦେଖି ଜଣେ ଯୁବକ ଖସି ଯାଇଥିବା ବେଳେ ୪ ଜଣଙ୍କୁ କାବୁ କରିଥିଲେ ଆର୍‌ପିଏଫ୍ ଏବଂ ଜିଆର୍‌ପି ପୋଲିସ। ଅଭିଯୁକ୍ତମାନେ ହେଲେ ଡେଲାଙ୍ଗ ଓଡତରାହୀର ଦିଲ୍ଲୀପ ଜେନା, ଖୋର୍ଦ୍ଧା ଗୁରୁଜଙ୍ଗର ବାବୁଲା ବାରିକ, ଗଞ୍ଜାମ ଚମାଖଣ୍ଡିର ସଞ୍ଜୟ ସେଠୀ, ଗଞ୍ଜାମ ବ୍ରହ୍ମପୁର ସହର ବିଲସାହିର ମନୋଜ ବେହେରା। ପଚରାଉଚରା କରିବା ପରେ ପୁରୀ-ଭଲସାଦ ସାପ୍ତାହିକ ଏକ୍ସପ୍ରେସ ଟ୍ରେନରେ ଡକାୟତି କରିବା ଲାଗି ଯୋଜନା କରୁଥିବା ସ୍ୱୀକାର କରୁଥିଲେ। ଅଭିଯୁକ୍ତମାନଙ୍କଠାରୁ ୨୦ଟି ମୋବାଇଲ ଫୋନ(ଯେଉଁଥିରେ ଗୋଟିଏ ଆଇଫୋନ ରହିଛି), ୨ଟି ଛୁରୀ, ୪ ପ୍ୟାକେଟ ଲଙ୍କାଗୁଣ୍ଡ, ୪ଟି କଳା ରଙ୍ଗର ମାସ୍କ, ୪ଟି ଟ୍ରେନ ଟିକେଟ, ସିଗାରେଟ୍, ଆସ୍କା ୪୦ ବୋତଲ ଏବଂ ମ୍ୟାପ୍ ଜବତ କରାଯାଇଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୪୭/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଆର୍‌ପି ଥାନାଧିକାରୀ ଏସ୍. କେ. ବାହିନୀପତି ସୂଚନା ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଥିବାରୁ ଯାତ୍ରୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ଯାଞ୍ଚ ଏବଂ ପାଟ୍ରୋଲିଂ କଡାକଡି କରାଯିବ ବୋଲି ବାହିନୀପତି କହିଛନ୍ତି।

# ରାଜ୍ୟରେ ବନ୍ଦର ବିକାଶ ପାଇଁ ଇଓଆଇ ଆହ୍ୱାନ

## ସହାୟକ ହେଲା ପୂର୍ବ ସରକାରଙ୍କ ବନ୍ଦର ନୀତି

**ଭୁବନେଶ୍ୱର,୧।୬(ସମିସ):** ରାଜ୍ୟରେ ବିଶାଳ ସାମୁଦ୍ରିକ କ୍ଷମତାକୁ ଉପଯୋଗ କରି ବନ୍ଦର ଭିତ୍ତିକ ବିକାଶ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଅଣ ପ୍ରମୁଖ ବନ୍ଦର, କ୍ରୁଜ ଟର୍ମିନାଲ, ବହୁମୁଖୀ ବନ୍ଦର, ଜାହାଜ ନିର୍ମାଣ ଓ ମରାମତି ସୁବିଧା କେନ୍ଦ୍ର ଏବଂ କଣ୍ଟେନର ଟର୍ମିନାଲର ବିକାଶ ପାଇଁ ରାଜ୍ୟ ସରକାର ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଆହ୍ୱାନ କରିଛନ୍ତି। ବୈଶ୍ୱିକସ୍ତରରେ ନିବେଶକ ଏବଂ ଅପରେଟରଙ୍କ ନିକଟରୁ ରାଜ୍ୟ ବନ୍ଦର ଏବଂ ଅନ୍ତଦେଶୀୟ ଜଳପଥ ପରିବହନ ନିର୍ଦ୍ଦେଶାଳୟ ପକ୍ଷରୁ ଏହି ଇଓଆଇ ଆହ୍ୱାନ କରାଯାଇଛି।

ଇଓଆଇ ଅନୁଯାୟୀ ରାଜ୍ୟରେ ବାଲେଶ୍ୱରର ବିଚିତ୍ରପୁର(ତାଳସାରୀ)ଠାରୁ ଦକ୍ଷିଣରେ ବାହୁଦା ମୁହାଣ(ଗଞ୍ଜାମ) ଯାଏଁ ପ୍ରାୟ ୫୭୪ କିଲୋମିଟର ବିଶିଷ୍ଟ ସାମୁଦ୍ରିକ ଉପକୂଳ ରହିଛି। ରାଜ୍ୟରେ ବର୍ତ୍ତମାନ ପାରାଦୀପ ଏକ ପ୍ରମୁଖ ବନ୍ଦର ଥିବାବେଳେ ପ୍ରାୟ ୧୪ଟି ଅଣ ପ୍ରମୁଖ ବନ୍ଦର ଚିହ୍ନଟ କରାଯାଇଛି। ଏହି ୧୪ଟି ଅଣ ପ୍ରମୁଖ ବନ୍ଦର ମଧ୍ୟରୁ ଗୋପାଳପୁର ଏବଂ ଧାମରା ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇ ସାରିଲାଣି। ସେହିପରି ଅସ୍ତରଙ୍ଗ ଏବଂ ସୁବର୍ଣ୍ଣରେଖା ବନ୍ଦରରେ ବର୍ତ୍ତମାନ ବିକାଶ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଜଟାଧାର ମୁହାଣରେ ଖୁବଶୀଘ୍ର ଏକ ଜେଟି ନିର୍ମାଣକୁ ନିକଟରେ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏଠାରେ ଜେଏସଡବ୍ଲ୍ୟୁ ଏହି ଜେଟି ନିର୍ମାଣ କରିବ। ଅବଶିଷ୍ଟ ୮ଟି ଅଣ ପ୍ରମୁଖ ବନ୍ଦରର ବିକାଶ ପାଇଁ ଇଓଆଇ ଆହ୍ୱାନ କରାଯାଇଛି। ବିଚିତ୍ରପୁର, ବାହାବଳପୁର, ଚାନ୍ଦିପୁର, ଇଞ୍ଚୁଡି, ଚୂଡାମଣି, ବାଲିହରଚଣ୍ଡୀ, ପାଲୁର ଏବଂ ବାହୁଦା ମୁହାଣ(ସୋନପୁର)ରେ ବନ୍ଦର କାର୍ଯ୍ୟକଳାପକୁ ସଶକ୍ତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଆସନ୍ତା ଜୁନ୍ ୨୩ ତାରିଖ ସୁଦ୍ଧା ଇଚ୍ଛୁକ ସଂସ୍ଥା ଇଓଆଇ ଦାଖଲ କରିପାରିବେ ବୋଲି ଏଥିରେ ଉଲ୍ଲେଖ ରହିଛି।

ରାଜ୍ୟରେ ବନ୍ଦର ଭିତ୍ତିକ କାର୍ଯ୍ୟକଳାପର ବିକାଶ ପାଇଁ ଗତ ବିଜେଡି ସରକାର ୨୦୨୨ ମସିହାରେ ଓଡ଼ିଶା ବନ୍ଦର ନୀତି ପ୍ରଣୟନ କରିଥିଲେ। ଓଡ଼ିଶାରେ ଏହି ନୀତି ଦ୍ୱାରା ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ, ମାଧ୍ୟମରେ ଓଡ଼ିଶା ଉପକୂଳରେ ସ୍ଥାୟୀ ସାମୁଦ୍ରିକ ବିକାଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀତ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ବିଶେଷକରି ସାମୁଦ୍ରିକ ଜାହାଜ ପରିବହନ, ସାମୁଦ୍ରିକ ପର୍ଯ୍ୟଟନକୁ ପ୍ରୋତ୍ସାହନ, ବହୁମୁଖୀ ବନ୍ଦର ନିର୍ମାଣ, ଆଦି ଭିତ୍ତିଭୂମି ସୃଷ୍ଟିରେ ନୂଆ ନୀତି ସହାୟକ ହେବ ହୋଇ ପାରିଛି ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି।

# ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍

## ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

**ପୁରୀ, ୧।୬(ସମିସ):** ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତତଥ୍ୟକୁ ପଦାରେ ପକାଉଥିବା ବେଳେ ଏବେ ପୁଣି ଉଡିଛି ଡ୍ରୋନ୍। ସମ୍ପ୍ରତି ଭାରତ-ପାକିସ୍ତାନ ସ୍ଥିତିକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଥିବା ବେଳେ ଏହା କେବଳ ଯେକାଗଜ କଲମରେ ସୀମିତ ତାହା ପ୍ରମାଣିତ ହୋଇଛି। ତେବେ ଏହି ଡ୍ରୋନ ଶ୍ରୀମନ୍ଦିର ଭିତରର ଅନେକ ଦୃଶ୍ୟ ତୋଳିଥିବା ସନ୍ଦେହ କରାଯାଉଥିବା ବେଳେ ଏହା ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥାକୁ ପୁଣି ପଦାରେ ପକାଇଛି। ବିଗତ ଦିନରେ ଅନେକଥର ସୋସିଆଲ ମିଡିଆରେ ମନ୍ଦିରର ସମ୍ବେଦନଶୀଳ ଫଟୋ, ଭିଡିଓ ଭାଇରାଲ ହୋଇଥିବା ବେଳେ ଏବେ ଲଗାତର ଡ୍ରୋନ୍ ଉଡ଼ିବା ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

ବାରମ୍ବାର ତାଗିଦ୍ ସତ୍ତ୍ୱେ ବୋଲ ମାନୁନାହାନ୍ତି ଅମାନିଆ। ପୁଣି ଭାଇରାଲ୍ ହୋଇଛି ଶ୍ରୀମନ୍ଦିରର ଡ୍ରୋନ ଭିଡିଓ। ମୁଖ୍ୟ ବାନା ଲଗାଯାଉଥିବା ଦୃଶ୍ୟ ଭିଡିଓରେ ଆସିଥିବା ବେଳେ ଜଣେ ଚୁନେରା ସେବାୟତ ନମସ୍କାର କରୁଥିବା ଭିଡିଓରେ ଦେଖିବାକୁ ମିଳିଛି, ଯାହାକୁ ନେଇ ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ



ସୃଷ୍ଟି ହୋଇଛି। ତେବେ ଭାଇରାଲ ଭିଡିଓରେ ଚୁନରା ସେବାୟତଜଣଙ୍କ ଏକାଧିକଥର ଆସୁଥିବା ଦେଖିବାକୁ ମିଳିଛି। ମେ' ୩୦ରେ ଫେସବୁକ୍‌ରେ ଏହି ଭିଡିଓ ଅପଲୋଡ୍ ହୋଇଛି। ଉତ୍ତରପ୍ରଦେଶର ହିମାଂଶୁ ନାମକ ଜଣେ ଯୁବକଙ୍କ ଆକାଉଣ୍ଟରୁ ଏହି ଭିଡିଓ ଭାଇରାଲ ହୋଇଥିଲା। ହେଲେ ଏବେ ସେ ତାଙ୍କ ଆକାଉଣ୍ଟରୁ ଏହି ଭିଡିଓ ଡିଲିଟ୍ କରିଦେଇଥିବା ଜଣାପଡ଼ିଛି। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ଏହା ଉପର ନୋ-ଫ୍ଲାଇଂ ଜୋନ ଘୋଷଣା କରାଯାଇଛି। ହେଲେ ଅନେକ ସମୟରେ ଏହି କଟକଣାକୁ ଉଲ୍ଲଂଘନ କରାଯାଉଥିବା ବେଳେ ରବିବାର ଏହାର ପୁନରାବୃତ୍ତି ଘଟିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାରମ୍ବାର ଡ୍ରୋନ୍ ଉଡୁଥିବା ବେଳେ ସୁରକ୍ଷା କର୍ମୀମାନେ ଜାଣିପାରୁନାହାନ୍ତି କେମିତି? ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ ଗଠନ କରାଯାଇଛି। ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଯୁଦ୍ଧାସ୍ତ୍ର ଗାଡ଼ି ରକ୍ଷକ ସିଂହଦ୍ୱାର ସମ୍ମୁଖରେ ପହରା ଦେଉଛି। ମାଳମାଳ ଓଡ଼ିଶା ପୁଲିସ୍, ଜେଟିପି ମୁତୟନ ଅଛନ୍ତି। ହେଲେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ନାକ ତଳେ ଘଟୁଛି ଏଭଳି ଅଘଟଣ। ତେବେ ଶ୍ରୀମନ୍ଦିର ସୁରକ୍ଷା ନେଇ ଆଇନ ମନ୍ତ୍ରୀ ଘୋଷଣା କରିଥିବା ଆଣ୍ଟି ଡ୍ରୋନ ସିଷ୍ଟମ କେବେ ଲାଗିବ ତାହାକୁ ଏବେ ଅପେକ୍ଷା।

# ବର୍ଷପୂର୍ତ୍ତି ପାଇଁ ବ୍ୟସ୍ତ ସରକାର: ରଜ ପରେ ଚାଷୀଙ୍କୁ ମିଳିବ ବିହନ!

**ଭୁବନେଶ୍ୱର, ୧।୬(ସମିସ):** ବର୍ଷା ଆସିବା ପୂର୍ବରୁ କ୍ଷେତ ସଜ କରି ଚାଷୀ ଧାନ ବିହନକୁ ଚାହିଁ ବସିଛି, ମାତ୍ର ବିହନ ମିଳୁନାହିଁ। ସମବାୟ ସମିତିକୁ ସରକାରୀ ବିହନ ଆସିନାହିଁ, ବଜାରରେ ମଧ୍ୟ ଆବଶ୍ୟକ ମୁତାବକ ବିହନ ନାହିଁ। ଯେଉଁ ଚାଷୀମାନେ ବିହନ ଗଚ୍ଛିତ କରି ରଖିଛନ୍ତି, ସେମାନେ ଚାଷବାସ କାମ ଆରମ୍ଭ କରିଛନ୍ତି; ଅନ୍ୟ ଚାଷୀମାନେ ସରକାରୀ ବିହନକୁ ଅପେକ୍ଷା କରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚଳିତବର୍ଷ ଖରିଫ୍‌ରେ ୫୮.୫୦ ଲକ୍ଷ ହେକ୍ଟର ଜମିରେ ଚାଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ବିହନ ବଣ୍ଟନରେ ବିଳମ୍ବ ଏହି ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ଉପକୂଳ ଓଡ଼ିଶାର ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଜିଲ୍ଲା ସମେତ ଅନ୍ୟାନ୍ୟ କେତେକ ସ୍ଥାନରେ ବିହନ ଯୋଗାଣରେ ଅଚଳାବସ୍ଥା ଚାଷୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ବିହନ ଅଭାବ ଯୋଗୁଁ କିଛି ଚାଷୀ ସରକାରୀ ପ୍ରମାଣିକ ବିହନ ବଦଳରେ ବଜାରରୁ ଅନ୍ୟ ବିହନ କିଣି ବୁଣିବାକୁ ମନ ବଳାଉଛନ୍ତି। ମାତ୍ର ଏହି ବିହନ କେତେ ଫଳପ୍ରଦ ହେବ ତାକୁ ନେଇ ଆଶାଆଶଙ୍କା ଭିତରେ ରହୁଛନ୍ତି। ପୁନଶ୍ଚ ସମବାୟ ବ୍ୟାଙ୍କଗୁଡ଼ିକ ବିହନ ଯୋଗାଣରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ସରକାର ସ୍ଥାନୀୟ ସମବାୟ ବ୍ୟାଙ୍କ ମାଧ୍ୟମରେ ବିହନ ବିକ୍ରି କରିବେ ବୋଲି ଘୋଷଣା କରିଥିଲେ ହେଁ ଏଯାବତ୍ ଚାଷୀଙ୍କ

- ■ କ୍ଷେତ ହଳ କରି ବିହନକୁ ଚାହିଁଛି ଚାଷୀ
- ■ ସମବାୟ ସମିତିରେ ନାହିଁ ସରକାରୀ ବିହନ

ପାଖରେ ବିହନ ପହଞ୍ଚି ପାରୁନି। ବିହନ ଆସିବାକୁ ଆହୁରି ୧୫ ଦିନ ଲାଗିବ ଓ ରଜ ପରେ ବିହନ ମିଳିଯିବ ବୋଲି ସମବାୟ ସମିତି ସମ୍ପାଦକମାନେ କହୁଥିବା ଅଭିଯୋଗ ହୋଇଛି।

ଚାଷୀ ନେତା ବିଶ୍ୱମ୍ବର ବେଉରିଆଙ୍କ ଅଭିଯୋଗ ଅନୁସାରେ ସମବାୟ ବ୍ୟାଙ୍କଗୁଡ଼ିକର ମନମାନି ଯୋଗୁଁ ଚାଷୀମାନେ ଆଜି ଏଭଳି ଦଶା ଭୋଗୁଛନ୍ତି। ଧାନ ମଣ୍ଡିବେଳକୁ ସମବାୟ ବ୍ୟାଙ୍କମାନେ ଯେତେ ତତ୍ପର, ବିହନ ବିକ୍ରି ପାଇଁ ସେତିକି ତତ୍ପରତା ନାହିଁ। ମଣ୍ଡିରେ କମିଶନ ଓ ଫାଇଦା ଥିବାରୁ ସମବାୟ ସମିତିମାନେ ସେଥିପ୍ରତି ଅଧିକ ମନ ବଳାଉଛନ୍ତି; କିନ୍ତୁ ବିହନ ବିକ୍ରିରେ କମ୍ ଲାଭ ଥିବାରୁ ସେ ଦିଗରେ ମୋଟେ ଧ୍ୟାନ ଦେଉନାହାନ୍ତି। ସମବାୟ ସମିତିଗୁଡ଼ିକ ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିହନ ଆଣୁନାହାନ୍ତି। ନିଜ ସୁବିଧା ଆଣି କିଛି ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି କରିଦେଉଛନ୍ତି। ଜାଲିଆତି କରି ଚାଷୀଙ୍କ ନାଁରେ ଏହି ବିହନ ବିକ୍ରି ଉଲ୍ଲେଖ କରି ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ସମବାୟ ସମିତିର କିଛି ସମ୍ପାଦକ ଚାଷୀଙ୍କ ଏହି ଅଭିଯୋଗକୁ ସ୍ୱୀକାର କରିଥିଲେ ବି ବିହନ ନିଗମ ଓ କୃଷି ବିଭାଗ ଉପରକୁ ଦୋଷ ଠେଲି ସଫେଇ ଦେଇଛନ୍ତି। ବିହନ ବିକ୍ରି ନ ହୋଇ ବଳକା ରହିଗଲେ, ଫେରସ୍ତ ବ୍ୟବସ୍ଥା ନ ଥିବାରୁ ସମବାୟ ସମିତିଗୁଡ଼ିକ ଏହାପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିଭଳି ବହୁ ସମବାୟ ସମିତିରେ ଗୋଦାମ ନଥିବାରୁ ବିହନ ରଖିବା ସମସ୍ୟା ହେଉଛି ବୋଲି ସେମାନେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ । ଶୁଭ ଖବର ପ୍ରାପ୍ତ ହେବ । ନୂଆ ଯାନ କିଣିବା ଯୋଗ ଅଛି । ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ । ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ । ଉଧାର ଟଙ୍କା ଫେରିପାଇବେ ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ । ନାଚ, ଗୀତରେ ପ୍ରଶଂସା ମିଳିବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ପଡୋଶୀଙ୍କ ସହ ସମ୍ପର୍କ ବଢ଼ିବ ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ । ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ । କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**କନ୍ୟା:** ବ୍ୟବସାୟରେ ଲାଭ ହେବ । ଆୟଠୁ ଅଧିକ ବ୍ୟୟ କରିବେ । ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ । ନୂଆ କାମ ଆରମ୍ଭ କରିପାରନ୍ତି । ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ ।

**ତୁଳା:** ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ । ପାରିବାରିକ ସମସ୍ୟା ସମାଧାନ ହେବ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଭାଇଭଉଣୀଙ୍କଠାରୁ ଉପହାର ପାଇବେ । ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ । ଚକ୍ଷୁ ସମସ୍ୟା ହୋଇପାରେ ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବା ଭଲ । ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ । ଆଇନଜୀବୀଙ୍କୁ ସଫଳତା ମିଳିବ । ସାମାଜିକ ଓ ଧାର୍ମିକ ସମାବେଶରେ ଯୋଗଦେବେ । ଦାନ ଧର୍ମ କରିବେ ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ । ସନ୍ତାନ ସୁଖ ପ୍ରାପ୍ତ ହେବ । ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ । ଲୋକସମ୍ପର୍କ ବୃଦ୍ଧି ପାଇବ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ । ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ । ବିରୋଧୀଙ୍କୁ ସାମ୍ନା କରିବେ । ଚିନ୍ତାଗ୍ରସ୍ତ ରହିବେ । ଜୀବନସାଥୀଙ୍କୁ ମନ କଥା କହିବେ ।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିପାରେ । କଳା କ୍ଷେତ୍ରରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । ନିଜ ଲୋକ ଶତ୍ରୁ ସାଜିପାରନ୍ତି ।

## ଆଜିର ଇତିହାସ

- ୧୯୫୩- ବ୍ରିଟିଶ ରାଜଗାଦି ଆରୋହଣ କଲେ ମହାରାଣୀ ଏଲିଜାବେଥ ଦ୍ୱିତୀୟ ।
- ୧୯୬୬-ଆମେରିକାର ପ୍ରଥମ ମହାକାଶଯାନ ଚନ୍ଦ୍ରପୃଷ୍ଠରେ ଅବତରଣ କଲା ।
- ୧୯୮୮- ବଲିଉଡ୍‌ର ମହାନ୍ ଅଭିନେତା ରାଜ୍ କପୁରଙ୍କ ଦେହାନ୍ତ ।
- ୨୦୦୬- ଆମେରିକା ଦାଉଦ୍ ଇବ୍ରାହିମ୍ ଓ ତାର ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଲା ।
- ୨୦୧୪- ତେଲଙ୍ଗାନା ଭାରତର ୨୯ତମ ରାଜ୍ୟ ହେଲା ।

# ସନ୍‌ସ୍କ୍ରିନ୍ ହେଲା କାଳ



ଚୀନ୍‌ରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ଏହି ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ଆଲୋଚନା ହେଉଛି । ଜଣେ ୪୮ ବର୍ଷୀୟା ମହିଳାଙ୍କ ହାଡ଼ ଏତେ ଦୁର୍ବଳ ହୋଇଥିଲା ଯେ, ସେ କଡ଼ ଲେଉଟାଇବାବେଳେ ଏହା ଭାଙ୍ଗି ଯାଇଥିଲା । ତେବେ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଅନେକ ଦିନରୁ ନ ଆସିବା ତଥା ଅତ୍ୟଧିକ ସନ୍‌ସ୍କ୍ରିନ୍ ବ୍ୟବହାର ଯୋଗୁଁ ତାଙ୍କ ସହ ଏପରି ଘଟିଥିବା ଜଣାପଡ଼ିଛି । ସିଚୁଆନରେ ଥିବା ଚେଙ୍ଗଦୁ ହସ୍‌ପିଟାଲକୁ ଏହି ମହିଳା ଜଣକ ଆସିଥିଲେ । ତାଙ୍କ ହାଡ଼ ଭାଙ୍ଗି ଯାଇଥିଲା । ତେବେ ଏହି ମହିଳାଙ୍କର କୌଣସି ସ୍ଥାନରୁ ଖସି ପଡ଼ିବାରୁ କିମ୍ବା ଦୁର୍ଘଟଣାରୁ ତାଙ୍କ ହାଡ଼ ଭାଙ୍ଗି ନ ଥିଲା । ସେ ବିଛଣାରେ ଶୋଇଥିବା ଅବସ୍ଥାରେ କଡ଼ ଲେଉଟାଇବା କ୍ଷଣି ତାଙ୍କର ହାଡ଼ ଭାଙ୍ଗି ଯାଇଥିଲା । ମେଡିକାଲ ଯାଞ୍ଚରୁ ତାଙ୍କ ଶରୀରରେ ଭିଟାମିନ୍ ଡି'ର ଅତ୍ୟଧିକ ଅଭାବ ଥିବା ଜଣାପଡ଼ିଥିଲା । ମହିଳା ଜଣକ ପିଲାଦିନରୁ ଖରାରୁ ଦୂରେଇ ରହୁଥିଲେ । ସବୁବେଳେ ସୂର୍ଯ୍ୟକିରଣରୁ ତ୍ୱଚାକୁ ଦୂରେଇ ରଖିବା ପାଇଁ ଶରୀରକୁ ଢାଙ୍କିଲା ପରି ପୋଷାକ ପିନ୍ଧୁଥିଲେ । କେବେବି ମୋଟା ପରସ୍ତର ସନ୍‌ସ୍କ୍ରିନ୍ ଲୋସନ ନ ଲଗାଇ ପଦାକୁ ବାହାରୁ ନ ଥିଲେ । ମହିଳା ଜଣକୁ ଚିକିତ୍ସା କରୁଥିବା ଡାକ୍ତର ଲୋଙ୍ଗ ସୁଆଙ୍ଗ କହିବା କଥା, ମହିଳାଙ୍କ ଜୀବନଶୈଳୀ ତାଙ୍କ ଶରୀରରେ ଭିଟାମିନ୍ ଡି'କୁ ଅବରୋଧ କରି ରଖିଥିଲା । ସାଧାରଣତଃ ସୂର୍ଯ୍ୟକିରଣରୁ ଭିଟାମିନ୍ ଡି ମିଳିଥାଏ । କିନ୍ତୁ ମହିଳାଙ୍କ ଶରୀରରେ ସୂର୍ଯ୍ୟକିରଣ ପ୍ରବେଶ କରିପାରୁ ନ ଥିବାରୁ ଏହା ଗମ୍ଭୀର ଅଷ୍ଟିଓପୋରୋସିସ୍‌ର କାରଣ ପାଲଟିଥିଲା । ଏହା ଏପରି ଏକ ସ୍ଥିତି ଯେଉଁଥିରେ ହାଡ଼ଗୁଡ଼ିକ ଦୁର୍ବଳ ହୋଇଯାଏ, ଟିକିଏ ଚାପ ପଡ଼ିଲେ ଭାଙ୍ଗିବା ଆଶଙ୍କା ଥାଏ । ତେବେ ଚୀନ୍‌ରେ ଗୋରା ରଙ୍ଗକୁ ଗୁରୁତ୍ୱ ଦିଆଯାଉଥିବାରୁ ଲୋକେ ମାତ୍ରାଧିକ ସନ୍‌ସ୍କ୍ରିନ୍ ଲୋସନ୍ ଲଗାଇବା ସହ ଲମ୍ବା ପୋଷାକ, ଗ୍ଲୁଭସ୍, ଟୋପି ଆଦି ବ୍ୟବହାର କରିଥାନ୍ତି । ସେମାନେ ଯଥାସମ୍ଭବ ସୂର୍ଯ୍ୟକିରଣରୁ ଶରୀରକୁ ରକ୍ଷା କରିବାକୁ ଚେଷ୍ଟା କରନ୍ତି । ଏଥିଯୋଗୁଁ ଏଭଳି ଏକ ଅପ୍ରତ୍ୟାଶିତ ରୋଗ ଦେଖାଯାଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି । ଏହି କାହାଣୀ ଏବେ ଚୀନ୍ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି । ଏହି ଘଟଣା ପରେ ଚୀନ୍‌ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଲୋକଙ୍କୁ ସନ୍ତୁଳିତ ଜୀବନ ଆପଣାଇବାକୁ ପରାମର୍ଶ ଦେଇଛନ୍ତି । ସନ୍‌ସ୍କ୍ରିନ୍ ବ୍ୟବହାର କରିବା ସହ ସୂର୍ଯ୍ୟାଲୋକରେ ସୀମିତ ସମୟ ପାଇଁ ଚଲାବୁଲା କରିବା ନିମନ୍ତେ କହିଛନ୍ତି । ଏହାଦ୍ୱାରା ଶରୀରରେ ପ୍ରାକୃତିକ ଭାବେ ଭିଟାମିନ୍-ଡିର ଆବଶ୍ୟକତା ପୂରଣ କରାଯାଇପାରିବ ବୋଲି ସେମାନେ କହିଛନ୍ତି ।


# ପ୍ରେମରେ ତାରା




ଅଭିନେତ୍ରୀ ତାରା ସୂତାରିଆ ଆଦର ଜୈନଙ୍କଠାରୁ ଅଲଗା ହେବା ପରେ ପୁଣି ଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି । ବୀର ପାହାଡ଼ିଆଙ୍କ ପ୍ରେମରେ ସେ ପଡ଼ିଥିବା କଥା କୁହାଯାଉଛି । ଗତ ମାର୍ଚ୍ଚ ମାସରେ ଏକ ଫେସନ୍ ଶୋ'ରେ ଏଦୁହିଁଙ୍କୁ ଦେଖାଯାଇଥିଲା । ଉଭୟ ଏହି ଶୋ'ର ସୋଷ୍ଟପର୍ ଥିଲେ । ଏହାପରେ ଉଭୟଙ୍କୁ ଡିନର୍ ଡେଟ୍‌ରେ ଦେଖାଯିବା ପରେ ସେମାନେ ପ୍ରେମ ସମ୍ପର୍କରେ ଥିବା କଥା ଚର୍ଚ୍ଚା ହେବାକୁ ଲାଗିଲା । ଏହାପୂର୍ବରୁ ବୀରଙ୍କ ନାମ ସାରା ଅଲ୍ଲୀ ଖାନ୍, ମାନୁଷୀ ଛିଲ୍ଲରଙ୍କ ସହ ଯୋଡ଼ା ଯାଇଥିଲା । ସେହିଭଳି ତାରା ଆଦରଙ୍କ ଠାରୁ ଅଲଗା ହେବା ପରେ ଅଭିନେତା ଅରୁଣୋଦୟ ସିଂହଙ୍କ ପ୍ରେମରେ ପଡ଼ିଥିବା ଖବର ପ୍ରକାଶ ପାଇଥିଲା । କିନ୍ତୁ ଏକ ସାକ୍ଷାତକାରରେ ତାରା ଏହାକୁ ଗୁଜବ ବୋଲି କହିବା ସହ ଅରୁଣୋଦୟ ତାଙ୍କର ଜଣେ ଭଲ ବନ୍ଧୁ ବୋଲି କହିଥିଲେ । ବୀର ନିକଟରେ ଅକ୍ଷୟ କୁମାରଙ୍କ ସହ 'ସ୍କାଏ ଫୋର୍ସ' ଫିଲ୍ମରେ ଦେଖାଯାଇଥିଲେ । ଏହା ତାଙ୍କର ଡେବ୍ୟୁ ଫିଲ୍ମ ଥିଲା ।

# ଭୂତଳ ଗାଁ

ଦେଶ ହେଉ କି ବିଦେଶ ପ୍ରତ୍ୟେକ ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ଏହି କ୍ରମରେ ଆମେରିକାର ପ୍ରସିଦ୍ଧ ଗ୍ରାଣ୍ଡ କାନିୟନ ନିକଟରେ ଥିବା ହବାସୁ କାନିୟନ ନିକଟରେ ଏକ ବଡ଼ ଖାଇ ରହିଛି । ଏହି ଖାଇ ମଧ୍ୟରେ ଏକ ଗାଁ ରହିଛି । ଯାହାର ନାଁ ସୁପାଇ । ଏହା ଏକ ଭୂତଳ ତଥା ଅଣ୍ଡରଗ୍ରାଉଣ୍ଡ ଗାଁ ଭାବେ ପରିଚିତ । ଭୂପୃଷ୍ଠର ୩୦୦୦ ଫୁଟ ତଳେ ଏହା ରହିଛି । ଏଠାରେ ଆମେରିକାର ମୂଳ ନିବାସୀ ରେଡ୍ ଇଣ୍ଡିଆନମାନେ ରୁହନ୍ତି । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହି ଗାଁ ପରିଦର୍ଶନରେ ଆସିଥାନ୍ତି । ସୁପାଇ ଗାଁରେ ଏବେ ୫୦୦ ଲୋକ ରହୁଛନ୍ତି । ବାହ୍ୟ ଦୁନିଆଠାରୁ ବିଛିନ୍ନ ଏହି ଗାଁର ଲୋକେ ଏକ ଭିନ୍ନ ପ୍ରକାରର ଜୀବନ ଜିଇଁଥାନ୍ତି । ସୁପାଇ ଗାଁ ତା'ର ନୀଳ ରଙ୍ଗର ପାଣି ପାଇଁ ପରିଚିତ । ବୈଜ୍ଞାନିକମାନେ ନୀଳ ରଙ୍ଗର ପାଣି ନେଇ ଅନେକ ଗବେଷଣା କରିବା ସତ୍ତ୍ୱେ ଏହାର କାରଣ ଜାଣିପାରିନାହାନ୍ତି । ଏଠାକାର ଲୋକଙ୍କୁ ହବାସୁପାଇ କୁହାଯାଏ । ସ୍ଥାନୀୟ ଭାଷାରେ ଏହାର ଅର୍ଥ ନୀଳ ଓ ସବୁଜ ରଙ୍ଗର ପାଣିରେ ରହୁଥିବା ଲୋକ । ତେବେ ଏହି ଗ୍ରାମକୁ ଯିବା ଆସିବା ପାଇଁ ରାସ୍ତା ମଧ୍ୟ ସୀମିତ । ଏଠାକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିବ ନଚେତ ଘୋଡ଼ାଗାଡ଼ିରେ ବସି ଯିବାକୁ ପଡିବ । ଆଜିର ସମୟରେ ଏହି ଗ୍ରାମ ଏତେ ପଛରେ ଅଛି ଯେ, ଏଠାକାର ଲୋକମାନେ ଆଜିବି ଚିଠି ନେବା ଆଣିବା ପାଇଁ ଘୋଡ଼ା ଉପରେ ନିର୍ଭରଶୀଳ । କାରଣ ଏଠାରେ ନା ରହିଛି ଇ-ମେଲ, ନା ଫ୍ୟାକ୍ସ ନା ହିଁ ଫୋନ । ଆମେରିକା ଭଳି ଉନ୍ନତ ରାଷ୍ଟ୍ରରେ ଆଧୁନିକତାଠାରୁ ବହୁତ ଦୂରରେ ଥିବା ଏହି ଗ୍ରାମ ରହିବା ସତରେ ଆଶ୍ଚର୍ଯ୍ୟର କଥା । ସେହିପରି ଏହା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ହବାସୁପାଇ ଜନଜାତିର ଲୋକଙ୍କ ଠାରୁ ଅନୁମତି ନେବାକୁ ପଡ଼ିଥାଏ । ଏହାର ସଂସ୍କୃତିକୁ ସଂରକ୍ଷଣ ରଖିବା ପାଇଁ ଏଠାରେ କଡ଼ା ନିୟମ ପାଳନ କରାଯାଏ । ଡ୍ରୋନ୍, ମାଦକଦ୍ରବ୍ୟ ଏବଂ ଗାଡ଼ି ଚାଳନାକୁ ଏଠାରେ ନିଷେଧ କରାଯାଇଛି । ସେହିପରି ଏଠାରେ ବାସ କରୁଥିବା ଲୋକେ ମକ୍କା, ବିନ୍ସ ଭଳି ପନିପରିବା ଚାଷ କରି ଜୀବିକା ନିର୍ବାହ କରିଥାନ୍ତି । ତେବେ ଏହି ସ୍ଥାନରେ ପହଞ୍ଚିବାକୁ ହେଲେ ଉଡ଼ାଜାହାଜ ଏକମାତ୍ର ସାଧନ ।



# ପବିତ୍ର ଶୀତଳ ଷଷ୍ଠୀ



**ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀରେ ମାତା ପାର୍ବତୀ ଏବଂ ମହାଦେବ ଶିବଙ୍କ ବିବାହ ଉତ୍ସବ ପାଳନ କରାଯାଏ । ଏହା ପରଦିନ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଶିବ ରୁଦ୍ର ଏବଂ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରନ୍ତି । ଶୀତଳତାର ସଙ୍କେତ ବହନ କରୁଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ । ସେହିପରି ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ପରିସମାପ୍ତି ପରେ ଶୀତଳ ଷଷ୍ଠୀ ବେଳକୁ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟି କରିଥାଏ । ଗ୍ରୀଷ୍ମ ଋତୁ ପୃଥିବୀପୃଷ୍ଠରୁ ବିଦାୟ ନେଉଥାଏ । ତେବେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ଆଧାରିତ ।**

ଆମ ଦୈନନ୍ଦିନ ଜୀବନରେ ଯେଉଁଭଳି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍‌ସେମିତି ବୈଦିକ ରୀତିନୀତିରେ ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । କନ୍ୟା ଖୋଜା, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ବରଯାତ୍ରୀ ଆଗମନ ତଥା ବୈଦିକ ରୀତିରେ ବେଦିରେ ଦେବ ଦମ୍ପତିଙ୍କ ବିବାହ, କନ୍ୟାଦାନ ସହିତ ଯାନି ଯୌତୁକ ସହ କନ୍ୟା ବିଦାୟ କାର୍ଯ୍ୟ ହିନ୍ଦୁ ରୀତିରେ ସମ୍ପନ୍ନ କରାଯାଏ । ଏଥିରେ କିଛି ଭକ୍ତ ମା' ପାର୍ବତୀଙ୍କ ମାଆ ବାପା ହୋଇଥିବା ବେଳେ ଆଉ କିଛି ଭକ୍ତ ଶିବଙ୍କ ମାଆ ବାପା ହୋଇ ବିବାହ କାର୍ଯ୍ୟ ତୁଲାଇଥାନ୍ତି । ପାରମ୍ପରିକ ରୀତିରେ ପ୍ରଭୁ ଶିବଙ୍କୁ ବରଯାତ୍ରୀଙ୍କ ସହିତ ମା' ପାର୍ବତୀଙ୍କ ଘରକୁ ବାଜା, ବାଣ, ରୋଷଣୀରେ ନିଆଯାଏ ଏବଂ ବୈଦିକ ରୀତିରେ ବିବାହ କରାଯାଏ । ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ । ମଧ୍ୟରାତ୍ରିରୁ ଏହି ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପହରରେ ଶିବପାର୍ବତୀଙ୍କ ପୂଜାରେ ଶେଷ ହୁଏ ।

ଅନ୍ୟପଟେ ପୁରୀ ଲୋକନାଥ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ଶିବ ମନ୍ଦିର ମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଧୂମ୍‌ଧାମ୍‌ରେ ପାଳନ କରାଯାଏ । ଅବଶ୍ୟ ସମ୍ବଲପୁରରେ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ ।

# ସ୍ୱସ୍ତି

## ସୁଦଶା ବ୍ରତ



ଯେଉଁ ମାସର ଶୁକ୍ଳ ପକ୍ଷ ଦଶମୀ ତିଥୀ ଗୁରୁବାର ସଂଯୋଗ ହୁଏ, ସେହିଦିନକୁ ସୁଦଶା ବ୍ରତ ରୂପେ ପାଳନ କରାଯାଏ । ଏଥିରେ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଏ । ଏହା ମା' ଲକ୍ଷ୍ମୀଙ୍କର ସବୁଠୁ ପ୍ରିୟ ବ୍ରତ । ଏହିଦିନ ଘରକୁ ଲିପାପୋଛା କରାଯାଇ ଚିତା ପକାଯାଏ । ମହିଳାମାନେ ଏହି ଦିନ ବ୍ରତ ରଖନ୍ତି । ନବବିବାହିତା ନିଜ ନୂଆ ବ୍ରତ ସୁଦଶା ବ୍ରତରୁ ଆରମ୍ଭ କରିଥାନ୍ତି । ତେବେ ଏହାର ସଂଯୋଗ ତିଥିରେ ବିବାହ ବ୍ରତ ଆଦି ଶୁଭ କର୍ମ ପଡ଼ୁ ନ ଥିଲେ, ନୂଆ କରି ଏହି ବ୍ରତ ଆରମ୍ଭ କରାଯାଏ ନାହିଁ । ସୁଦଶା ଶବ୍ଦ ସହିତ ଦଶଟି ଶବ୍ଦ ଯୋଡ଼ି ହୋଇ ଅଛି । ସେଥିପାଇଁ ୧୦ ପାଖୁଡ଼ା ପଦ୍ମ, ଦଶ ରଙ୍ଗ ମୁରୁଜ, ଦଶ ମୁଖୀ ଦୀପ, ଦଶ ମୁଠି ଚାଉଳ, ଦଶ ମେଞ୍ଚା କଦଳୀ, ଦଶ ଗୋଟି ମଣ୍ଡା ଆଦି ପୂଜା କର୍ମରେ ଲାଗି କରାଯାଏ । କେବଳ ସେତିକି ନୁହେଁ, ଏହିଦିନ ମା' ଲକ୍ଷ୍ମୀଙ୍କ ପାଖରେ ଛେନା, ପିଠା ଭୋଗ ମଧ୍ୟ ଲାଗି କରାଯାଏ । ଦଶଖିଅ ଧଳାସୂତାର ଏକ ବ୍ରତ ପୂଜା କରିବାର ବିଧି ଅଛି । ଆଉ ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ । ବ୍ରତଧାରୀମାନେ ସୁଦଶା ବ୍ରତ ବହି ପଢ଼ିବାର ନିୟମ ଅଛି ।



# କ୍ୟାଲେଣ୍ଡର ଲଗାଇବାର ଶୁଭ ଦିଗ

ବାସ୍ତୁ ଅନୁସାରେ, ଘରେ ଥିବା ପ୍ରତ୍ୟେକ ଜିନିଷର ପ୍ରଭାବ ଲୋକଙ୍କ ଉପରେ ପଡ଼ିଥାଏ । ଏହି କ୍ରମରେ ଘର କାନ୍ଥରେ କ୍ୟାଲେଣ୍ଡର ନିହାତି ଲଗାଯାଏ । ତେବେ କାନ୍ଥରେ କ୍ୟାଲେଣ୍ଡରକୁ ଠିକ୍ ଦିଗରେ ଲଗାଇବାକୁ ନେଇ କିଛି ବାସ୍ତୁ ନିୟମ ଅଛି ।




- ବାସ୍ତୁ ଅନୁସାରେ, ପୁରୁଣା କ୍ୟାଲେଣ୍ଡରକୁ ରଖିବା କିମ୍ବା ଏହାକୁ ନୂଆ କ୍ୟାଲେଣ୍ଡର ସହ ଲଗାଇବା ବାସ୍ତୁ ଦୋଷକୁ ବଢ଼ାଇ ଥାଏ । ବିଶେଷକରି ଏହା ସ୍ୱାସ୍ଥ୍ୟ ଓ ଉନ୍ନତିରେ ବାଧା ସୃଷ୍ଟି କରିଥାଏ । ତେବେ ପୁରୁଣା କ୍ୟାଲେଣ୍ଡରରେ ଠାକୁରଙ୍କ ଫଟୋ ଥିଲେ ତାହାକୁ ଜଳରେ ପ୍ରବାହିତ କରନ୍ତୁ ।
- କ୍ୟାଲେଣ୍ଡରକୁ ପଶ୍ଚିମ ଦିଗରେ ଲଗାଇବା ଶୁଭ । ଉତ୍ତର ଦିଗରେ ଲଗାଇବା ବି ଉତ୍ତମ । ଏହି ଦିଗରେ ଲଗାଇବା ଦ୍ୱାରା ଧନ ଓ ସମୃଦ୍ଧି ଆସେ ।
- ଦକ୍ଷିଣ ଦିଗରେ କ୍ୟାଲେଣ୍ଡର ଲଗାଇବା ଅଶୁଭ । ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚେ ।
- ସେହିପରି ମୁଖ୍ୟ ଦ୍ୱାର କିମ୍ବା କବାଟ ପଛରେ କ୍ୟାଲେଣ୍ଡର ଲଗାଇବା ଅଶୁଭ ।

# ରାହୁ ରତ୍ନ ଗୋମେଦ

**ରତ୍ନ ଶାସ୍ତ୍ର ଅନୁସାରେ, ଗୋମେଦ ରତ୍ନକୁ ହେସୋନାଇଟ୍ କୁହାଯାଏ । ଏହା ରାହୁ ଗ୍ରହ ସହିତ ସମ୍ବନ୍ଧିତ । ଜାତକରେ ଗ୍ରହର ସ୍ଥିତି ଏବଂ ରାଶି ଅନୁସାରେ ଗୋମେଦ ରତ୍ନ ଧାରଣ କରିବା ଉଚିତ । ତେବେ ଏହାକୁ ଠିକ୍ ଭାବେ ଧାରଣ କରିବା ଦ୍ୱାରା ରାହୁ ଗ୍ରହ ମଜଭୁତ ହୋଇଥାନ୍ତି ।**

- ଏହି ରତ୍ନକୁ ରୁପା କିମ୍ବା ଅଷ୍ଟଧାତୁରେ ଧାରଣ କରିବା ଭଲ ।
- ୬ରତିରୁ କମ୍ ଗୋମେଦ ରତ୍ନକୁ ଧାରଣ କରିବା ଅଶୁଭ ।
- ଶନିବାର ଏହାକୁ ସୂର୍ଯ୍ୟାସ୍ତ ପରେ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଆବଶ୍ୟକ ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ରତ୍ନକୁ ମିଥୁନ, ମକର, କୁମ୍ଭ, ବୃଷ, ତୁଳା ରାଶି ଧାରଣ କରିପାରିବେ ।
- ସେହିପରି ଜାତକର ଉଚ୍ଚ ସ୍ଥାନରେ ରାହୁ ଥିଲେ, ଗୋମେଦ ରତ୍ନ ଧାରଣ କରାଯାଇପାରିବ ।
- ମୋତି ଓ ମୁଙ୍ଗା ରତ୍ନ ସହିତ ଏହାକୁ ପିନ୍ଧିବା ଅନୁଚିତ ।
- ଗୋମେଦ ରତ୍ନକୁ ଧାରଣ କଲେ ମାନସିକ ଶାନ୍ତି ମିଳେ ।
- ରାହୁ ପ୍ରକୋପରୁ ରକ୍ଷା ପାଇବା ଲାଗି ଏହାକୁ ପିନ୍ଧିବା ଭଲ ।
- ଗ୍ରହର ସ୍ଥିତି ଓ ଜ୍ୟୋତିର୍ବିଦଙ୍କ ପରାମର୍ଶ କ୍ରମେ ଏହାକୁ ଧାରଣ କରିବା ଉଚିତ ।







ସକାଳ
THE SAKALA
www.sakalaepaper.com

■ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## ଇଂଲଣ୍ଡ ଲାୟନ୍ସର ଲତୁଆ ବ୍ୟାଟିଂ

କେଣ୍ଟବୁରୀ, ୧।୬ (ଏଜେନ୍ସି): ଭ୍ରମଣକାରୀ ଭାରତ-ଏ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟରେ ଇଂଲଣ୍ଡ ଲାୟନ୍ସ ଲତୁଆ ବ୍ୟାଟିଂ ପ୍ରଦର୍ଶନ କରିଛି। ଭାରତ-ଏ'ର ପ୍ରଥମ ପାଳି ସ୍କୋର ୫୫୭ ରନ ଜବାବରେ ଘରୋଇ ଇଂଲଣ୍ଡ ଲାୟନ୍ସ ରବିବାର ତୃତୀୟ ଦିବସ ୩ୟ ସେସନ ରିପୋର୍ଟ ଲେଖା ହେଲାବେଳକୁ ୧୨୦ ଓଭରରେ ୭ ୱିକେଟ ହରାଇ ୫୨୭ ରନ ସଂଗ୍ରହ କରିଛି। ଡାନ୍ ମୋସଲୀ ୧୦୬ ଓ ଜମାନ ଅଖତର ୩୧ ରନ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଟମ୍ ହେନ୍ସ ୧୭୧ ଓ ମ୍ୟାକ୍ସ ହୋଲ୍ଡେନ ୧୦୧ ରନ କରିଛନ୍ତି। ଭାରତ-ଏ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ ଏବଂ ଅଂଶୁଲ କାମ୍ବୋଜ, ଶାର୍ଦ୍ଦୁଳ ଠାକୁର ଓ ହର୍ଷ ଦୁବେ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଛନ୍ତି। ୪ ୱିକେଟ୍ ବଳକା ଥାଇ ଇଂଲଣ୍ଡ ଲାୟନ୍ସ ଆହୁରି ୪୮ ରନ ପଛରେ ରହିଛି। ପୂର୍ବରୁ କରୁନ ନାୟାର (୨୦୪)ଙ୍କ ଦ୍ୱିଶତକ ଏବଂ ଧ୍ରୁବ ଜୁରେଲ (୯୪) ଓ ସର୍ଫରାଜ ଖାନ (୯୨)ଙ୍କ ଉପଯୋଗୀ ଇନିଂସ ବଳରେ ଭାରତ-ଏ ପ୍ରଥମ ଇନିଂସରେ ୫୫୭ ରନରେ ଅଲ୍‌ଆଉଟ୍ ହୋଇଥିଲା। ଲାୟନ୍ସ ପକ୍ଷରୁ ଜମାନ ଅଖତର ଓ ଜୋଶ ହଲ୍ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

## ପ୍ରଥମଥର ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିଲା ପିଏସ୍‌ଜି



ମ୍ୟୁନିକ, ୧।୬ (ଏଜେନ୍ସି): ୟୁରୋପ ମହାଦେଶର ଶ୍ରେଷ୍ଠ ଫୁଟ୍‌ବଲ କ୍ଲବଗୁଡ଼ିକୁ ନେଇ ଆୟୋଜିତ ୟୁଫା ଚାମ୍ପିଅନ୍ସ ଲିଗ୍‌ରେ ଏଥର ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ବାଜିମାତ୍ କରିନେଇଛି। ଶନିବାର ବିଳମ୍ବିତ ରାତିରେ ଜର୍ମାନୀର ମ୍ୟୁନିକ ଏରେନାରେ ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲରେ ଫ୍ରାନ୍ସଭିତ୍ତିକ କ୍ଲବ ପିଏସ୍‌ଜି ୫-୦ ଗୋଲ୍‌ରେ ଏକପାଖିଆ ଭାବେ ଇଣ୍ଟର ମିଲାନକୁ ପରାସ୍ତ କରିଥିଲା। ଫାଇନାଲରେ ପିଏସ୍‌ଜି ପକ୍ଷରୁ ଡିଜାୟର ଡୋଉ ଡବଲ୍ ଗୋଲ୍‌ସ୍କୋର କରିଥିଲେ। ଇଟାଲୀୟ କ୍ଲବ ଇଣ୍ଟର ମିଲାନ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରି ଗୋଲ୍‌ସ୍କୋର ଖାତା ଖୋଲିବାରେ ବିଫଳ ହୋଇଥିଲା। ଏଥିସହ ପିଏସ୍‌ଜି ଇତିହାସରେ ପ୍ରଥମଥର ଲାଗି ବିଶ୍ୱର ଏହି ଶ୍ରେଷ୍ଠ କ୍ଲବଭିତ୍ତିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିଭଳି ପିଏସ୍‌ଜିର ପ୍ରଶିକ୍ଷକ ଲୁଇସ ଏନ୍‌ରିକ ବିଶ୍ୱର ୬ଷ୍ଠ ପ୍ରଶିକ୍ଷକ ଭାବେ ଦୁଇଟି ଭିନ୍ନ କ୍ଲବ ପକ୍ଷରୁ ୟୁଫା ଚାମ୍ପିଅନ୍ସ ଲିଗ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏନ୍‌ରିକ ପୂର୍ବରୁ ୨୦୧୫ରେ ବାର୍ସିଲୋନାର ପ୍ରଶିକ୍ଷକ ଥିବାବେଳେ କ୍ଲବକୁ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ କରାଇଥିଲେ।



ଆଇପିଏଲ୍-୧୮ : ଶ୍ରେୟସଙ୍କ ବିସ୍ଫୋରଣରେ ମୁମ୍ବାଇ ବିଦା

# ପଞ୍ଜାବ-ବେଙ୍ଗାଲୁରୁ ଫାଇନାଲ

ଅହମ୍ମଦାବାଦ୍,୧।୬ (ଏଜେନ୍ସି)

'ଆମେ ଲଢ଼େଇ ହାରିଛୁ, ଯୁଦ୍ଧ ନୁହେଁ।' ଆଇପିଏଲ୍-୧୮ର ପ୍ରଥମ କ୍ୱାଲିଫାୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁଠାରୁ ହାରିବା ପରେ କହିଥିଲେ ପଞ୍ଜାବ କିଙ୍ଗସ ଅଧିନାୟକ ଶ୍ରେୟସ ଆୟର। ଏଠାରେ ଆଜି ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟରରେ ୫ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସକୁ ୫ ୱିକେଟରେ ପରାସ୍ତ କରି ପଞ୍ଜାବ କିଙ୍ଗ୍‌ସକୁ ଫାଇନାଲରେ ପ୍ରବେଶ କରାଇବା ପରେ ଆୟର ଏହା ପ୍ରମାଣିତ କରିଛନ୍ତି। ଏହି ବିଜୟ ଫଳରେ ଦୀର୍ଘ ୧୧ ବର୍ଷ ପରେ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି ଓ ଏଠାରେ ଜୁନ୍ ୩ ତାରିଖ ଦିନ ହେବାକୁ ଥିବା ଟାଇଟଲ ମୁକାବିଲାରେ ବେଙ୍ଗାଲୁରୁକୁ ଭେଟିବ। ଏଠାରେ ରବିବାର ଖେଳାଯାଇଥିବା ମ୍ୟାଚ୍ ବର୍ଷା ଯୋଗୁଁ ୨ ଘଣ୍ଟା ୧୫ ମିନିଟ୍ ବିଳମ୍ବରେ ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ପ୍ରତିଦ୍ୱନ୍ଦ୍ୱୀ ପଞ୍ଜାବ ଆଗରେ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଦମ୍‌ଦାର ବ୍ୟାଟିଂ ବଳରେ ଗୋଟିଏ ଓଭର ଖେଳ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଛକା ମାରି ଦଳକୁ ଜିତାଇଥିବା ଆୟର ୪୧ ବଲ୍‌ରେ ୫ ଚୌକା ଓ ୮ ଛକା ସହ ୮୭ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଜୋଶ ଇଂଲିଶ ୩୮ ଓ ଯୁବ ଖେଳାଳି ନେହାଲ ୱାଧେରା ୨୯ ବଲ୍‌ରୁ ୪୮

**ଜୁନ୍ ୩ରେ ଫାଇନାଲ**

ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ମୁମ୍ବାଇ ପକ୍ଷରୁ ଅଶ୍ୱିନ କୁମାର ୨ଟି ୱିକେଟ ନେଇଥିଲେ ମଧ୍ୟ ୧୯ତମ ଓଭରରେ ୨୬ ରନ୍ ସହ ୪ ଓଭରରେ ୫୫ ରନ୍ ଦେଇଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୦୩ ରନ୍ କରିଛି। ଦଳ ପକ୍ଷରୁ ଉଭୟ ସୂର୍ଯ୍ୟକୁମାର ଓ ତିଲକ ୪୪ ରନ୍ ଲେଖାଏଁ କରିଥିଲେ। ପୂର୍ବରୁ ମାତ୍ର ୮ ରନ୍ କରି ରୋହିତ ଶର୍ମା ଆଉଟ ହେବା ପରେ ଜନ୍ନି ବେୟାରଷ୍ଟୋ ୨୪ ବଲ୍‌ରେ ୩୮ ରନ୍ କରି ଭଲ ଆରମ୍ଭ କରିଥିଲେ। ଶେଷଭାଗରେ ନମନ ଧୀରଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ମୁମ୍ବାଇ ଦୁଇ ଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ନମନ ୧୮ ବଲ୍‌ରେ ୭ଟି ଚୌକା ସହ ୩୭ ରନ୍ କରି ଶେଷ ଓଭରରେ ଆଉଟ ହୋଇଥିଲେ। ପଞ୍ଜାବ ପକ୍ଷରୁ ଆଜମତୁଲ୍ଲା ଓମରଜାଇ ସର୍ବାଧିକ ୨ଟି ୱିକେଟ ପାଇଥିଲେ।

**ରେକର୍ଡ** : ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ୧୬ ରନ୍ କରିବା ପରେ ଓପନିଂ କରି ନଥିବା ଖେଳାଳିଙ୍କ ମଧ୍ୟରେ ଗୋଟିଏ ସିଜନରେ ସର୍ବାଧିକ ରନ୍ କରିବାର ରେକର୍ଡ ଭାଙ୍ଗିଦେଇଥିଲେ। ପୂର୍ବରୁ ଗୋଟିଏ ସିଜନରେ ୬୮୭ ରନ୍ କରିଥିବା ବେଙ୍ଗାଲୁରୁର ଏବି ଡି ଭିଲିୟର୍ସଙ୍କ ନାମରେ ରହିଥିଲା। ୨୦୧୬ରେ ସେ ଏହି ରେକର୍ଡ କରିଥିଲେ। ଏହାର ୯ ବର୍ଷ ପରେ ସୂର୍ଯ୍ୟକୁମାର ଏହି ରେକର୍ଡକୁ ଭାଙ୍ଗିବାରେ ସମର୍ଥ ହୋଇଥିଲେ।ନାହିଁ। ଏଥର ପ୍ରଥମ ଟାଇଟଲ ଜିତିବାକୁ ଦଳ ନିକଟରେ ସୁଯୋଗ ରହିଛି।

## ରିଅଲ ମାଦ୍ରିଦ୍ ବିଶ୍ୱର ସବୁଠାରୁ ଧନୀ ଫୁଟବଲ କ୍ଲବ୍

ମାଦ୍ରିଦ୍,୧।୬ (ଏଜେନ୍ସି): ସ୍ପେନ୍‌ର ପେସାଦାର ଫୁଟବଲ କ୍ଲବ୍ ରିଅଲ ମାଦ୍ରିଦ୍ କ୍ରମାଗତ ଚତୁର୍ଥ ବର୍ଷ ଲାଗି ବିଶ୍ୱର ସବୁଠାରୁ ଦାମି କ୍ଲବ୍ ଭାବେ ବିଜନେସ୍ ମାଗାଜିନ୍ ଫୋର୍ବସ ପକ୍ଷରୁ ପ୍ରକାଶ ପାଇଛି। ଚଳିତବର୍ଷ ଏହି କ୍ଲବ୍ ୧.୧୩ ନିୟୁତ ଡଲାର ବିଲିୟନ୍ ଡଲାର ଆୟ କରିଛି। ଏହା ଫଳରେ ଦଳର ସମ୍ପତ୍ତିର ମୂଲ୍ୟ ୬.୬ ବିଲିୟନ ଡଲାରରେ ପହଞ୍ଚିଛି। ବିଶ୍ୱର ଦାମୀ କ୍ଲବ୍ ତାଲିକାରେ ଇଂଲଣ୍ଡର ମାଞ୍ଚେଷ୍ଟର ୟୁନାଇଟେଡ ଦ୍ୱିତୀୟ, ରିଅଲର ରିୟଲ ପ୍ରତିଦ୍ୱନ୍ଦ୍ୱୀ ବାର୍ସିଲୋନା ତୃତୀୟ ସ୍ଥାନରେ ରହିଛନ୍ତି। ଫୋର୍ବସ ପକ୍ଷରୁ ପ୍ରତିବର୍ଷ ଏହି ତାଲିକା ପ୍ରକାଶ କରାଯାଇଥାଏ।

ଫ୍ରେଞ୍ଚ ଓପନ୍

## କ୍ୱାର୍ଟରରେ ଭିଟୋଲିନା, ଆଲକାରାଜ୍

ପ୍ୟାରିସ, ୧।୬ (ଏଜେନ୍ସି): ଗତ ୨୨ ବର୍ଷରେ ପ୍ରଥମ ଆମେରିକୀୟ ଟେନିସ ଖେଳାଳି ଭାବେ ଟମି ପଲ୍ ବ୍ଲିଜଡ୍ ଫ୍ରେଞ୍ଚ ଓପନ୍ ପୁରୁଷ ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ୪ର୍ଥ ରାଉଣ୍ଡର ଏକ ମ୍ୟାଚରେ ବିଶ୍ୱର ୧୨ତମ ମାନ୍ୟତା ଟମି ୬-୩, ୬-୩, ୬-୩ ସିଧାସଳଖ ଗେମ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସି ପୋପିରିନଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଶେଷଥର ଲାଗି ଆମେରିକୀୟ ଭାବେ ୨୦୦୩ରେ ଆନ୍ଦ୍ରେ ଆଗାସୀ ଏଠାରେ କ୍ୱାର୍ଟର ଫାଇନାଲ ଖେଳିଥିଲେ। ସେହିଭଳି କାର୍ଲସ ଆଲକାରାଜ ଇଂଲଣ୍ଡର ବେନ୍ ସାଲ୍ଟନ୍‌ଙ୍କୁ ୭-୬, ୬-୩, ୪-୬, ୬-୪ ସେଟ୍‌ରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା, ପୋଲାଣ୍ଡର ଇଗା ସ୍ୱିଆଟେକ, ବେଲାରୁଷର ଆରିନା ସାବାଲେଙ୍କା ଓ ଚାଇନାର କ୍ୱିନୱିନ ଝେଙ୍ଗ୍ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଭିଟୋଲିନା ୪-୬, ୭-୬ (୮-୬), ୬-୧ରେ ଗତ ସଂସ୍କରଣର ଉପବିଜେତା ଇଟାଲୀର ଜସ୍ମିନ ପାଓଲିନଙ୍କୁ ହରାଇଥିଲେ। ପ୍ରଥମଥର ଲାଗି ଫ୍ରେଞ୍ଚ ଓପନର ରାଉଣ୍ଡ-୮ରେ ପହଞ୍ଚିଥିବା ଭିଟୋଲିନା କ୍ୱାର୍ଟରରେ ଡିଫେଣ୍ଡିଂ ଚାମ୍ପିଅନ ସ୍ୱିଆଟେକଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚରେ ସ୍ୱିଆଟେକ୍ ୧-୬, ୬-୩, ୭-୫ ସେଟରେ ଏଲିନା ରିବାକିନାଙ୍କୁ ହରାଇଥିଲେ। ସେହିଭଳି ବିଶ୍ୱମାନ୍ୟତାର ଏକ ନମ୍ବର ଖେଳାଳି ସାବାଲେଙ୍କା ୭-୫, ୬-୩ ସେଟରେ ଆମେରିକାର ଆମଣ୍ଡା ଆନିସିମୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।







କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ 'ଓମେନ୍ସ ଆଚିଭର୍ସ ଆୱାର୍ଡ' ପ୍ରଦାନ କରୁଛନ୍ତି ମେନକା ଗାନ୍ଧି।

## ଇଂଲଣ୍ଡକୁ ସିରିଜ ଜିତାଇଲେ ରୁଟ୍

କାର୍ଡିଫ, ୧।୬ (ଏଜେନ୍ସି): ଜୋ ରୁଟ୍‌ଙ୍କ ୧୬୬ ରନର ଅପରାଜିତ ଶତକୀୟ ପାଳି ବଳରେ ରବିବାର ଏଠାରେ ଖେଳାଯାଇଥିବା ୨ୟ ଏକଦିବସୀୟ ମ୍ୟାଚରେ ଇଂଲଣ୍ଡ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୪୭.୪ ଓଭରରେ ୩୦୮ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ କେସି କାର୍ଟି ୧୦୩ ରନ କରିଥିଲେ। ବୋଲିଂରେ ଇଂଲଣ୍ଡର ଆଦିଲ ରଶିଦ ୪ ଓ ସାକିବ ମହମ୍ମଦ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଇଂଲଣ୍ଡ ୭ ବଲ୍ ପୂର୍ବରୁ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୧୩୯ ବଲର ଶତକୀୟ ପାଳିରେ ରୁଟ୍ ୨୧ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହ୍ୟାରୀ ବ୍ରୁକ୍ ୪୭ ଓ ୱିଲ୍ ଜ୍ୟାକ୍ ୪୯ ରନ କରିଥିଲେ। ୱେଷ୍ଟଇଣ୍ଡିଜର ଆଲ୍‌ଜାରୀ ଜୋସେଫଙ୍କୁ ୪ଟି ୱିକେଟ୍ ମିଳିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ବିଜୟ ସହ ଇଂଲଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ମଧ୍ୟ ୱେଷ୍ଟଇଣ୍ଡିଜ ୨୩୮ ରନରେ ହାରିଥିଲା। ଅନ୍ତିମ ତଥା ୩ୟ ଏକଦିବସୀୟ ମଙ୍ଗଳବାର ଖେଳାଯିବ।

## ଓସିଏର କ୍ୟୁରେଟର୍ କର୍ମଶାଳା ଉଦ୍‌ଯାପିତ

କଟକ,୧।୬(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ତରଫରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା କ୍ୟୁରେଟର କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଆସାମ ଆଇସିଏଆର କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ପ୍ରଫେସର ଏସ.କେ ରାୟ, ଓୟୁଏଟିର ପ୍ରଫେସର ରବୀନ୍ଦ୍ର କୁମାର ନାୟକ, ପ୍ରଫେସର ରବିରତନ ଦାସ, ପ୍ରଫେସର ଉତ୍ତମ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏର ମୁଖ୍ୟ କ୍ୟୁରେଟର ଅଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତିନି ଦିନିଆ କର୍ମଶାଳାରେ ୪୯ଜଣ କ୍ୟୁରେଟର ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଉତ୍କୃଷ୍ଟ ପ୍ରଦର୍ଶନ ନିମନ୍ତେ ଅନୁଗୋଳ କ୍ରିକେଟ ଏକାଡେମୀର କ୍ୟୁରେଟର ଅଞ୍ଜନ କର, ସୋନପୁର କ୍ରିକେଟ ଏକାଡେମୀର କ୍ୟୁରେଟର ବି ସୁଦର୍ଶନ ପାତ୍ର ଏବଂ ସୁନ୍ଦରଗଡ଼ କ୍ରିକେଟ ଏକାଡେମୀର କ୍ୟୁରେଟର ଶୁଭମ ଦାସଙ୍କୁ ସମ୍ମାନିତ କରାଯିବା ସହ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଇଓ ସୁବ୍ରତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିସିସିଆଇ କ୍ୟୁରେଟର ପଙ୍କଜ ପଟ୍ଟନାୟକ, ଓସିଏ କ୍ୟୁରେଟର ବିଭୂ ଶତପଥୀ, ହୃଷିକେଶ ସିଂହ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ।

## ବିଶ୍ୱ ପାରା ଆଥ୍‌ଲେଟିକ୍ସରେ ଭାଗନେବେ ସୁଚିତ୍ରା

ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ସୋମବାରଠାରୁ ପ୍ୟାରିସ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରି ଆରମ୍ଭ ହେବ। ଏହି ବିଶ୍ୱସ୍ତରୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ସୁଚିତ୍ରା ପାତ୍ର ଦେଶ ତରଫରୁ ପ୍ରତିନିଧିତ୍ୱ କରିବେ। ସୁଚିତ୍ରା ମହିଳା ଥ୍ରୋ ଇଭେଣ୍ଟ (ଜାଭେଲିନ ଓ ସଟ୍‌ପୁଟ)ର ଏଫ୍-୫୫ ବର୍ଗରେ ଅଂଶଗ୍ରହଣ କରିବେ। ନିଜ କାଟାଗୋରୀରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ସୁଚିତ୍ରା ଚଳିତ ବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ନୂଆଦିଲ୍ଲୀ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ଚେନ୍ନାଇରେ ଆୟୋଜିତ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ମଧ୍ୟ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ୟାରିସ ଗ୍ରାଁପ୍ରିରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିବା ନେଇ ଓଡ଼ିଶା ପାରା କ୍ରୀଡ଼ା ସଂଘ ପକ୍ଷରୁ ସୁଚିତ୍ରାଙ୍କୁ ଶୁଭେଚ୍ଛା ଜଣାଯାଇଛି।



ଅରବିନ୍ଦ ସ୍ମାରକୀ କ୍ରିକେଟ

## ସେମିରେ ରାଇଜିଂ ଷ୍ଟୁଡେଣ୍ଟସ୍



ଭୁବନେଶ୍ୱର,୧।୬ (ସମିସ): କଟକର ରାଇଜିଂ ଷ୍ଟୁଡେଣ୍ଟସ ୩୩ ରନ୍‌ରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରି ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ରବିବାର ଆରମ୍ଭ ହୋଇଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଉଦଘାଟନୀ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ୨୯.୫ ଓଭରରେ ୧୭୨ ରନ୍ କରିଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ୭୨ ଓ ଅମିନ ଖାନ୍ ୩୧ ରନ କରିଥିଲେ। ରାମେଶ୍ୱରର ନିରଞ୍ଜନ ଗୌଡ଼କୁ ୬ଟି ୱିକେଟ ମିଳିଥିଲା। ଜବାବରେ ରାମେଶ୍ୱର ୩୬.୧ ଓଭରରେ ୧୫୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ମଲ୍ଲିକ ୩୯ ଓ ରାଜେଶ ମହାନ୍ତି ୨୭ ରନ୍ କରିଥିଲେ। ବିଜୟୀ ଦଳର ବିପ୍ଳବ ସାମନ୍ତରାୟ ସର୍ବାଧିକ ୩ଟି, ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଓ ସୋହେଲ ଖାନ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆସନ୍ତାକାଲି ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଓ କଟକର ୟୁନିଅନ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

# ଜାତୀୟ ଶିଶୁ ଚେସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ






ଖୋର୍ଦ୍ଧା,୧।୬ (ସମିସ)

ଅଲ୍ ଓଡ଼ିଶା ଚେସ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, କେଟି ଗ୍ଲୋବାଲ ସ୍କୁଲ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ସହଯୋଗରେ ୩୮ତମ ଜାତୀୟ ରାଜ୍ୟ ୭ ବର୍ଷରୁ କମ୍ ବା ଶିଶୁ ଚେସ ପ୍ରତିଯୋଗିତା ରବିବାର ଆରମ୍ଭ ହୋଇଛି। ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ପରିସରରେ ରବିବାର ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଗୌତମ ପାଣିଗ୍ରାହୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଜୁନ୍ ୫ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ୯ ରାଉଣ୍ଡ ବିଶିଷ୍ଟ ହେବ। ଏଥିରେ ଓପନ ବା ବାଳକ ବିଭାଗରେ ୨୧୭ ଓ ବାଳିକା ବିଭାଗରେ ୧୨୭ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ରେକର୍ଡ ୩୪ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଭାଗନେଉଥିଲାବେଳେ ବାଳିକା ବିଭାଗରେ ଅନ୍ୱେଷା ମିଶ୍ର ଟପ୍ ସିଡ୍ ରହିଛନ୍ତି। ପୁରସ୍କାର ବାବଦରେ ଉଭୟ ବିଭାଗରେ ୨୦ ଜଣ ଲେଖାଏଁ ଖେଳାଳିଙ୍କୁ ମୋଟ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ପ୍ରତ୍ୟେକ ବିଭାଗର ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ୫୦,୦୦୦ ଲେଖାଏଁ ଟଙ୍କା ପ୍ରଦାନ କରାଯିବ।

ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେଟି ଗ୍ଲୋବାଲ ସ୍କୁଲର ଚେୟାରମ୍ୟାନ୍ ସୋମାଦତ୍ତ ବେହୁରିଆ, ଆଇଏମ୍ ସ୍ୱଙ୍ଗଶୁ ସତ୍ୟପ୍ରାଜ୍ଞ, ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ଅଲ୍‌ଓଡ଼ିଶା ଚେସ ସଂଘ ସମ୍ପାଦକ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲାବେଳେ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଥିଲାବେଳେ ଆର୍ବିଟର ତାପସ କୁମାର ମହାନ୍ତି, ଜ୍ୟୋତିଶଙ୍କର ନନ୍ଦ, ବିରଞ୍ଚିନାରାୟଣ ସାହୁ ଓ ସମ୍ବିତ ସ୍ୱାଇଁ ପ୍ରମୁଖ ଖେଳ ଚରିଚାଳନା କରୁଛନ୍ତି।

ଏସ୍‌ଏସ୍‌ଏନ୍ ସ୍ମାରକୀ ରାଜ୍ୟ ଓପନ ଚେସ୍

## ଟାଇଟଲ୍ ଜିତିଲେ ରବୀନ୍ଦ୍ର ଓଝା



ଭୁବନେଶ୍ୱର, ୧।୬ (ସମିସ): ଓଡ଼ିଶାର ବରିଷ୍ଠ ଚେସ୍ ପ୍ରଶିକ୍ଷକ କଟକର ରବୀନ୍ଦ୍ର କୁମାର ଓଝା ପ୍ରଥମ ସମୀରନ ସୁକୁମାର ନାୟକ (ଏସ୍‌ଏସ୍‌ଏନ୍) ସ୍ମାରକୀ ପ୍ରଥମ ରାଜ୍ୟସ୍ତରୀୟ ଚେସ ପ୍ରତିଯୋଗିତାରେ ଟାଇଟଲ ବିଜୟୀ ହୋଇଛନ୍ତି। ରାଜଧାନୀ ଉପକଣ୍ଠ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ରବୀନ୍ଦ୍ର ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଜଟଣୀର ସ୍ଥିତପ୍ରଜ୍ଞ ସାହୁ ରନର୍ସଅପ୍, କଟକର ଲଳିତ ରଞ୍ଜନ ସାହୁ ତୃତୀୟ, କନ୍ଧମାଳର ଲରେନ୍ସ କୁମାର ପ୍ରଧାନ ଚତୁର୍ଥ, ପୁରୀର ମହେଶ ପ୍ରସାଦ ସେଠୀ ପଞ୍ଚମ, ଭୁବନେଶ୍ୱରର ଆଦର୍ଶ କୁମାର ରାଉତ ଷଷ୍ଠ ଓ ସୁରଜିତ ନାୟକ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ପଶ୍ଚିମବଙ୍ଗର ଶୁଭ୍ରଜିତ ଦତ୍ତ, ଭୁବନେଶ୍ୱରର ଦୁଇ ଖେଳାଳି ହୃଦୟ ଚାୱଡ଼ା ଓ ହର ଚାଟାର୍ଜୀ ଯଥାକ୍ରମେ ୮ମରୁ ୧୦ମ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଟିସିଏସ୍ ପ୍ରୋଜେକ୍ଟ ମୁଖ୍ୟ ଦୀପ୍ତିରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ରୟାଲ ପବ୍ଲିକ୍ ସ୍କୁଲ୍‌ର ଉପାଧ୍ୟକ୍ଷ ପ୍ରଜ୍ଞାପାରମିତା ସାହୁ, ସମୀରନଙ୍କ ମା' ମଧୁସ୍ମିତା ଓ ଭଉଣୀ ଦୀପାନ୍ୱିତା ନାୟକଙ୍କ ସମେତ ଆୟୋଜକ ଓଡ଼ିଶା ରାଜ୍ୟ ଚେସ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଅନ୍ତର୍ଜାତୀୟ ପାରା ଫେନ୍ସିଂରେ ମାଲତୀଙ୍କୁ ରୌପ୍ୟ

ଭୁବନେଶ୍ୱର, ୧।୬ (ସମିସ): ଫ୍ରାନ୍ସରେ ଚାଲିଥିବା ୨୦୨୫ ପାରା ଫେନ୍ସିଂ (ଅସିଚାଳନା) ସାଟେଲାଇଟ୍ ଟୁର୍ଣ୍ଣାମେଣ୍ଟ 'ୱିଲିୟମ ଅଫ୍ ଓରେଞ୍ଜ'ରେ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ଚମକ ଦେଖିବାକୁ ମିଳିଛି। ପ୍ରଥମ ଦିବସରେ ଓଡ଼ିଶାର ମାଳତୀ ପାନୌରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫଳରେ ଏହି ଅନ୍ତର୍ଜାତୀୟ ପାରା ଫେନ୍ସିଂ ଟୁର୍ଣ୍ଣାମେଣ୍ଟରେ ମାଳତୀ ଦେଶ ପାଇଁ ପଦକ ଖାତା ଖୋଲିଛନ୍ତି। ମାଳତୀ ମହିଳା ଫଏଲ୍ ବ୍ୟକ୍ତିଗତରେ ଏହି ସଫଳତା ପାଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ଅନ୍ୟମାନଙ୍କ ମଧ୍ୟରେ ଓମପ୍ରକାଶ ବେହେରା, ମଧୁସ୍ମିତା ସାହୁ ଓ ରାକେଶ କୁମାର ସେଠୀ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS